# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୩/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, November 3/2025 | Page 12 | ₹ 7.00 | BERHAMPUR

୫୧ଶ ଭାଗ ୩୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 337 | ମୂଲ୍ୟ ₹୭/-




### ଜେନ୍ ଜି ଅବତାରରେ ଶାହରୁଖ

ରବିବାର ୬୦ ବର୍ଷରେ ପଦାର୍ପଣ କରିଥିବା ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କ ଆଗାମୀ ଚଳଚ୍ଚିତ୍ର 'କିଙ୍ଗ୍'ର ଟିଜର ରିଲିଜ୍ ହୋଇଛି, ଯହିଁରେ ତାଙ୍କୁ ଜେନ୍ ଜି ଭୂମିକାରେ ଦେଖିବାକୁ ମିଳିବ।

୦୨

୧୨

### ଅର୍ଶଦୀପ ପ୍ଲେୟର ଅଫ୍ ଦି ମ୍ୟାଚ

ଅଷ୍ଟ୍ରେଲିଆ ବିପକ୍ଷ ୩ୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଭାରତୀୟ ବୋଲର ଅର୍ଶଦୀପ ସିଂ।



# ଅସମ୍ଭାଳ ଭିଡ଼

## ଭିଡ଼ ନିୟନ୍ତ୍ରଣରେ ପୋଲିସ ବିଫଳ

**ପୁରୀ,୨।୧୧(ଅଜିତ୍ କୁମାର ମହାନ୍ତି)**

କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥି ତଥା ରବିବାରଠାରୁ ପଞ୍ଚକ ବ୍ରତ ଆରମ୍ଭ ହୋଇଛି। ଚଳିତବର୍ଷ ତିଥି କ୍ଷୟ ଯାଉଥିବାରୁ ପଞ୍ଚକ ବ୍ରତ ୫ଦିନ ପରିବର୍ତ୍ତେ ୪ ଦିନ ଅନୁଷ୍ଠିତ ହେବ। ପଞ୍ଚକର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଅସମ୍ଭାଳ ଭିଡ଼ ହୋଇଥିବା ଜଣାପଡ଼ିଛି। ପ୍ରଥମ ଦିନ ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ଠିଆକିଆ ବେଶ ବା ଲକ୍ଷ୍ମୀନାରାୟଣ ବେଶରେ ସଜ୍ଜିତ କରାଯାଇଥିବା ବେଳେ ଦର୍ଶନ ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରବଳ ଭିଡ଼ ହେତୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ ହୋଇଛି। ଫଳରେ ଭକ୍ତମାନଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ବ୍ୟବସ୍ଥାକୁ ଶ୍ରଦ୍ଧାଳୁମାନେ ନାପସନ୍ଦ କରିଛନ୍ତି।

ଶ୍ରୀମନ୍ଦିରରେ କେବଳ ସିଂହଦ୍ୱାର ଦେଇ ପ୍ରବେଶ ସହ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ ନିମନ୍ତେ ବ୍ୟବସ୍ଥା ଥିବାରୁ ଭକ୍ତମାନେ ପ୍ରଶାସନ ପକ୍ଷରୁ ମାର୍କେଟଛକ ନିକଟରୁ କରାଯାଇଥିବା ବ୍ୟାରିକେଡ୍‌ରେ ଆସି ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଭକ୍ତଙ୍କ ସୁବିଧା ନିମନ୍ତେ ବ୍ୟାରିକେଡ୍ ମଧ୍ୟରେ ଖରାରୁ ରକ୍ଷା ପାଇଁ ଛାଇର ବ୍ୟବସ୍ଥା କରାଯାଇଥିଲା। ପାନୀୟ ଜଳର ସୁବିଧା କରାଯାଇଥିଲେ ମଧ୍ୟ ସେପରି ଦେଖିବାକୁ ମିଳି ନ ଥିଲା କି ଫ୍ୟାନ୍‌ର ବ୍ୟବସ୍ଥା ମଧ୍ୟ ନ ଥିଲା, ଯାହାକୁ ନେଇ ଅନେକ ଭକ୍ତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସେହିପରି ପ୍ରଶାସନ ପକ୍ଷରୁ ପୁରୀବାସୀ ତଥା ବରିଷ୍ଠ ନାଗରିକଙ୍କ ଦର୍ଶନ ନେଇ ସେପରି କୌଣସି ବ୍ୟବସ୍ଥା ହୋଇ ନ ଥିଲା। ମହାପ୍ରସାଦ ପାଇଁ ଉତ୍ତର ଦ୍ୱାର ଠାରେ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଠିଆହେବାକୁ ପଡ଼ିଥିଲା। ଅପରପକ୍ଷରେ ଦର୍ଶନ ବ୍ୟବସ୍ଥାରେ ମଧ୍ୟ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଭକ୍ତଙ୍କ ନିମନ୍ତେ ☞ପୃଷ୍ଠା-୪



ପୁରୀ ଶ୍ରୀମନ୍ଦିରରେ ପଞ୍ଚକର ପ୍ରଥମଦିନରେ ରବିବାର ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ : ଯଜ୍ଞେଶ୍ୱର ମହାନ୍ତି)

# ରୁଚି ମସଲା ପ୍ରତିଷ୍ଠାତା ଶରତ ସାହୁଙ୍କ ପରଲୋକ

## ମୁଖ୍ୟମନ୍ତ୍ରୀଙ୍କ ଶୋକ



**କଟକ,୨।୧୧(କାର୍ତ୍ତିକ ସାହୁ)**

ଓଡ଼ିଶା ମସଲା ଶିଳ୍ପରେ କ୍ରାନ୍ତି ଆଣିଥିବା ବିଶିଷ୍ଟ ଶିଳ୍ପପତି ତଥା ରୁଚି ମସଲାର ପ୍ରତିଷ୍ଠାତା ଡକ୍ଟର ଶରତ କୁମାର ସାହୁଙ୍କର ରବିବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୁମ୍ବାଇର ଲୀଳାବତୀ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ଶିଳ୍ପ ଜଗତ ସହ ସମ୍ପୃକ୍ତ ବ୍ୟକ୍ତିମାନେ ଶୋକପ୍ରକାଶ କରିଛନ୍ତି। ସେ ୧୯୭୬ରେ କଟକସ୍ଥିତ ମଧୁପାଟଣା ଶିଳ୍ପାଞ୍ଚଳରେ ରୁଚି କମ୍ପାନି ପ୍ରତିଷ୍ଠା କରି ଓଡ଼ିଶାର ଘରେ ଘରେ ରୁଚି ମସଲାକୁ ☞ପୃଷ୍ଠା-୪

# ୧୦୦୦ କୋଟି ଟଙ୍କାର ଡିଲ୍

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି

- ପୂର୍ବ ସରକାରଙ୍କୁ ଟାର୍ଗେଟ କଲେ ଶଙ୍କର ପ୍ରୁଷ୍ଟି
- କ୍ରାଇମବ୍ରାଞ୍ଚ ଅଫିସ୍‌ରେ ଶଙ୍କର-ମୁନାଙ୍କୁ ମୁହାଁମୁହିଁ ଜେରା

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତିରେ ହଜାରେ କୋଟିର ଡିଲ୍ ହୋଇଛି। ଏଥିରେ ପୂର୍ବ ସରକାରଙ୍କ ସମ୍ପୃକ୍ତି ରହିଥିଲା ବୋଲି ଘଟଣାର ମାଷ୍ଟର ମାଇଣ୍ଡ ଶଙ୍କର ପ୍ରୁଷ୍ଟି ରବିବାର ପ୍ରଘଟ କରିଛନ୍ତି। ନେପାଳ ସୀମା ଉତ୍ତରାଖଣ୍ଡରୁ ଶନିବାର ରାତିରେ ଶଙ୍କରଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରି ରବିବାର ସକାଳେ ଭୁବନେଶ୍ୱର ଆଣିଥିଲା। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଶଙ୍କର ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ବଡ଼ ଦୁର୍ନୀତି ହୋଇଛି। ଏହି ଘଟଣାରେ ଅନେକ ବଡ଼ ଲୋକଙ୍କ ସମ୍ପୃକ୍ତି ରହିଛି। ଶଙ୍କରଙ୍କ ଏଭଳି ରାଜନୈତିକ ଲିଙ୍କ୍ ଟାର୍ଗେଟ ପରେ ବୟାନବାଜି ଆରମ୍ଭ ହୋଇଯାଇଛି। ଉଭୟ ଭାଜପା ଓ ବିଜେଡି ପରସ୍ପରକୁ ଆରୋପ ପତ୍ୟାରୋପ କରିଛନ୍ତି।**



**ଭୁବନେଶ୍ୱର,୨।୧୧(ସତ୍ୟଜିତ ରାଉତ)**

ଶଙ୍କରଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ବିମାନ ଯୋଗେ ଦିଲ୍ଲୀରୁ ଭୁବନେଶ୍ୱର ଆଣିଥିଲା। ରବିବାର ସକାଳେ ଭୁବନେଶ୍ୱର ଏୟାରପୋର୍ଟରୁ ଶଙ୍କର ବାହାରିବା ପରେ ଗଣମାଧ୍ୟମକୁ ଚାଞ୍ଚଲ୍ୟକର ବୟାନ ଦେଇ କହିଥିଲେ, ସେ ଯଦି ସରେଣ୍ଡର କରି ନ ଥାନ୍ତେ ପୂର୍ବ ସରକାରଙ୍କ ହଜାରେ କୋଟିର ଡିଲ୍ ସାମ୍ନାକୁ ଆସିଥାନ୍ତା କେମିତି ? ପରୀକ୍ଷା ବାତିଲ୍ କରିବା ପାଇଁ ଯେଉଁ ଷଡ଼ଯନ୍ତ୍ର ହୋଇଥିଲା, ଷଡ଼ଯନ୍ତ୍ର ଯିଏ କରିଥିଲେ, ତାହାର ସବୁ ତଥ୍ୟ ସରକାରଙ୍କୁ ଦିଆଯିବ। ସେ ଲୁଚି ନ ଥିଲେ ବରଂ ନିୟମ ଅନୁଯାୟୀ ସାମ୍ନା କରିଥିଲେ ବୋଲି ଶଙ୍କର କହିଛନ୍ତି। ଏପରିକି ହାଇକୋର୍ଟରେ ଜାମିନ ଆବେଦନ କରାଯାଇଥିଲା। ସୁପ୍ରିମକୋର୍ଟରେ ମଧ୍ୟ ଆବେଦନ କରିଥାନ୍ତେ। ହାଇକୋର୍ଟ ସମୟ ଦେଇଥିଲେ। ସ୍ତ୍ରୀଙ୍କ ନାଁରେ କୌଣସି ମାମଲା ନାହିଁ। ଗିରଫ ଅଭିଯୁକ୍ତମାନଙ୍କ ତଥ୍ୟ ବାହାର କରନ୍ତୁ। କାହା ସହ ତାଙ୍କର ସମ୍ପର୍କ ନାହିଁ ବୋଲି ଶଙ୍କର କହିଛନ୍ତି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଶଙ୍କରଙ୍କଠାରୁ ଫର୍ଚ୍ୟୁନର କାର୍ (ଓଡି୦୭ଏୟୁ୯୭୭୭), ୩ ମୋବାଇଲ, ପାସ୍‌ପୋର୍ଟ ଓ ମାମଲା ସମ୍ବନ୍ଧୀୟ ଅନ୍ୟାନ୍ୟ ଦସ୍ତାବିଜ୍ ଜବତ କରିଛି। ତାଙ୍କ ବିରୋଧରେ ବିଏନ୍‌ଏସ୍ ଦଫା ୩୧୯(୨), ୩୧୮(୪), ୩୩୮, ୩୩୬(୩), ୩୪୦(୨), ୧୧୧, ୬୧(୨), ୩(୫) ଏବଂ ଓଡ଼ିଶା ପବ୍ଲିକ୍ ଏକ୍‌ଜାମିନେଶନ୍ (ପ୍ରିଭେନଶନ୍ ଅଫ୍ ଅନ୍‌ଫେୟାର ମିନ୍ସ) ଆକ୍ଟ, ୨୦୦୪ର ସେକ୍ସନ ୧୧(୧) ଓ ୧୨(୧) ଲଗାଯାଇଛି। ଶଙ୍କରଙ୍କୁ ଏୟାରପୋର୍ଟରୁ ସିଧା କଟକସ୍ଥିତ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ପୂର୍ବରୁ ରିମାଣ୍ଡରେ ଆସିଥିବା ଘନିଷ୍ଠ ସହଯୋଗୀ ମୁନା ମହାନ୍ତିଙ୍କ ସହ ଶଙ୍କରଙ୍କର ମୁହାଁମୁହିଁ ଜେରା କରାଯାଇଛି। ଜେରା ବେଳେ କ୍ରାଇମବ୍ରାଞ୍ଚ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବା ସୂଚନା ମିଳିଛି। ଅଭିଯୁକ୍ତ ଶଙ୍କରଙ୍କୁ ସୋମବାର ବ୍ରହ୍ମପୁର ନିଆଯିବ। ମାମଲା ଚାଲିଥିବା ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ତାଙ୍କୁ ହାଜର କରାଯିବ। ତେବେ ଶଙ୍କରଙ୍କୁ ରିମାଣ୍ଡରେ ଆଣିବାକୁ ବିଚାରପତିଙ୍କ ନିକଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବେଦନ କରାଯାଇପାରେ ବୋଲି ଜଣାପଡିଛି। ଏହି ମାମଲାରେ ପୂର୍ବରୁ ☞ପୃଷ୍ଠା-୪

# ସ୍ମୃତି-ଶେଫାଳିଙ୍କ ଶତକୀୟ ଭାଗୀଦାରି

**ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଫାଇନାଲ**

**ନବି ମୁମ୍ବାଇ, ୨।୧୧**

ସ୍ଥାନୀୟ ଡି.ୱାଇ. ପାଟିଲ ଷ୍ଟାଡିୟମରେ ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦିନିକିଆ ମହିଳା କ୍ରିକେଟ ବିଶ୍ୱକପ୍‌ର ଫାଇନାଲ ଅନୁଷ୍ଠିତ ହୋଇଛି। ଓପନିଂ ଯୋଡ଼ିରେ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମାଙ୍କ ଶତକୀୟ ଭାଗୀଦାରି ବଳରେ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୯୮ ରନ ସଂଗ୍ରହ କରିଛି। ଏହା ପୂର୍ବରୁ ଭାରତ ୨୦୦୫ ଓ ୨୦୧୭ ବିଶ୍ୱକପ୍‌ରେ ରନରଅପ୍ ହୋଇଥିଲା। ରିପୋର୍ଟ ପ୍ରସ୍ତୁତ ବେଳକୁ ଦକ୍ଷିଣ ଆଫ୍ରିକା ୧୫ ଓଭରରେ ୨ ଉଇକେଟ ହରାଇ ୭୮ ରନ୍ ସଂଗ୍ରହ କରିଛି।

ବର୍ଷା ଯୋଗୁ ମ୍ୟାଚ ପାଖାପାଖି ୨ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ୱୋଲଭାର୍ଡଟ। ଭାରତର ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ି ଦଳ ପାଇଁ ବଡ଼ ସ୍କୋରର ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦୁହେଁ ୧୦୬ ବଲ୍‌ରୁ ୧୦୪ ରନର ପାର୍ଟନରଶିପ୍ ଗଢ଼ିବା ପରେ ୧୮ତମ ଓଭରର ☞ପୃଷ୍ଠା-୪



ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା

# କକ୍ଷପଥରେ ସବୁଠୁ ଓଜନଦାର ସାଟେଲାଇଟ୍

## ଇତିହାସ ରଚିଲା ଇସ୍ରୋ

**ଶ୍ରୀହରିକୋଟା,୨।୧୧(ପି.ଟି.)**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଭାରତ ମାଟିରୁ ସବୁଠୁ ଓଜନଦାର ଯୋଗାଯୋଗ ଉପଗ୍ରହକୁ ରବିବାର କକ୍ଷପଥରେ ଅବସ୍ଥାପିତ କରି ଇତିହାସ ସୃଷ୍ଟି କରିଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚ୍ ପ୍ୟାଡ୍‌ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ନୂଆ ପିଢ଼ିର 'ବାହୁବଳୀ' ରକେଟ ଏଲ୍‌ଭିଏମ୍୩-ଏମ୍୫ ସହାୟତାରେ ୪,୪୧୦ କିଲୋଗ୍ରାମ ଓଜନ ବିଶିଷ୍ଟ କମ୍ୟୁନିକେଶନ ସାଟେଲାଇଟ୍ ସିଏମ୍‌ଏସ୍-୦୩କୁ ସଫଳତାର ସହ ଏହାର ନିର୍ଦ୍ଧାରିତ କକ୍ଷପଥରେ ଅବସ୍ଥାପିତ କରାଯାଇଛି। ଏହା ଭାରତୀୟ ମହାକାଶ ସଂସ୍ଥା ପାଇଁ ଏକ ବିରଳ ସଫଳତା। ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

ସିଏମ୍‌ଏସ୍-୦୩ ଏକ ମଲ୍ଟି-ବ୍ୟାଣ୍ଡ ଯୋଗାଯୋଗ ଉପଗ୍ରହ, ଯାହା ଭାରତୀୟ ଭୂଖଣ୍ଡ ସମେତ ବିସ୍ତୃତ ମହାସାଗର ଅଞ୍ଚଳ ଉପରେ ସେବା ପ୍ରଦାନ କରିବ ବୋଲି ଇସ୍ରୋ କହିଛି। ଭୂ-ସମକାଳିକ ସ୍ଥାନାନ୍ତର କକ୍ଷ(ଜିଟିଓ)ରେ ଅବସ୍ଥାପିତ ଏହି ସାଟେଲାଇଟ୍ ୨୦୧୩ରେ ଲଞ୍ଚ୍ ହୋଇଥିବା ଜିସାଟ୍ ୭ ସିରିଜ୍ ସ୍ଥାନରେ ସେବା ପ୍ରଦାନ କରିବ। ଯୋଗାଯୋଗ ଉପଗ୍ରହ ଆବଶ୍ୟକ କକ୍ଷପଥରେ ସଫଳତାର ସହ ଅବସ୍ଥାପିତ ହୋଇଥିବା ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି। ଏହା ବହୁତ ଓଜନଦାର ହୋଇଥିବାରୁ ଏଥିପାଇଁ ବାହୁବଳୀ ରକେଟର ବ୍ୟବହାର କରାଯାଇଥିଲା। ପୂର୍ବରୁ ଉକ୍ତ ରକେଟ ଚନ୍ଦ୍ରୟାନ-୩କୁ ମହାକାଶକୁ ପ୍ରେରଣ କରି ଦେଶ ପାଇଁ ଗର୍ବ ଆଣିଥିଲା। ସିଏମ୍‌ଏସ୍-୦୩ ସାଟେଲାଇଟ୍‌କୁ ଏଭଳି ଭାବେ ଡିଜାଇନ୍ କରାଯାଇଛି, ଯେପରି ଏହା ଅନ୍ୟୂନ ୧୫ ବର୍ଷ ପାଇଁ ସେବା ପ୍ରଦାନ କରିବ। ଆତ୍ମନିର୍ଭର ଭାରତର ଏହା ଆଉ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ବୋଲି ନାରାୟଣନ କହିଛନ୍ତି। ପାଗ ଅନୁକୂଳ ହେଉ ନ ଥିବାରୁ ଏହି ମିଶନ ପାଇଁ ଇସ୍ରୋ ବୈଜ୍ଞାନିକମାନଙ୍କୁ ବହୁତ କଠିନ ସମୟ ଦେଇ ଗତି କରିବାକୁ ପଡ଼ିଥିଲା। ତେବେ ସେମାନେ କଠିନ ପରିଶ୍ରମ କରି ସଫଳତା ସୁନିଶ୍ଚିତ କରିଥିଲେ। ଓଜନଦାର ସାଟେଲାଇଟ୍ ଲଞ୍ଚ୍ ପାଇଁ ଇସ୍ରୋ ପୂର୍ବରୁ ଫ୍ରେଞ୍ଚ୍ ଗୁଆନାର କୋଉରୋଇ ଲଞ୍ଚ୍ ବେସ୍ ଏବଂ ଫ୍ରାନ୍ସ କମ୍ପାନୀର ଆରିଆନ୍ ରକେଟକୁ ବ୍ୟବହାର କରୁଥିଲା। ୨୦୧୮ରେ ଇସ୍ରୋ ଏହାର ସବୁଠୁ ଓଜନଦାର ସାଟେଲାଇଟ୍ ଜିସାଟ୍-୧୧କୁ ଫ୍ରେଞ୍ଚ୍ ଗୁଆନାରୁ ଆରିଆନ୍-୫ ଭିଏ-୨୪୬ ସହାୟତାରେ ମହାକାଶକୁ ଛାଡ଼ିଥିଲା। ଉକ୍ତ ସାଟେଲାଇଟ୍‌ର ଓଜନ ଥିଲା ୫,୮୫୪ କିଲୋଗ୍ରାମ୍। ସିଏମ୍‌ଏସ୍-୦୩ ସାଟେଲାଇଟ୍‌କୁ ଲଞ୍ଚ୍ କରିବାରେ ବ୍ୟବହୃତ ☞ପୃଷ୍ଠା-୪



# ରାଶନ କାର୍ଡ ଇ-କେୱାଇସି ଅବଧି ଡିସେମ୍ବର ୩୧କୁ ବୃଦ୍ଧି

**ଭୁବନେଶ୍ୱର,୨।୧୧ (ରବିନାରାୟଣ ଜେନା)**

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ରାଜ୍ୟର ସମସ୍ତ ପି.ଡି.ଏସ୍. ହିତାଧିକାରୀଙ୍କ ପାଇଁ ସରକାର ରାଶନକାର୍ଡର ଇ-କେୱାଇସି ଅବଧିକୁ ଡିସେମ୍ବର ୩୧ ଯାଏ ବୃଦ୍ଧି କରିଛନ୍ତି। ରବିବାର ଏ ସଂକ୍ରାନ୍ତରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ସମସ୍ତ ହିତାଧିକାରୀଙ୍କ ଆଧାରଭିତ୍ତିକ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ସମସ୍ତ ୧୧,୮୨୭ ଗୋଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ ଗୋଟି ବ୍ଲକ ଓ ୬୪ ଗୋଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାଶନ କାର୍ଡ ପରିଚାଳନା କେନ୍ଦ୍ରଗୁଡ଼ିକରେ ଏହା ଜାରି ରହିଛି । ବିଭାଗ ପକ୍ଷରୁ କୁହାଯାଇଛି, ଅଦ୍ୟାବଧି ଇ-କେୱାଇସି କରାଇପାରି ନ ଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପି.ଡି.ଏସ୍. ସାମଗ୍ରୀ ପୂର୍ବଭଳି ପ୍ରଦାନ କରାଯାଉଛି । କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେୱାଇସି ହୋଇ ନ ଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ। ଏହି ଇ-କେୱାଇସି ପ୍ରକ୍ରିୟା ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲୁରହିବ। ତେଣୁ ଏପର୍ଯ୍ୟନ୍ତ କୌଣସି କାରଣରୁ ଇ-କେୱାଇସି କରି ନ ଥିବା ହିତାଧିକାରୀମାନେ ଏହି ଅବଧି ମଧ୍ୟରେ ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ ବା ରାଶନ କାର୍ଡ ପରିଚାଳନା କେନ୍ଦ୍ରକୁ ଯାଇ ନିଜ ଆଧାର ଯୁକ୍ତ ଇ-କେୱାଇସି କରାଇବା ଆବଶ୍ୟକ; ଯାହାଫଳରେ କି ସେମାନେ ସରକାରୀ ସୁବିଧା ନିୟମିତ ଭାବେ ପାଇପାରିବେ।

# ମେକ୍ସିକୋ ଷ୍ଟୋରରେ ବିସ୍ଫୋରଣ: ୨୩ ମୃତ

**ମେକ୍ସିକୋ ସିଟି,୨।୧୧(ଏପି/ବିବିସି)**

ମେକ୍ସିକୋର ଏକ ଡିପାର୍ଟମେଣ୍ଟାଲ ଷ୍ଟୋରରେ ବିସ୍ଫୋରଣ ଘଟି ନିଆଁ ଲାଗିଯିବାରୁ ୨୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ଛୋଟ ପିଲା ଅଛନ୍ତି। ସୋନୋରା ରାଜ୍ୟର ରାଜଧାନୀ ହେର୍ମୋସିଲୋସ୍ଥିତ ମେକ୍ସିକୋର ସର୍ବବୃହତ୍ ଡିସ୍‌କାଉଣ୍ଟ ଚେନ୍ ୱାଲ୍‌ଡୋର ଏକ ଶାଖା ରହିଛି। ମେକ୍ସିକୋରେ ଶନିବାର 'ଡେ ଅଫ୍ ଦି ଡେଡ୍' ଉତ୍ସବ ପାଳନରେ ଲୋକେ ବ୍ୟସ୍ତ ଥିବାବେଳେ ସିଟି ସେଣ୍ଟରର ଏହି ଡିପାର୍ଟମେଣ୍ଟାଲ ଷ୍ଟୋରରେ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଲୋକେ ଉକ୍ତ ଷ୍ଟୋରରେ କିଣାକିଣି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସମସ୍ତେ ଜଲ୍‌ଦିରେ**



ବିହାରକୁ ନିର୍ବାଚନ ପ୍ରଚାରରେ ଯାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ବେଗୁସରାଇରେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ସହ ପୁଷ୍କରିଣୀରେ ମାଛ ଧରିବା ପାଇଁ ଉଦ୍ୟମ କରୁଛନ୍ତି। ତାଙ୍କ ସହ ରାଜ୍ୟର ପୂର୍ବତନ ମନ୍ତ୍ରୀ ତଥା ବିକାଶଶୀଳ ଇନ୍‌ସାଫ ପାର୍ଟି ନେତା ମୁକେଶ ସାହନି ଅଛନ୍ତି।

# ଟ୍ରକ୍‌କୁ ଧକ୍କାଦେଲା ଟ୍ରାଭେଲର: ୧୫ ମୃତ

ଯୋଧପୁର, ୨।୧୧



ରାଜସ୍ଥାନର ଯୋଧପୁର ଅନ୍ତର୍ଗତ ଭାରତ ମାଲା ଏକ୍ସପ୍ରେସ୍‌ୱେରେ ରବିବାର ରାତିରେ ଛିଡ଼ାହୋଇଥିବା ଏକ ଟ୍ରକ୍‌କୁ ଟ୍ରାଭେଲର ଧକ୍କା ଦେବାରୁ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ୩ ଜଣ ଆହତ ହୋଇଛନ୍ତି। ଶ୍ରଦ୍ଧାଳୁମାନେ କୋଲାୟାତ୍ ମନ୍ଦିର ଦର୍ଶନ କରିବା ପରେ ଟେମ୍ପୋ ଟ୍ରାଭେଲରରେ ଯୋଧପୁର ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ସମସ୍ତ ମୃତକଙ୍କ ଘର ଯୋଧପୁରର ଫାଲୋଡ଼ି ଅଞ୍ଚଳରେ ବୋଲି ସ୍ଥାନୀୟ ଏସ୍‌ପି କହିଛନ୍ତି। ଆହତଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରୁ ଗ୍ରୀନ୍ କରିଡର ଜରିଆରେ ଯୋଧପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ କହିବା ଅନୁଯାୟୀ, ଦ୍ରୁତ ବେଗରେ ଆସୁଥିବା ଟେମ୍ପୋ ଟ୍ରାଭେଲରଟି ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବା ଟ୍ରକ୍‌କୁ ଧକ୍କା ଦେବା ଫଳରେ ସମ୍ପୂର୍ଣ୍ଣ ଚୂର୍‌ମାର ହୋଇଯାଇଛି।

# ଆଜି ବୁଲା କୁକୁର ମାମଲାର ଶୁଣାଣି

## ହାଜର ହେବେ ରାଜ୍ୟ ମୁଖ୍ୟ ସଚିବ

ନୂଆଦିଲ୍ଲୀ, ୨।୧୧(ପି.ଟି.)

ବୁଲା କୁକୁର ସମ୍ପର୍କିତ ମାମଲାର ଶୁଣାଣି ସୋମବାର ସୁପ୍ରିମକୋର୍ଟରେ ହେବାକୁ ଯାଉଥିବାବେଳେ ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନା ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାଣୀ ଜନ୍ମ ନିୟନ୍ତ୍ରଣ ନିୟମାବଳୀ କାର୍ଯ୍ୟକାରୀ କରିବା ପାଇଁ ଅଗଷ୍ଟ ୨୨ରେ ସର୍ବୋଚ୍ଚ ଅଦାଲତ ଦେଇଥିବା ନିର୍ଦ୍ଦେଶନାମା କାହିଁକି ଅନୁପାଳନ ହୋଇନାହିଁ, ତା'ର ସ୍ପଷ୍ଟୀକରଣ ଦେବାକୁ ଗତ ୨୭ ତାରିଖରେ ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଟ୍ୟୁଶନ ଯାଉଥିବା ନାବାଳିକାଙ୍କୁ ଗଣବଳାତ୍କାର

କୋଲକାତା, ୨।୧୧

କୋଲକାତାର ଦମ୍‌ଦମ୍ ଅଞ୍ଚଳରେ ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ୧୪ ବର୍ଷୀୟ ଛାତ୍ରୀ ଶନିବାର ସନ୍ଧ୍ୟାରେ ଟ୍ୟୁଶନ ପଢ଼ିବାକୁ ଯାଉଥିବାବେଳେ ଗଣବଳାତ୍କାରର ଶିକାର ହୋଇଛନ୍ତି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ଜଣାଶୁଣା। ସେମାନେ କିଛି ସମୟ ପାର୍କରେ ରହିଥିବାବେଳେ ଅନ୍ୟ ୨ ଜଣ ସେମାନଙ୍କ ସହ ଯୋଗ ଦେଇଥିଲେ। ୩ ଅଭିଯୁକ୍ତ ଛାତ୍ରୀ ଜଣଙ୍କୁ ବଳପୂର୍ବକ ଏକ ଇ-ରିକ୍ସାରେ ମୋତିଲାଲ କଲୋନିସ୍ଥିତ ଏକ ଘରକୁ ନେଇଯାଇ ନିର୍ଯାତନା ଦେବା ସହ ଗଣବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଥିବା ପୋଲିସ କହିଛି। ଛାତ୍ରୀ ଜଣକ କୌଣସି ପ୍ରକାରେ ସେଠାରୁ ଖସିଆସି ରାତିରେ ଘରେ ପହଞ୍ଚି ସବୁକଥା ଜଣାଇବା ପରେ ଦମ୍‌ଦମ୍ ଥାନାରେ ଅଭିଯୋଗ ଦାଏର ହୋଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ପୋକ୍‌ସୋ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।

# କଂଗ୍ରେସଠାରୁ ମୁଖ୍ୟମନ୍ତ୍ରୀ ଟିକେଟ ଛଡ଼ାଇନେଇଛି ଆର୍‌ଜେଡି

## ବିରୋଧୀଙ୍କୁ ମୋଦିଙ୍କ ଟାର୍ଗେଟ

ପାଟନା/ ଆରାହ/ ମୁଜାଫରନଗର, ୨।୧୧(ପି.ଟି.)



ବିହାରର ଆରା ସହରରେ ରବିବାର ଅନୁଷ୍ଠିତ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭାଜପା ରାଜ୍ୟ ସଭାପତି ଦିଲୀପ ଜୟସ୍ୱାଲ।

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବଙ୍କୁ ଇଣ୍ଡିଆ ବ୍ଲକ୍‌ର ମୁଖ୍ୟମନ୍ତ୍ରୀ ଚେହେରା କରାଇବାକୁ କଂଗ୍ରେସ ଚାହୁଁ ନ ଥିଲା। କିନ୍ତୁ ଆର୍‌ଜେଡି ବନ୍ଧୁକମୁନରେ ମୁଖ୍ୟମନ୍ତ୍ରୀ ଟିକେଟ କଂଗ୍ରେସଠାରୁ ଛଡ଼ାଇନେଲା ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ବିହାର ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ୪ ଦିନ ବାକି ଥିବାବେଳେ ପ୍ରଧାନମନ୍ତ୍ରୀ ମୋଦି ରବିବାର ଧୂଆଁଧାର ପ୍ରଚାର କରିଛନ୍ତି। ଭୋଜପୁର ଜିଲା ମୁଖ୍ୟାଳୟ ଆରାହଠାରେ ଏକ ପ୍ରଚାର ସଭାକୁ ସମ୍ବୋଧିତ କରି ମୋଦି ବିରୋଧୀ ମହାମେଣ୍ଟରେ ଫାଟ ସୃଷ୍ଟି ପାଇଁ ଉଦ୍ୟମ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, କଂଗ୍ରେସ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବାକୁ ଚାହୁଁ ନ ଥିଲା। କିନ୍ତୁ ଆର୍‌ଜେଡି ଜୋର୍‌ଜବରଦସ୍ତ ଏପରି କରାଇବାରେ ସକ୍ଷମ ହୋଇଛି। ସେମାନେ 'ଜଙ୍ଗଲରାଜ' ସ୍କୁଲରୁ ଶିକ୍ଷାଲାଭ କରିଛନ୍ତି। ଏପରି ତତ୍ତ୍ୱ କେବେହେଲେ ବିହାରର ମଙ୍ଗଳ କରିବ ନାହିଁ। ଯୁବରାଜ (ରାହୁଲ)ଙ୍କ ଭୋଟର ଅଧିକାର ଯାତ୍ରା ରାଜକୁମାର (ତେଜସ୍ୱୀ)ଙ୍କ ଜଙ୍ଗଲରାଜକୁ ବିଚଳିତ କରିଦେଇଛି। ଏହି କାରଣରୁ ରାଜ୍ୟ କଂଗ୍ରେସ ସଭାପତିଙ୍କ ବିରୋଧରେ ଆର୍‌ଜେଡି ପ୍ରାର୍ଥୀ ଦେଇଛି। ନିର୍ବାଚନ ଶେଷରେ ଦୁଇ ସହଯୋଗୀ ପରସ୍ପରର ମୁଣ୍ଡ ଫଟାଇବେ ବୋଲି ପ୍ରଧାନମନ୍ତ୍ରୀ ସମାଲୋଚନା କରିବା ସହ ବିହାରରେ ପୁଣିଥରେ ଏନ୍‌ଡିଏକୁ ଜିତାଇବା ପାଇଁ ଭୋଟରଙ୍କୁ ନିବେଦନ କରିଛନ୍ତି। ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମୁଜାଫରନଗରରେ ପ୍ରଚାର ବେଳେ କହିଛନ୍ତି, ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ସେମାନେ ୩ଟି ନୂଆ ବିଭାଗ ଖୋଲିବେ। ସେଗୁଡ଼ିକ ହେଲା ହତ୍ୟା, ଅପହରଣ ଓ ରାହାଜାନି। ତେଣୁ ଇଣ୍ଡିଆକୁ କ୍ଷମତାରୁ ଦୂରେଇ ରଖି ଏନ୍‌ଡିଏକୁ ଜିତାଇବାକୁ ଶାହା ଲୋକଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ବିହାରରେ ବିସ୍ଥାପନ, ପ୍ରଶ୍ନପତ୍ର ପ୍ରଘଟ, ବେରୋଜଗାର ସମସ୍ୟା ଓ ସଙ୍ଗିନ ଅପରାଧକୁ ନେଇ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କଂଗ୍ରେସ ସମାଲୋଚନା କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ବେଗୁସରାଇରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କେବଳ ଡରୁଛନ୍ତି ତାହା ନୁହେଁ, ବରଂ ବଡ଼ ବ୍ୟବସାୟିକ ସଂସ୍ଥାଗୁଡ଼ିକର ରିମୋଟ କଣ୍ଟ୍ରୋଲ ଦ୍ୱାରା ପରିଚାଳିତ। କେବଳ ୫୬ ଇଞ୍ଚ ଛାତି ଦେଖାଇଦେଲେ ଆପଣ ଶକ୍ତିଶାଳୀ ହୋଇଯିବେ ନାହିଁ। ମହାତ୍ମା ଗାନ୍ଧୀଙ୍କୁ ଦେଖନ୍ତୁ, ସେ ପତଳା ଥାଇ ବି ସେତେବେଳର ସୁପରପାୱାର ବ୍ରିଟିଶ୍‌ମାନଙ୍କୁ ଭାରତରୁ ବିଦା କରାଇଥିଲେ ବୋଲି ରାହୁଲ କହିଛନ୍ତି। ରାଲି ପରେ ରାହୁଲ ଏକ ପୋଖରିକୁ ଡଙ୍ଗାରେ ମାଛ ଧରିବାକୁ ଯାଇଥିଲେ।

# ଦୁଲାରଚନ୍ଦ ହତ୍ୟା ମାମଲା: ଜେଡିୟୁ ପ୍ରାର୍ଥୀ ଅନନ୍ତ ସିଂ ଗିରଫ

ପାଟନା, ୨।୧୧(ପି.ଟି./ଏଜେନ୍ସି)



ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଥିବାବେଳେ ରବିବାର ଜନ ସୁରାଜ ପାର୍ଟି ସମର୍ଥକ ଦୁଲାରଚନ୍ଦ ଯାଦବଙ୍କ ହତ୍ୟା ମାମଲାରେ ଶନିବାର ବିଳମ୍ବିତ ରାତିରେ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପ୍ରାର୍ଥୀ ଅନନ୍ତ ସିଂଙ୍କୁ ପୋଲିସ ଗିରଫ କରିଛି। ପୋଲିସ ପୂର୍ବତନ ବିଧାୟକ ଅନନ୍ତଙ୍କ ସମେତ ତାଙ୍କର ୨ ସହଯୋଗୀ ମଣିକାନ୍ତ ସିଂ ଓ ରଞ୍ଜିତ ରାମଙ୍କୁ ରବିବାର ପାଟନାସ୍ଥିତ ସିଜେଏମ୍ କୋର୍ଟରେ ହାଜର କରାଇବା ପରେ ଅଦାଲତ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ବେଉର ଜେଲକୁ ନିଆଯାଇଛି।

ପାଟନାର ମୋକାମାସ୍ଥିତ ତାଲ୍ ଅଞ୍ଚଳରେ ଜନ ସୁରାଜ ପାର୍ଟି ପ୍ରାର୍ଥୀ ପୀୟୂଷ ପ୍ରିୟଦର୍ଶୀଙ୍କ ପ୍ରଚାର ବେଳେ ଗୁରୁବାର ଦୁଲାରଚନ୍ଦଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହା ପରଠୁ ଅନନ୍ତ ସ୍କାନରରେ ଥିଲେ। ପାଟନାରୁ ୨୦୦ କି.ମି. ଦୂର ବରହସ୍ଥିତ ବାସଭବନରୁ ପୋଲିସ ତାଙ୍କୁ ଗିରଫ କରିଛି। ପୋଲିସ ଧରି ନେଉଥିବା ବେଳର ଭିଡିଓକୁ ଅନନ୍ତ ଫେସ୍‌ବୁକ୍‌ରେ ଶେୟାର କରି ଲେଖିଛନ୍ତି, ସତ୍ୟମେବ ଜୟତେ। ବିହାର ନିର୍ବାଚନ ପୂର୍ବରୁ ଲୋକଙ୍କ ଉପରେ ତାଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି। ତେଣୁ ମୋକମା ଜନତା ଏବେ ନିର୍ବାଚନ ଲଢ଼ିବେ।

# ହିଂସା ପ୍ରତି ଶୂନ ସହନଶୀଳତା: ସିଇସି

ବିହାର ବିଧାନସଭା ନିର୍ବାଚନ ବେଳେ ହିଂସାକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଭୋଟରଙ୍କୁ ଶାନ୍ତିପୂର୍ଣ୍ଣ ଓ ମୁକ୍ତ ଭାବେ ମତଦାନ କରିବାକୁ ସୁଯୋଗ ଦିଆଯିବ। ଏଥିପାଇଁ ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ବୋଲି ରବିବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ କମିଶନ ଗ୍ୟାଙ୍ଗଷ୍ଟରରୁ ରାଜନେତା ପାଲଟିଥିବା ଦୁଲାରଚନ୍ଦ ଯାଦବ ହତ୍ୟା ମାମଲାରେ ପାଟନା ଏସ୍‌ପି (ଗ୍ରାମାଞ୍ଚଳ)ଙ୍କ ବଦଳି ଓ ଅନ୍ୟ ୩ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ।

# ଭାଜପାର ପ୍ରଚାର ଦେଖିବାକୁ ଆସିଲେ ବିଦେଶୀ କୂଟନୀତିଜ୍ଞ

ବିହାର ନିର୍ବାଚନରେ ଭାଜପାର ପ୍ରଚାର ଓ ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା ପାଇଁ ଏକ ବିଦେଶୀ କୂଟନୀତିଜ୍ଞ ଦଳ ରବିବାର ୨ ଦିନିଆ ଗସ୍ତରେ ପାଟନା ଆସିଛନ୍ତି। ଏହି ପ୍ରତିନିଧି ଦଳରେ ଜାପାନ, ବ୍ରିଟେନ୍, ଇଣ୍ଡୋନେସିଆ, ଡେନ୍‌ମାର୍କ, ଅଷ୍ଟ୍ରେଲିଆ, ଭୁଟାନ୍ ଓ ଦକ୍ଷିଣ ଆଫ୍ରିକାର କୂଟନୀତିଜ୍ଞ ରହିଛନ୍ତି। ଏହା ପୂର୍ବରୁ ଗୁଜରାଟ, ହିମାଚଳ ପ୍ରଦେଶ ଓ ରାଜସ୍ଥାନ ବିଧାନସଭା ନିର୍ବାଚନ ବେଳେ ମଧ୍ୟ ଭାଜପାର ନିର୍ବାଚନୀ ପ୍ରଚାର ପରିଚାଳନା ଦେଖିବା ପାଇଁ ଅନୁରୂପ ଟିମ୍ ଆସିଥିଲେ।

# ଏସ୍‌ଆଇଆର୍ ବିରୋଧରେ ସୁପ୍ରିମକୋର୍ଟ ଯିବ ତାମିଲନାଡୁ

## ସର୍ବଦଳୀୟ ବୈଠକରେ ସଂକଳ୍ପ ଗୃହୀତ

ଚେନ୍ନାଇ, ୨।୧୧

ତାମିଲନାଡୁରେ ୨୦୨୬ରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଏହା ପରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କରାଇବା ପାଇଁ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ନିବେଦନ କରି ରବିବାର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ସର୍ବଦଳୀୟ ବୈଠକରେ ଏକ ସଂକଳ୍ପନାମା ଗୃହୀତ ହୋଇଛି। ନିର୍ବାଚନୀ ଗଣତନ୍ତ୍ରର ସୁରକ୍ଷା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଇସିଆଇ ସଂଶୋଧନ ପ୍ରକ୍ରିୟା ରୋକିବାରେ ବିଫଳ ହେଲେ ତାମିଲନାଡୁ ସରକାର ସୁପ୍ରିମକୋର୍ଟ ଯିବା ନେଇ ବୈଠକରେ ସ୍ଥିର ହୋଇଛି। ଏସ୍‌ଆଇଆର୍‌କୁ ନେଇ ଦେଖାଦେବାକୁ ଥିବା ବିଭିନ୍ନ ବାସ୍ତବ ସମସ୍ୟା ଓ ସନ୍ଦେହ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ନିର୍ବାଚନ କମିଶନ ଦାୟିତ୍ୱପୂର୍ଣ୍ଣ ଏବଂ ନିରପେକ୍ଷ ଭାବେ ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରିବା ଉଚିତ। କିନ୍ତୁ ଏହା କେନ୍ଦ୍ରରେ କ୍ଷମତାରେ ଥିବା ଦଳ ତରଫରୁ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ବିହାର ଏସ୍‌ଆଇଆର୍ ଏବେ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଥିବାବେଳେ ତାମିଲନାଡୁ ସମେତ ଅନ୍ୟ କେତେକ ରାଜ୍ୟରେ ଏହି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଗତ ଅକ୍ଟୋବର ୨୭ରେ ବିଜ୍ଞପ୍ତି ଜାରି କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ତାମିଲନାଡୁ ଜନସାଧାରଣଙ୍କ ଭୋଟ ଅଧିକାର ପ୍ରତି ଆକ୍ରମଣ ବୋଲି ସଂକଳ୍ପନାମାରେ କୁହାଯାଇଛି।

# ବ୍ରିଟେନ୍ ଟ୍ରେନ୍‌ରେ ଛୁରାମାଡ଼: ୧୦ ଗୁରୁତର

## ଆତଙ୍କବାଦ ସହ ସମ୍ପୃକ୍ତିର ସୂଚନା ମିଳିନାହିଁ: ପୋଲିସ

ଲଣ୍ଡନ, ୨।୧୧(ପି.ଟି.)



ବ୍ରିଟେନ୍‌ରେ ଏକ ଟ୍ରେନ୍‌ରେ ଶନିବାର ରାତିରେ ଛୁରାମାଡ଼ ଘଟି ୧୦ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହା ଏକ ବଡ଼ ଆକ୍ରମଣ ହୋଇଥିବାରୁ ଆତଙ୍କବାଦ ନିରୋଧୀ ପୋଲିସ ତଦନ୍ତରେ ସାମିଲ ହୋଇଛନ୍ତି। ତେବେ ଆକ୍ରମଣ ସହ ଆତଙ୍କବାଦର ସମ୍ପୃକ୍ତି ନେଇ ଏପର୍ଯ୍ୟନ୍ତ କୌଣସି ସୁରାକ ମିଳି ନ ଥିବା ପୋଲିସ କହିଛି। ସଶସ୍ତ୍ର ପୋଲିସ ପୂର୍ବ ଇଂଲଣ୍ଡର କେମ୍ବ୍ରିଜ୍‌ଶାୟାରସ୍ଥିତ ହୁଣ୍ଟିଙ୍ଗଡନ୍ ଷ୍ଟେଶନରେ ଟ୍ରେନ୍ ଉପରେ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ଏକ ବଡ଼ ଛୁରି ରଖିଥିବା ବ୍ୟକ୍ତିଙ୍କୁ ପୋଲିସ ଗୁଳି କରିଥିବା ବିଶ୍ୱାସ କରାଯାଉଛି। ପିଟରବୋର୍ ଷ୍ଟେଶନ୍‌ରୁ ଛାଡ଼ିଥିବା ଉକ୍ତ ଟ୍ରେନ୍ କେମ୍ବ୍ରିଜଶାୟାରଠାରେ ଆକ୍ରମଣର ସମ୍ମୁଖୀନ ହୋଇଥିଲା। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବ୍ରିଟିଶ୍ ଟ୍ରାନ୍ସପୋର୍ଟ ପୋଲିସ କହିଛି।

# ଜେନ୍ ଜି ଅବତାରରେ ଶାହାରୁଖ

## କିଙ୍ଗ୍ ଖାନ୍‌ଙ୍କୁ ୬୦



**ମୁମ୍ବାଇ:** ବଲିଉଡ ବାଦଶାହା ଶାହାରୁଖ ଖାନ୍ ରବିବାର ତାଙ୍କର ୬୦ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'କିଙ୍ଗ୍'ର ଟାଇଟଲ ଉନ୍ମୋଚନ ଭିଡିଓ ଜାରି କରାଯାଇଛି। ଏହି ଭିଡିଓରେ ଏସ୍‌ଆର୍‌କେଙ୍କର ଅତ୍ୟନ୍ତ ଉଗ୍ର ଓ ନିର୍ଦ୍ଦୟ ଅବତାର ଦେଖିବାକୁ ମିଳିଛି, ଯାହା ପ୍ରଶଂସକଙ୍କୁ ଉତ୍ସାହିତ କରିଛି। ଶାହାରୁଖ ଏଥିରେ ରୁପେଲି କେଶ, ଷ୍ଟାଇଲିସ୍ କାନଫୁଲ ଏବଂ ଜବରଦସ୍ତ ବ୍ୟକ୍ତିତ୍ୱ ସହିତ ଏକ ଭିନ୍ନ ରୂପରେ ନଜର ଆସିଛନ୍ତି। ରେଡ ଚିଲିଜ୍ ଏଣ୍ଟରଟେନ୍‌ମେଣ୍ଟ ଓ ମାର୍‌ଫ୍ଲିକ୍ସ ପିକ୍ଚର୍ସ ଦ୍ୱାରା ନିର୍ମିତ ଏହି ଫିଲ୍ମ ଏକ ସ୍ଲିକ, ହାଇ-ଅକ୍ଟେନ ଆକ୍ସନ ଏଣ୍ଟରଟେନର୍ ହେବାକୁ ଯାଉଛି। 'ପଠାନ' ପରେ ଶାହାରୁଖ ଏହି ଫିଲ୍ମରେ ପୁଣି ଥରେ ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦଙ୍କ ସହ କାମ କରୁଛନ୍ତି।

# ଦିଲ୍ଲୀ ବାୟୁ ପ୍ରଦୂଷଣ ପୁଣି ଉତ୍କଟ

## କ୍ଲାଉଡ୍ ସିଡିଂରେ ୩୪ କୋଟି ବ୍ୟୟକୁ ନେଇ ଦିଲ୍ଲୀ ସରକାର ସମାଲୋଚିତ

ନୂଆଦିଲ୍ଲୀ, ୨।୧୧

ଦିଲ୍ଲୀ ବାୟୁ ଗୁଣବତ୍ତା ରବିବାର ପୁଣିଥରେ ଅତ୍ୟନ୍ତ ନିକୃଷ୍ଟ ସ୍ତରକୁ ଖସିଯାଇଛି। କୁହୁଡ଼ି ସାଙ୍ଗକୁ ପବନର ବେଗ କମ୍ ଥିବାରୁ ପ୍ରଦୂଷଣ ସୃଷ୍ଟିକାରୀ କଣିକାଗୁଡ଼ିକ ବିସ୍ତାରିତ ହେବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) କହିଛି। ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳର ଅନେକ ସ୍ଥାନରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ନିକୃଷ୍ଟ ସ୍ତର ଅତିକ୍ରମ କରି ୪୦୦ ନିକଟବର୍ତ୍ତୀ ହୋଇଛି। ସିପିସିବି ଦ୍ୱାରା ବିକଶିତ ସମୀର ଆପ୍ ଅନୁଯାୟୀ ରବିବାର ସକାଳ ୭ଟାରେ ଏକ୍ୟୁଆଇ ୩୭୭ରେ ପହଞ୍ଚିଥିଲା। ଶନିବାର ଏକ୍ୟୁଆଇ ୨୩୩ ଥିବାବେଳେ ଶୁକ୍ରବାର ୨୧୮ ରହିଥିଲା। ଉତ୍ତର ଦିଲ୍ଲୀର ୱାଜିରପୁର ଏବଂ ଦକ୍ଷିଣ ଦିଲ୍ଲୀର ଆର୍‌କେ ପୁରମ୍‌ରେ ଏକ୍ୟୁଆର୍ ଯଥାକ୍ରମେ ୪୩୨ ଏବଂ ୪୨୫ରେ ପହଞ୍ଚିଛି। ବାୟୁ ପ୍ରଦୂଷଣ ବଢ଼ିଥିବାରୁ ଦୃଶ୍ୟମାନତା ହ୍ରାସ ପାଇଛି।

ବାୟୁ ପ୍ରଦୂଷଣ ରୋକିବା ନିମନ୍ତେ କୃତ୍ରିମ ବର୍ଷା କରାଇବା ପାଇଁ ଦିଲ୍ଲୀ ସରକାର ନିକଟରେ ୩ ଥର କ୍ଲାଉଡ୍ ସିଡିଂ କରିଥିଲେ। ତେବେ ଏହାର କୌଣସି ଫଳ ମିଳିଲା ନାହିଁ। କ୍ଲାଉଡ୍ ସିଡିଂରେ ବର୍ଷା ସମ୍ଭାବନା ନ ଥିବା ଅଭିଜ୍ଞତାସମ୍ପନ୍ନ ବିଶେଷଜ୍ଞମାନେ ପୂର୍ବରୁ ସତର୍କ କରାଇବା ସତ୍ତ୍ୱେ ଦିଲ୍ଲୀ ସରକାର କ'ଣ ପାଇଁ କରଦାତାଙ୍କ ୩୪ କୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ କଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଦୂଷଣ ରୋକିବା ପାଇଁ ଦିଲ୍ଲୀ ସରକାରଙ୍କ କ୍ଲାଉଡ ସିଡିଂ ପରୀକ୍ଷାକୁ କଂଗ୍ରେସ ରବିବାର କଡ଼ା ସମାଲୋଚନା କରିଛି। ଏହା ଅଳ୍ପ ସମୟ ପାଇଁ ବାୟୁ ମାନରେ ସାମାନ୍ୟ ଉନ୍ନତି ଆଣିଥିବାବେଳେ କଂଗ୍ରେସ ଏହାକୁ ନିଷ୍ଠୁର ପରିହାସ ବୋଲି କହିଛି। ବୈଜ୍ଞାନିକମାନଙ୍କ ସ୍ପଷ୍ଟ ବିରୋଧ ସତ୍ତ୍ୱେ ଶୀତ ଦିନରେ କ୍ଲାଉଡ୍ ସିଡିଂ କରି ଭାଜପା ସରକାର କାହିଁକି ୩୪ କୋଟି ଟଙ୍କା ବରବାଦ କଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ପ୍ରଶ୍ନ କରିଛନ୍ତି। କ୍ଲାଉଡ୍ ସିଡିଂ ଚିନ୍ତାଧାରାକୁ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ(ସିଏକ୍ୟୁଏମ୍), କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଭାରତୀୟ ପାଣିପାଗ ବିଭାଗ ବିରୋଧ କରିଥିବା ୨୦୨୪ ଡିସେମ୍ବରରେ ରାଜ୍ୟ ସଭାରେ ସରକାରଙ୍କ ପକ୍ଷରୁ ଉତ୍ତର ରଖାଯାଇଥିଲା ବୋଲି କଂଗ୍ରେସ ନେତା ଦର୍ଶାଇଛନ୍ତି। ଏପରିକି ଶୀତଦିନିଆ କ୍ଲାଉଡ୍ ସିଡିଂ ରାଜଧାନୀର ଦୂଷିତ ବାୟୁ ଉପରେ ନଗଣ୍ୟ କିମ୍ବା ଆଦୌ ପ୍ରଭାବ ପକାଇବ ନାହିଁ ବୋଲି ଗତ ୩୧ ତାରିଖରେ ଆଇଆଇଟି ଦିଲ୍ଲୀର ସେଣ୍ଟର ଫର୍ ଆଟମୋସ୍ପିୟରିକ୍ ସାଇନ୍ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଥିଲା।

# କେଉଁଠି କେତେ ଟଙ୍କା ରଖିଛ: ପିଏସି

## ସବୁ ବିଭାଗଠାରୁ ତଥ୍ୟ ଲୋଡ଼ିଲେ ସରକାର

ଭୁବନେଶ୍ୱର,୨।୧୧(ରବିନାରାୟଣ ଜେନା)

କେଉଁ ବ୍ୟାଙ୍କରେ କେତେ ଟଙ୍କା ରହିଛି ତା'ର ଟିକିନିଖି ହିସାବ ଲୋଡ଼ିଛନ୍ତି ରାଜ୍ୟ ସରକାର। ପବ୍ଲିକ ଆକାଉଣ୍ଟ କମିଟି(ପିଏସି) ଏବଂ ବିଧାନସଭା ପ୍ରଶ୍ନକୁ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହାକୁ ନେଇ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସମସ୍ତ ବିଭାଗର ସଚିବଙ୍କୁ ଅକ୍ଟୋବର ୨୨ରେ ପତ୍ର ଲେଖି ଅବଗତ କରାଇଛନ୍ତି।

ଅର୍ଥ ବିଭାଗ ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି, କେଉଁ ବ୍ୟାଙ୍କରେ କେଉଁସବୁ ଆକାଉଣ୍ଟରେ କେତେ ଟଙ୍କା ରହିଛି ତାହା ପବ୍ଲିକ ଆକାଉଣ୍ଟ କମିଟି(ପିଏସି) ଜାଣିବାକୁ ଚାହିଁଛି। ଏହାସହିତ ବିଧାନସଭାର ପ୍ରଶ୍ନ ଏବଂ ଆର୍ଥିକ ସୁପରିଚାଳନାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ତେଣୁ ସେପ୍ଟେମ୍ବର ୩୦ ସୁଦ୍ଧା ବିଭାଗ ଅଧୀନରେ ଥିବା ସମସ୍ତ ବ୍ୟାଙ୍କ ଖାତାରେ କେତେ ଟଙ୍କା ଜମା ରହିଛି ତା'ର ତଥ୍ୟ ନିର୍ଦ୍ଦିଷ୍ଟ ଫର୍ମାଟରେ ଦେବାକୁ ପଡ଼ିବ। ସେ ଦର୍ଶାଇଛନ୍ତି, ସରକାରଙ୍କ ପକ୍ଷରୁ ଅନ୍‌ଲାଇନ ବଜେଟ ପ୍ରକ୍ରିୟାରେ କେତେ ଟଙ୍କା ରାଜକୋଷରେ ଅଛି ଏବଂ ବାହାରେ ରହିଛି ତାହା ଜାଣିବାର ଆବଶ୍ୟକତା ରହିଛି, ଯଦ୍ୱାରା କି ୨୦୨୬-୨୭ ଆର୍ଥିକବର୍ଷ ଲାଗି ବଜେଟ ପ୍ରସ୍ତୁତ ହୋଇପାରିବ। ତେଣୁ ବଜେଟରେ ପ୍ରସ୍ତୁତ ହୋଇଥିବା ସମସ୍ତ ଅର୍ଥର ହିସାବ ସରକାରଙ୍କୁ ଦେବାକୁ ହେବ। ସେ କହିଛନ୍ତି, ସରକାରଙ୍କ ଅର୍ଥ କେଉଁ ବିଭାଗ, କେଉଁ ପିଏସ୍‌ୟୁ, ସୋସାଇଟି, ବିଶ୍ୱବିଦ୍ୟାଳୟ, ପୌରାଞ୍ଚଳ, ପିଆର୍‌ଆଇ, ନିର୍ଦ୍ଦେଶାଳୟ କିମ୍ବା କମିଶନର ତଥା ସଚିବସ୍ତରରେ ରହିଛି ତାହାର ଟିକିନିଖି ହିସାବ ଦେବାକୁ ପଡ଼ିବ। ଯେପରି କି କେଉଁ ବିଭାଗର ଯୋଜନା ଅର୍ଥ କେଉଁ ଜିଲାରେ ପଡ଼ିଛି, ଏହାର ବ୍ୟାଙ୍କ ଖାତା ନମ୍ବର ସହିତ ଏହା ସଞ୍ଚୟ ଖାତାରେ ଅଛି ନା ଚଳନ୍ତି ଖାତାରେ ଅଛି କିମ୍ବା ସ୍ଥାୟୀ ଜମା ଆକାରରେ ରହିଛି ତାହା ଜଣାଇବାକୁ ହେବ। ସେପ୍ଟେମ୍ବର ୩୦ ସୁଦ୍ଧା କେଉଁ ଯୋଜନାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ ବଳକା ରହିଛି ତା'ର ଆଇଏଫ୍‌ସି କୋଡ୍ ସହିତ ତୁରନ୍ତ ଦେବାକୁ ଅର୍ଥ ବିଭାଗ ପ୍ରମୁଖ ସଚିବ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଇଛନ୍ତି। ଏହାକୁ ନେଇ ଏବେ କେତେକ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ଅସାଧୁ ଅଧିକାରୀଙ୍କ ମଧ୍ୟରେ ଛନ୍ଦକା ପଡ଼ିଛି। ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ନଭେମ୍ବର ପହିଲାରୁ 'କ୍ୟାଶ ଇନ୍ ଟାଇମ୍' ନୀତି ପ୍ରଚଳନ ହୋଇଥିବାବେଳେ ସରକାର ଏହି ତଥ୍ୟ ଲୋଡ଼ିଛନ୍ତି। ଫଳରେ ଦୀର୍ଘଦିନ ଧରି ଯେଉଁ ଅସାଧୁ ଅଧିକାରୀ ସରକାରୀ ଅର୍ଥକୁ ନେଇ ଖେଳ ଖେଳୁଥିଲେ ତାହା ଏବେ ସ୍ପଷ୍ଟକୁ ଆସିବାକୁ ଯାଉଛି। ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ, ନଗର ଉନ୍ନୟନ, ପଞ୍ଚାୟତିରାଜ, ବାଣିଜ୍ୟ ଓ ପରିବହନ, ପୂର୍ତ୍ତ, ଜଳସମ୍ପଦ ଭଳି ଯେତେକ ବିଭାଗରେ ହଜାର ହଜାର କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କରେ ଠୁଳ ରହିଛି। ଏଥିଯୋଗୁ ସରକାରଙ୍କୁ ମଧ୍ୟ ସୁଧ ଗଣିବାକୁ ପଡୁଛି।

# ୧୨୦ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଉପେକ୍ଷା କରିଛି ନାଲ୍‌କୋ

ଅନୁଗୋଳ,୨।୧୧(ମାନସ ବିଶ୍ୱାଳ)




କାରଖାନା ପାଇଁ ଜମି ହରାଇଥିବା କ୍ଷତିଗ୍ରସ୍ତ ପ୍ରଜାଙ୍କ ମଧ୍ୟରୁ ୧୨୦ ଜଣଙ୍କୁ ଅନୁଗୋଳ ସହର ଉପକଣ୍ଠରେ ଥିବା ନାଲ୍‌କୋ ଉପେକ୍ଷା କରିଥିବା ଅଭିଯୋଗ ହୋଇଛି। ନାଲ୍‌କୋ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ଏହି ଉପେକ୍ଷିତ କ୍ଷତିଗ୍ରସ୍ତ ପ୍ରଜାଙ୍କ କୌଣସି ଅଭିଯୋଗକୁ ସମାଧାନ ନ କରିବାରୁ ସେମାନେ ବାଧ୍ୟହୋଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ନାଲ୍‌କୋ କର୍ତ୍ତୃପକ୍ଷଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ସମାଲୋଚନା କରାଯାଉଛି।

ସମ୍ପୃକ୍ତ ଉପେକ୍ଷିତ କ୍ଷତିଗ୍ରସ୍ତ ପ୍ରଜାଙ୍କ ଅଭିଯୋଗ ଅନୁଯାୟୀ, ୧୯୮୧ ମସିହାରେ ଅବିଭକ୍ତ ଢେଙ୍କାନାଳ ଜିଲାରେ କାରଖାନା ସ୍ଥାପନ ପାଇଁ ନାଲ୍‌କୋ ପକ୍ଷରୁ ଜମି ଅଧିଗ୍ରହଣ କରାଯାଇଥିଲା। ତାଳଚେର, ଛେଣ୍ଡିପଦା ଓ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀର ୩୯ ଗାଁ ନାଲ୍‌କୋ ପାରିପାର୍ଶ୍ୱିକ ଅଞ୍ଚଳ ଭିତରେ ଆସିଥିଲା। ୧୯୮୪ ମସିହାରେ ଜମିହରା କ୍ଷତିଗ୍ରସ୍ତ ପ୍ରଜାଙ୍କ ପାଇଁ ନାଲ୍‌କୋ ପକ୍ଷରୁ ଏକ ନୀତି କରାଯାଇଥିଲା। ଏଥିସହ ଜମିହରାଙ୍କୁ ସର୍ବମୋଟ ଜମିହରା ପ୍ରଜା ଓ ଏକ ତୃତୀୟାଂଶ ଜମିହରା ପ୍ରଜା ଭଳି ୨ଟି ବର୍ଗରେ ବିଭକ୍ତ କରାଯାଇଥିଲା। ୧୯୯୨ ମସିହାର ନାଲ୍‌କୋ ରିପୋର୍ଟ ଅନୁସାରେ କାରଖାନା ପାଇଁ ୨,୬୨୬ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। ତେବେ ଉଦ୍ଦେଶ୍ୟମୂଳକ ଭାବେ କ୍ଷତିଗ୍ରସ୍ତ ଜମିହରା ପ୍ରଜାଙ୍କୁ ହଇରାଣ ହରକତ କରିବା ପାଇଁ ୨୦୦୬-୦୭ ମସିହାରେ ଏକ ନୂତନ ପଲିସି କମ୍ପାନୀ ପକ୍ଷରୁ ଅଣାଯାଇଥିଲା, ଯାହାକି ସ୍ୱଳ୍ପ ଜମିହରା ପ୍ରଜା (ଏଲ୍‌ଏପି) ବୋଲି ଚିହ୍ନଟ ହୋଇଥିଲା।

## ଉଚ୍ଚ ନ୍ୟାୟାଳୟରେ କରାଯାଇଛି ମାମଲା

ସେ ସମୟରେ କମ୍ପାନୀର ଉଚ୍ଚସ୍ତରୀୟ ବୈଠକ, ଅଧ୍ୟାପନ ଓ ପରିଧିଗତି ଉନ୍ନୟନ ପରାମର୍ଶଦାତା କମିଟି (ଆର୍‌ପିଡିଏସି) ବୈଠକର ନିଷ୍ପତ୍ତି ଅନୁସାରେ ୧୯୮୮ରୁ ୨୦୦୫ ପର୍ଯ୍ୟନ୍ତ ୨ଟି ବ୍ୟାଚ୍‌ରେ ପାଖାପାଖି ୨୭୭ ଜଣ ଜମିହରା ପ୍ରଜାଙ୍କୁ ଦକ୍ଷତା ବିକାଶ ଟ୍ରେନିଂ ଦିଆଯାଇ କୁଶଳୀ ଶ୍ରମିକ ଭାବେ ସ୍ଥାୟୀ ନିଯୁକ୍ତି ଦିଆଯାଇଥିଲା। ସେହିପରି ୨୦୦୭ରୁ ୨୦୦୮ ଏବଂ ୨୦୦୮ ରୁ ୨୦୧୦ ମଧ୍ୟରେ ୨୦୦ ଜମିହରାଙ୍କୁ ତାଲିମ ଦିଆଯାଇ କୁଶଳୀ ଶ୍ରମିକ ଭାବେ ପ୍ରସ୍ତୁତ କରାଯାଇଥିଲା। ଉଚ୍ଚସ୍ତରୀୟ ବୈଠକ ଏବଂ ଆର୍‌ପିଡିଏସି ବୈଠକର ନିଷ୍ପତ୍ତି ଅନୁଯାୟୀ ୧୫୬ ଜଣଙ୍କୁ ବିଭିନ୍ନ ବିଭାଗରେ ସ୍ଥାୟୀ ନିଯୁକ୍ତି ନ ଦେଇ ଠିକାଭିତ୍ତିକ ଅଣକୁଶଳୀ ଠିକା ଶ୍ରମିକ ଭାବେ ନିଯୁକ୍ତି ଦିଆଯାଇଥିଲା। ଏଥିସହ ଚୁକ୍ତି ଅନୁଯାୟୀ ସାଧାରଣ ନିଯୁକ୍ତି ବାହାରିଲେ ଅଗ୍ରାଧିକାର ସହ ବୟସ କୋହଳ, ବିନା ତାଲିମ ସାର୍ଟିଫିକେଟ ଓ ଅନ୍ୟ ସୁବିଧା ସହ ସ୍ଥାୟୀ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ସେମାନଙ୍କ ଠିକା ନିଯୁକ୍ତି ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି। ସେହିପରି ବର୍ତ୍ତମାନ ସ୍ଥିତିରେ ନାଲ୍‌କୋରେ ସାଧାରଣ ନିଯୁକ୍ତି ବାହାରିବା ପରେ ମାତ୍ର ୩୬ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇ ଥିବାବେଳେ ୧୨୦ଜଣ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଉପେକ୍ଷା କରାଯାଉଛି। ଏହି ପ୍ରଜାମାନେ ଏ ନେଇ ଅନୁଗୋଳ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ବାଧ୍ୟହୋଇ ସେମାନେ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବା ସହ ଜିଲାପାଳଙ୍କ ଅଫିସ ସମ୍ମୁଖରେ ୨୮୫ ଦିନ ଧରି ପରିବାର ଲୋକଙ୍କ ସହ ଅହୋରାତ୍ର ଧାରଣା ଦେଇଥିଲେ। ତେବେ ଜିଲା ପ୍ରଶାସନ କିମ୍ବା ନାଲ୍‌କୋ କର୍ତ୍ତୃପକ୍ଷ ସେମାନଙ୍କ କୌଣସି ଦାବିକୁ ଗ୍ରହଣ କରିନାହାନ୍ତି। ଅପରପକ୍ଷରେ ଅନୁଗୋଳ ପୌରପାଳିକା ପକ୍ଷରୁ ଅକ୍ଟୋବର ୨୪ରେ ଆନ୍ଦୋଳନସ୍ଥଳକୁ ପୋଲିସ ଲଗାଇ ଭାଙ୍ଗି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ସେହିପରି ପ୍ରତିବର୍ଷ ସ୍ଥାନୀୟ ଅଞ୍ଚଳର ୧୦୦ କ୍ଷତିଗ୍ରସ୍ତ ଯୁବତୀଯୁବକଙ୍କୁ କୁଶଳୀ ଶ୍ରମିକ ଭାବେ ନିଯୁକ୍ତି ଦେବା ପାଇଁ ନାଲ୍‌କୋ ଦାୟିତ୍ୱ ନେଇଥିବା ବେଳେ ୨୦୧୦ଠାରୁ ଆଜିପର୍ଯ୍ୟନ୍ତ କୌଣସି ଦକ୍ଷତା ବିକାଶ ତାଲିମ ପ୍ରଦାନ କରିନାହିଁ। ୧୯୮୪ ମସିହା ପଲିସି ଅନୁଯାୟୀ ଗୋଟିଏ ଜମିହରା ପରିବାରରୁ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦେବାର ନିୟମ କରାଯାଇଥିବା ବେଳେ ଏହାକୁ ଠିକ୍ ଭାବରେ ପାଳନ ନ କରି ସ୍ୱଳ୍ପ ଜମିହରା ପ୍ରଜା ପଲିସିର ଅନ୍ତର୍ଭୁକ୍ତ ମାତ୍ର ୨ରୁ ୩ ଡିସିମିଲ ଜମି ଯାଇଥିବା ପ୍ରଜାଙ୍କ ପରିବାରରୁ ବେଆଇନ ଭାବରେ ୩/୪ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇଥିବା ମଧ୍ୟ ଅଭିଯୋଗ କରିଛନ୍ତି ଆନ୍ଦୋଳନକାରୀ।

ଏ ସମ୍ପର୍କରେ କ୍ଷତିଗ୍ରସ୍ତ ପ୍ରଜା ଯୋଗେଶ ସାମଲ କହିଛନ୍ତି, ୨୦୦୬ ରୁ ୨୦୦୮ ମସିହା ମଧ୍ୟରେ ନାଲ୍‌କୋ ପକ୍ଷରୁ ଦକ୍ଷତା ବିକାଶ ତାଲିମ ଦିଆଯାଇଥିଲା। ୨୦୧୩ ମସିହାରେ ସ୍ଥାୟୀ ନିଯୁକ୍ତି ନ ଦେଇ ସର୍ତ୍ତମୂଳକ ଅଣକୁଶଳୀ ଠିକା ଶ୍ରମିକ ଭାବରେ ନିଯୁକ୍ତି ଦିଆଗଲା। ସ୍ଥାୟୀ ସାଧାରଣ ନିଯୁକ୍ତି ବାହାରିଲେ ଅଗ୍ରାଧିକାର ସହ ବୟସ କୋହଳ, ବିନା ତାଲିମ ସାର୍ଟିଫିକେଟ ଓ ଅନ୍ୟ ସୁବିଧା ସହ ସ୍ଥାୟୀ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ଆମମାନଙ୍କୁ ଉପେକ୍ଷା କରି ନୂଆ ପିଲାଙ୍କୁ ନିଯୁକ୍ତି ଦିଆଯାଉଛି। ଏହା ବିରୋଧରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛୁ। ଅନୁରୂପ ଭାବେ ନାଲ୍‌କୋ ସ୍ଥୋମସ୍ତ ଏଲ୍‌ଏପି ଆଇଟିଆଇ କ୍ଷତିଗ୍ରସ୍ତ ପ୍ରଜା ସଂଘ ତାଳଚେର ଅନୁଗୋଳ ସମ୍ପାଦକ ଶଶାଙ୍କ ଶେଖର ସାମଲ କହିଛନ୍ତି, ୧୯୮୪ ମସିହା ପଲିସି ଅନୁସାରେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ତୁରନ୍ତ ସ୍ଥାୟୀ ନିଯୁକ୍ତି ଦିଆଯାଉ। ୧୨୦ ଜଣ କ୍ଷତିଗ୍ରସ୍ତ ପ୍ରଜା ନାଲ୍‌କୋର ବେଆଇନ କାର୍ଯ୍ୟକଳାପ ଉପରେ ଗତ ଜାନୁଆରୀରୁ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ସେହିପରି ସଂଘ ସଭାପତି ବିଦ୍ୟାରଞ୍ଜନ ଦାସ, ବରିଷ୍ଠ ସଦସ୍ୟ ଅମନ ବିଶ୍ୱାଳ, ରଞ୍ଜିତ ପ୍ରଧାନ, ରିଗାନ ସାହୁ ପ୍ରମୁଖ କହିଛନ୍ତି, ଆବଶ୍ୟକ ପଡ଼ିଲେ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ।

ଅପରପକ୍ଷରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ଅଭିଯୋଗ ସମ୍ପର୍କରେ ନାଲ୍‌କୋର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆନ୍ଦୋଳନକାରୀଙ୍କୁ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ନିଯୁକ୍ତି ମିଳିଛି। କିନ୍ତୁ ସେମାନେ ଅଧିକ ଆଶାକରି ଆନ୍ଦୋଳନ କରୁଛନ୍ତି।

# ମହିଳା ଉଦ୍ୟୋଗୀଙ୍କୁ ଉତ୍ସାହିତ କରୁଛି 'ସୁଭଦ୍ରା ଶକ୍ତି ମେଳା'

ଭୁବନେଶ୍ୱର,୨।୧୧(ସୁଚିସ୍ମିତା ସାହୁ)

ଆରମ୍ଭ ହୋଇଛି 'ସୁଭଦ୍ରା ଶକ୍ତି ମେଳା'। ଶନିବାର ସନ୍ଧ୍ୟାରେ ମେଳା ବୁଲିବା ପାଇଁ ଲୋକଙ୍କ ଭିତରେ ଆଗ୍ରହ ବଢ଼ୁଛି। ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଓ ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଭୁବନେଶ୍ୱରସ୍ଥିତ ଉତ୍କଳ ପ୍ରଦର୍ଶନୀ ପଡିଆରେ 'ସୁଭଦ୍ରା ଶକ୍ତି ମେଳା'ର ଦ୍ୱିତୀୟ ସଂସ୍କରଣ ଆରମ୍ଭ କରିଛନ୍ତି। ଶନିବାର ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଥିଲେ। ସେବେଠୁ ରବିବାର ଦ୍ୱିତୀୟ ଦିନରେ ମେଳାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି, ଯାହା ଏଠାରେ ଅଂଶଗ୍ରହଣ କରିଥିବା ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ମହିଳା ଉଦ୍ୟୋଗୀଙ୍କୁ ଉତ୍ସାହିତ କରିଛି।

ଚଳିତ ବର୍ଷ ସୁଭଦ୍ରା ଶକ୍ତିମେଳାକୁ ଜାତୀୟସ୍ତରୀୟ ଭାବେ ଆୟୋଜନ କରାଯାଇଛି। ଏଥିରେ ଓଡ଼ିଶା ସମେତ ପଞ୍ଜାବ, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ, ବିହାର, ଆସାମ, ପଶ୍ଚିମବଙ୍ଗ, ଛତିଶଗଡ଼, ଗୁଜରାଟ, ତେଲେଙ୍ଗାନା, ମଧ୍ୟପ୍ରଦେଶ ଏବଂ ଗୋଆରୁ ନିମନ୍ତ୍ରିତ ଏସ୍‌ଏଚ୍‌ଜିର ମହିଳାମାନେ ଅଂଶଗ୍ରହଣ କରି ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ସେମାନେ ପରସ୍ପର ମଧ୍ୟରେ ଜ୍ଞାନ ଓ ଭାବର ଆଦାନପ୍ରଦାନ କରୁଛନ୍ତି। ଏଥିସହ ବିଭିନ୍ନ ରାଜ୍ୟର ସାଂସ୍କୃତିକ ଝଲକକୁ ମଧ୍ୟ ମେଳାରେ ଦେଖିବାକୁ ମିଳୁଛି। ମେଳାର ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ, ରାମନାଟ୍ୟ ପରିଷଦ ପୁରୀଙ୍କ ଦ୍ୱାରା କୁଞ୍ଜଲୀଳା ଗୀତିନାଟ୍ୟ ପରିବେଷଣ ଓ ଏସ୍‌ଏଚ୍‌ଜି ମହିଳାଙ୍କ ମନୋରଞ୍ଜନ ଯୋଗାଉଥିଲା। ମେଳାରେ ୩୦୦

## ଲୋକଙ୍କୁ ଆକୃଷ୍ଟ କରୁଛି ଲାଇଭ୍ ଡେମୋ

ମହିଳା ସ୍ୱୟଂ-ସହାୟକ ଗୋଷ୍ଠୀ ପରିଚାଳିତ ଷ୍ଟଲ ରହିଥିବା ବେଳେ ସେଥିରୁ ୫୦ଟିରେ କେବଳ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ସ୍ୱୟଂ-ସହାୟକ ଗୋଷ୍ଠୀର ମାଆଙ୍କ ହାତ ତିଆରି ଉତ୍କୃଷ୍ଟ ଗୃହସଜ୍ଜା ସାମଗ୍ରୀ, ଶିଳ୍ପ ସାମଗ୍ରୀ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଦେଖାଯାଉଛି। ସେହିପରି ମେଳାରେ ସ୍ୱୟଂ-ସହାୟକ ଗୋଷ୍ଠୀ ମା'ମାନଙ୍କ ଦ୍ୱାରା ପ୍ରଦର୍ଶିତ ଲାଖ ଚୁଡ଼ି ପ୍ରସ୍ତୁତି, ଧାନ ହସ୍ତଶିଳ୍ପ, ସବାଇ ଘାସ କଳା ଏବଂ ପଟ୍ଟଚିତ୍ର ଆଦି ପ୍ରଦର୍ଶନ ଅନନ୍ୟ ଆକର୍ଷଣ ସାଜିଛି। ଷ୍ଟଲଗୁଡ଼ିକରେ ଉତ୍ପାଦଗୁଡ଼ିକର ପ୍ରସ୍ତୁତ ପ୍ରଣାଳୀର ଜୀବନ୍ତ ପ୍ରଦର୍ଶନ ଦେଖିବାକୁ ମିଳୁଛି। ଏହା ସହିତ ବିଶ୍ୱ ଦକ୍ଷତା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ବିୟୁଟି ଓ ୱେଲନେସ ଷ୍ଟଲରେ ମହିଳାଙ୍କ ପାଇଁ ନିପୁଣ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ମେକ୍‌ଅପ, ହେୟାର ଷ୍ଟାଇଲ, ନେଲ କେୟାରର ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଲାଇଭ ଡେମୋ ଷ୍ଟଲ ଅଞ୍ଚଳରେ ବିଶେଷ କରି ବିୟୁଟି ଓ ୱେଲନେସ ଷ୍ଟଲରେ ଦର୍ଶକଙ୍କ ଗହଳି ଦେଖିବାକୁ ମିଳୁଛି। ବୁଣାକାର ସେବା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ହସ୍ତତନ୍ତ ଷ୍ଟଲରେ ପାରମ୍ପରିକ ପ୍ରଣାଳୀରେ ବୁଣା କାର୍ଯ୍ୟର ଜୀବନ୍ତ ପ୍ରଦର୍ଶନ ରହିଛି। ଲୋକେ ଲାଇଭ୍ ଡେମୋ ଷ୍ଟଲରେ ଦକ୍ଷ କାରିଗରଙ୍କ ମାର୍ଗଦର୍ଶନରେ ନିଜ ହାତ ଚାଳନର ସୁବର୍ଣ୍ଣ ସୁଯୋଗକୁ ଉପଭୋଗ କରୁଛନ୍ତି। ପ୍ରଥମ ଦିନରେ ମେଳାରେ ୫୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟବସାୟ ହୋଇଥିବାବେଳେ ଦ୍ୱିତୀୟ ଦିନରେ କାରବାର ବଢ଼ିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




କଟକ ଉପର ବାଲିଯାତ୍ରା ପଡ଼ିଆରେ ରବିବାର ଅନୁଷ୍ଠିତ ପଥ ଉତ୍ସବରେ ଛାତ୍ରଛାତ୍ରୀମାନେ ସ୍କେଟିଂ ଖେଳର କଳାକୌଶଳ ପ୍ରଦର୍ଶନ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ରଙ୍ଗଲା ରୂପାଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ୬ଲକ୍ଷର ସହାୟତା

ଭୁବନେଶ୍ୱର,୨।୧୧(ରବିନାରାୟଣ ଜେନା)

ଗଞ୍ଜାମ ଜିଲା ଗୁଡ଼ିଆପଦରର ରଙ୍ଗଲା ରୂପା (ପିତା-ରଙ୍ଗଲା ଦିନେଶ)ଙ୍କର ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ଠାରେ ଘଟିଥିବା ଅଘଟଣରେ ପ୍ରାଣହାନିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

# ରାଜ୍ୟରେ ଏବେ ଶୁଖିଲା ପାଗ

ଭୁବନେଶ୍ୱର,୨।୧୧(ବନ୍ଦନା ସେଠୀ)

ରାଜ୍ୟକୁ ଏବେ ବର୍ଷା ଭୟ ନାହିଁ। ଆଗାମୀ କିଛି ୨୪ଘଣ୍ଟାରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଥିଲେ ମଧ୍ୟ କାଲି ସମସ୍ତ ଜିଲାର ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ରାୟଗଡ଼ା ଓ ରାଜ୍ୟର ଦକ୍ଷିଣ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କିଛି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଅପରପକ୍ଷେ ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ପୂର୍ବ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପୂର୍ବ ଆରବସାଗର ଉପରେ ଏକ ଲଘୁଚାପ ଅଞ୍ଚଳ ରହିଛି। ଗାଙ୍ଗେୟ ପଶ୍ଚିମବଙ୍ଗର ଉତ୍ତର ଅଂଶ ଏବଂ ସଂଲଗ୍ନ ଅଞ୍ଚଳ ଉପରେ ଆଉ ଏକ ଲଘୁଚାପ କ୍ଷେତ୍ର ରହିଛି। ଏହା ପ୍ରଭାବରେ ଗୁଜରାଟ, କୋଙ୍କଣ, ଗୋଆ, ବିହାର ଏବଂ ଉତ୍ତର-ପୂର୍ବ ଅଞ୍ଚଳର ବିଚ୍ଛିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ଡ. ଅରୁନ୍ଧତୀ ଦେବୀ ପାଇବେ 'ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ'

ଭୁବନେଶ୍ୱର,୨।୧୧(ବନ୍ଦନା ସେଠୀ)

ଅନ୍ତର୍ଜାତୀୟ ଶୋଭଜାତୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ ଚଳିତବର୍ଷର 'ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ' ପାଇବେ। ପ୍ରଦ୍ୟୁମ୍ନ ବଳ ରାଜ୍ୟସ୍ତରୀୟ ଜୟନ୍ତୀ କମିଟି ପକ୍ଷରୁ ଜୀବନବ୍ୟାପୀ ଶିକ୍ଷା, ସମାଜସେବା ଏବଂ ଶୋଷଣମୁକ୍ତ ସମାଜ ଗଠନ ଦିଗରେ ତ୍ୟାଗପୂତ ଅବଦାନ ଲାଗି ଡ. ଅରୁନ୍ଧତୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ବିଭିନ୍ନ କ୍ଷେତ୍ରରେ ଅବଦାନ ଲାଗି ଭଦ୍ରକର ସାମାଜିକ କର୍ମୀ ଏସ୍.ଏମ୍. ଫାରୁକ, ମୟୂରଭଞ୍ଜ ଜିଲା ଇଟାମୁଣ୍ଡିଆର ଜଙ୍ଗଲ ଓ ପରିବେଶ ସୁରକ୍ଷା କର୍ମୀ ଗୋପୀନାଥ ସିଂ ଏବଂ ଯାଜପୁର ଜିଲାର ଐତିହାସିକ ତଥା ବୌଦ୍ଧ ଗବେଷକ ଡ. ହରିଶ୍ଚନ୍ଦ୍ର ପ୍ରୁଷ୍ଟିଙ୍କୁ 'ପ୍ରଦ୍ୟୁମ୍ନ ବଳ ବ୍ୟକ୍ତିତ୍ୱ ସମ୍ମାନ'ରେ ସମ୍ମାନିତ କରାଯିବ। ସେହିପରି ଏହାବାଦ୍ ପୁରୀ ଜିଲା ନିମାପଡ଼ା ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ସୁମନ୍ତ ମହାରଣା ଓ କ୍ରୀଡ଼ା ପ୍ରତିଭା ଭୁବନେଶ୍ୱରର ପ୍ରଜ୍ଞାସିନୀ ନାୟକଙ୍କୁ 'ପ୍ରଦ୍ୟୁମ୍ନ ବଳ ସ୍ୱତନ୍ତ୍ର ସମ୍ମାନ'ରେ ସମ୍ମାନିତ କରାଯିବ। ଆସନ୍ତା ୮ ତାରିଖରେ ହେବାକୁଥିବା ପ୍ରଦ୍ୟୁମ୍ନ ବଳଙ୍କ ୧୩୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

# ତଦନ୍ତ ଠିକ୍ ନ ହେଲେ ହାଇକୋର୍ଟ ଯିବୁ: ବିଜେଡି

ଭୁବନେଶ୍ୱର,୨।୧୧(ରବିନାରାୟଣ ଜେନା)

**ଏସ୍‌ଆଇ ପରୀକ୍ଷା ଦୁର୍ନୀତି ପ୍ରସଙ୍ଗ**

**ଚୋର୍ ମଚାଏ ସୋର୍: ଭାଜପା**

ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାର ମାଷ୍ଟର ମାଇଣ୍ଡ ଶଙ୍କର ପ୍ରୁଷ୍ଟିଙ୍କୁ କ୍ରାଇମବ୍ରାଞ୍ଚ ନେପାଳ ସୀମାରୁ ଗିରଫ କରିବା ପରେ ରାଜ୍ୟ ରାଜନୀତି ଜୋର ଧରିଛି। ଏହି ପ୍ରସଙ୍ଗକୁ ନେଇ ବିଜେଡି ମୁଖ୍ୟମନ୍ତ୍ରୀ ତଥା ତାଙ୍କ କାର୍ଯ୍ୟାଳୟକୁ ଟାର୍ଗେଟ କରିବା ସହିତ ତଦନ୍ତ ଠିକ୍ ନ ହେଲେ ହାଇକୋର୍ଟ ଯିବୁ ବୋଲି କହିଛି। ଅନ୍ୟପକ୍ଷରେ ଭାଜପା ତା'ର କଡ଼ା ଜବାବ ରଖିଛି। ଅପରାଧୀ ପାତାଳରେ ଥିଲେ ବି ଖୋଜି ବାହାର କରାଯିବ ବୋଲି ଭାଜପା କହିଛି।

ରବିବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଗୃହ ବିଭାଗ ଦାୟିତ୍ୱରେ ଥିବା ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜ୍ଞାତସାରରେ ହିଁ ଏହି କାମ ଶଙ୍କରଙ୍କୁ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ଭାଜପାର ଆଗଧାଡ଼ିର ନେତୃବୃନ୍ଦଙ୍କ ସହ ଶଙ୍କରଙ୍କ ଫଟୋ ଓ ଭାଜପାରେ ଯୋଗଦେବା ସମୟର ଫଟୋ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଏହି ଘଟଣାରେ ସିଧାସଳଖ ମୁଖ୍ୟମନ୍ତ୍ରୀ ଓ ତାଙ୍କ କାର୍ଯ୍ୟାଳୟର ସମ୍ପୃକ୍ତି ଅଛି ବୋଲି ମହାନ୍ତି କହିଛନ୍ତି।

ସେ କହିଛନ୍ତି, ଏହି ଘଟଣାରେ ସମ୍ପୃକ୍ତ ବଡ଼ମୁଣ୍ଡଙ୍କୁ ଖସାଇ ଦେବାକୁ ରାଜ୍ୟ ସରକାର ପ୍ରଥମେ କ୍ରାଇମବ୍ରାଞ୍ଚ ଓ ପରେ ସିବିଆଇ ତଦନ୍ତ ଘୋଷଣା କରିଥିଲେ। ହେଲେ ଏଯାବତ୍ ସିବିଆଇ ପକ୍ଷରୁ ତଦନ୍ତ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଶଙ୍କରଙ୍କୁ ଗିରଫ କରିବା ପରେ, ଗଣମାଧ୍ୟମରେ ତାଙ୍କୁ ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। କିନ୍ତୁ ଆମେ ପ୍ରଶ୍ନ କରିବାକୁ ଚାହୁଁଛୁ, ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିନା ଅନୁମୋଦନରେ ଓଡ଼ିଆରେ ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇକୁ ଦାୟିତ୍ୱ ଦେଇଥିଲା କି ? ଆଇଟିଆଇ କେନ୍ଦ୍ର ସରକାରଙ୍କ ସଂସ୍ଥା ହୋଇଥିଲେ ସୁଦ୍ଧା, ଏହା ସିକିମ ଭିତ୍ତିକ୍ ଓ ପଞ୍ଜସ୍ତୁ ଟେକ୍ନୋଲୋଜି ଭଳି ଅନଭିଜ୍ଞ ବେସରକାରୀ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ କାହିଁକି ଦେଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

ଲେନିନ୍ କହିଛନ୍ତି, ପଡ଼ୋଶୀ ଆନ୍ଧ୍ରପ୍ରଦେଶ ପୋଲିସ ଯଦି ଏହି ଘଟଣାକୁ ଲୋକଲୋଚନକୁ ଆଣି ନ ଥାଆନ୍ତେ, ତେବେ ଶାସକ ଦଳର ଏହି ପ୍ରାୟୋଜିତ ପୋଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ବାବଦରେ ରାଜ୍ୟବାସୀ ଜାଣିପାରି ନ ଥା'ନ୍ତେ। ଶଙ୍କର କାହା ପ୍ରୋତ୍ସାହନରେ ଏତିକି ଟଙ୍କା ଆଦାୟ କରିବା ପାଇଁ ଦୁଃସାହସ କରିଥିଲେ ତାହା ଲୋକଲୋଚନକୁ ଆସିବା ଦରକାର। ଯଦି ସରକାର ପ୍ରକୃତ ତଦନ୍ତ ନ କରନ୍ତି ତେବେ ବିଜେଡି ହାଇକୋର୍ଟଙ୍କ ଆଶ୍ରୟ ନେବ ବୋଲି ଡ. ମହାନ୍ତି କହିଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ଚୋର୍ ମଚାଏ ସୋର୍। ମୁଖ୍ୟମନ୍ତ୍ରୀ କହିଥିଲେ ପାତାଳରେ ଥିଲେ ବି ଦୋଷୀ ଧରାଯିବ। ନେପାଳ ସୀମାରୁ ଶଙ୍କର ପ୍ରୁଷ୍ଟିଙ୍କୁ କ୍ରାଇମବ୍ରାଞ୍ଚର ଟିମ୍ ଧରିଛି। ସେ ସଂସ୍ଥାର ବିଜେଡି ସରକାର ସମୟରେ ଅନୁଧ୍ୟାନ କରାଯାଇଥିଲା। ଏବେ ଶଙ୍କର ଧରାପଡ଼ିବା ପରେ ବିଜେଡି ସରକାରଙ୍କୁ ବିଜେଡି ଭୟ କରୁଛି, କାଳେ ତା'ର ଲିଙ୍କ୍ ନବୀନ ନିବାସ ଯାଏ ଥିବ ବୋଲି। ହେଲେ ସେ ସବୁ କେବେ ଲୁଚି ରହିବନି। ଯାହା ସତ୍ୟ ନିଶ୍ଚିତ ଭାବେ ଲୋକଲୋଚନକୁ ଆସିବ। ବିଜେଡି ବାଉଳିଆ ନ ହୋଇ ସମୟକୁ ଅପେକ୍ଷା କରୁ ବୋଲି ସେ କହିଛନ୍ତି।

# ନୂଆପଡ଼ା ପାଇଁ ନୂଆଦିଲ୍ଲୀରେ ଡିଲ୍ ସରିଛି: କଂଗ୍ରେସ

ଭୁବନେଶ୍ୱର,୨।୧୧(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନ ପାଇଁ ନୂଆଦିଲ୍ଲୀରେ ଡିଲ୍ ହୋଇସାରିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଗୋଟିଏ ପଟେ ଭାଜପା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବିଜେଡିର ମୁଖିଆ ଭି. କେ. ପାଣ୍ଡିଆନ ଏକତ୍ର ମିଶି କଂଗ୍ରେସ ବିରୋଧରେ ନିର୍ବାଚନ ଲଢ଼ୁଛନ୍ତି। ବୈଷ୍ଣବ ଏବଂ ପାଣ୍ଡିଆନଙ୍କ ବୁଝାମଣା ଅନୁଯାୟୀ, ବିଜେଡି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭାଜପା ପ୍ରାର୍ଥୀ କରିଛି। ବିଜେଡି ଜାଣିଶୁଣି ସ୍ଥାନୀୟ କର୍ମୀଙ୍କୁ ପ୍ରାର୍ଥୀ ନ ଦେଇ ବାହାର ଜିଲାର ନେତାଙ୍କୁ ପ୍ରାର୍ଥୀ କରିଛି। ଉଭୟ ଦଳର ଲକ୍ଷ୍ୟ ହେଲା ଭାଜପା ପ୍ରାର୍ଥୀଙ୍କୁ ଜିତାଇବା।

ସେ କହିଛନ୍ତି, ପୂର୍ବରୁ ବିଜେଡି-ଭାଜପାର ମିଳିତ ସରକାର ଥାଇ ପଦ୍ମପୁର ଓ ଲକ୍ଷ୍ମୀପୁର ଉପନିର୍ବାଚନ କଂଗ୍ରେସ ଜିତିଥିଲା। ଏଥର ମଧ୍ୟ କଂଗ୍ରେସ ପ୍ରାର୍ଥୀ ନୂଆପଡ଼ାରେ ବିଜୟୀ ହେବେ। ନବୀନ ପଟ୍ଟନାୟକ କେବଳ ଦୋଷ ଘୋଡ଼ାଇବା ପାଇଁ ଭାଜପା ସହିତ ଆମେ ନାହୁଁ ବୋଲି କହୁଛନ୍ତି। ହେଲେ ତାଙ୍କ କଥା ଓ ଆଚରିକତା ଭିତରେ ଯେଉଁ ବ୍ୟବଧାନ ରହିଛି ତାହାକୁ ରାଜ୍ୟବାସୀ ସମସ୍ତେ ବୁଝି ସାରିଛନ୍ତି ବୋଲି ଜେନା କହିଛନ୍ତି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ କହିଛନ୍ତି, ବିଜେଡି ନିର୍ବାଚନ ଲଢ଼ିବାର ଅଭିନୟ କରୁଛି। କେମିତି କିଛି ସମ୍ମାନଜନକ ଭୋଟ ସଂଖ୍ୟା ହାସଲ ହେବ ସେଥିପାଇଁ ତାଙ୍କର ପ୍ରୟାସ। କିନ୍ତୁ କଂଗ୍ରେସ ସାମାଜିକ ନ୍ୟାୟ ଏବଂ ସାମୂହିକ ବିକାଶକୁ ଗୁରୁତ୍ୱ ଦେଉଛି ବୋଲି ସେ କହିଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଚିତ୍ରକଳା ଓ ସ୍ଥାପତ୍ୟ ପଦର୍ଶନୀ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ମେଡ଼ିକାଲ୍ ଏବଂ ସଲେସ ରେପ୍ରେଜେଣ୍ଟେଟିଭ୍ ସମୂହ ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଆକ୍ସିସ୍ ବ୍ୟାଙ୍କ ସହାୟତାରେ ଅନୁଷ୍ଠିତ ସାଂସ୍କୃତିକ ଐତିହ୍ୟ ମହୋତ୍ସବ ନିମନ୍ତେ ଖବାଦାତା ସମ୍ମିଳନୀ, ସ୍ଥାନ: ହୋଟେଲ୍ ତାଜ୍, ୟୁନିଟ୍ ୨, ସମୟ: ମଧ୍ୟାହ୍ନ ୧୨ଟା।
- ଉକ୍ରଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟାୟନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ପ୍ରଜାପତିର ଡେଣା ନାଟକ ମଞ୍ଚସ୍ଥ, ସ୍ଥାନ, ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ
- ଓଡ଼ିଶା କମର୍ସ ଆସୋସିଏଶନ୍‌ର ୪୫ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ସେଭେନ୍ ପିଲାର୍ସ ଅଫ୍ ୱିସ୍‌ଡମ୍ ସମ୍ମିଳନୀ କକ୍ଷ, ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ପେନ୍‌ସନର ଆଣ୍ଡ ପେନ୍‌ସନର୍ସ ୱେଲଫେୟାର ବିଭାଗ ପକ୍ଷରୁ ଜୀବନ ପ୍ରମାଣ ଅଭିଯାନ, ସ୍ଥାନ: ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିସର, ଚାନ୍ଦିନୀ ଚୌକ, ସମୟ: ପୂର୍ବାହ୍ଣ ୧୧ଟା।
- ପେନ୍‌ସନର ଆଣ୍ଡ ପେନ୍‌ସନର୍ସ ୱେଲଫେୟାର ବିଭାଗ ପକ୍ଷରୁ ଜୀବନ ପ୍ରମାଣ ଅଭିଯାନ, ସ୍ଥାନ: ମୁଖ୍ୟ ଡାକଘର ପରିସର, ବକ୍ସିବଜାର, ସମୟ: ମଧ୍ୟାହ୍ନ ୧୨ଟା।
- ତୃତୀୟ ବୈଭବୀ କଳା ମହୋତ୍ସବର ଉଦ୍‌ଯାପନ ସମାରୋହ, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର, ବାରପଥର, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ଜିଲାପାଳଙ୍କ କାର୍ଯ୍ୟାଳୟ,ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଆଦର୍ଶ ଶିକ୍ଷକ ସ୍ୱର୍ଗତ ଜଗନ୍ନାଥ ରାଏ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ, ସ୍ଥାନ: କଲ୍ୟାଣ ମଣ୍ଡପ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ଆଗରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବ୍ଲକରୋଡ୍ ପଲାଇ କଲୋନୀ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ସଙ୍ଗୀତ କଳା ପରିଷଦର ବାର୍ଷିକ ସାଂସ୍କୃତିକ ଉତ୍ସବର ଉଦ୍‌ଯାପନୀ, ସ୍ଥାନ: ବାଲିନଗର ଯାଦବପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା ୩୦।

## କେନ୍ଦୁଝର
- ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।
- ବିଜେଡ଼ି ଜନ ସମ୍ପର୍କ ପଦଯାତ୍ରା ଅଭିଯାନ, ସ୍ଥାନ: ହରିହର ମନ୍ଦିରରୁ ବିକାଶ ମହଲ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।
- ରାସ ଉତ୍ସବ ଉପଲକ୍ଷେ ଭଜନ ଓ ସତ୍‌ସଂଘ, ସ୍ଥାନ: ବଡ଼ରମ୍ପାସ୍, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ ଟା।
- ସାଇବାବାଙ୍କ ଅଖଣ୍ଡ ଜ୍ୟୋତି ଯାତ୍ରା ଉତ୍ସବ, ସ୍ଥାନ : ଖାଣ୍ଟପଦା, ହାଟଡ଼ିହୀ, ସମୟ : ସକାଳ ୭ ଟା।

## ମୟୂରଭଞ୍ଜ
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଘଟ ଉତ୍ତୋଳନ, ସ୍ଥାନ: ଚଢେଇଗାଁ, ମୋରଡ଼ା, ସମୟ: ସକାଳ ୯ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟ ସମୂହ ଦୌଡ଼କୁଦ ଓ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କରଞ୍ଜିଆ, ସମୟ: ଅପରାହ୍ନ ୧ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ଦଧିମହୋତ୍ସବ, ସ୍ଥାନ: ମାଇନିଂ କଲୋନୀ, ବାରିପଦା, ସମୟ: ଅପରାହ୍ନ ୨ଟା।
- ଜଗଦ୍ଧାତ୍ରୀ ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଭପୁର ଜଗଦ୍ଧାତ୍ରୀ ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ବେଦ ପ୍ରବଚନ, ସ୍ଥାନ: ପାଢ଼ୀ ସେଲିବ୍ରେସନ, ଗିରିରୋଡ, ସମୟ: ସନ୍ଧ୍ୟା ୬ଟା ୩୦।

## କନ୍ଧମାଳ
- ବିଜେଡିର ପଦଯାତ୍ରା,ସ୍ଥାନ: ସାରିଙ୍ଗିଙ୍ଗିପି ପଡିଆଠାରୁ ଆରମ୍ଭ ମିଶ୍ର କଲ୍ୟାଣ ମଣ୍ଡପରେ ବୈଠକ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ବିଜୟା ମାର୍କେଟ ବ୍ୟବସାୟୀଙ୍କ ପକ୍ଷରୁ ଅଷ୍ଟମପ୍ରହରୀ ନାମଯଜ୍ଞ ଓ କଳସ ଶୋଭାଯାତ୍ରା, ସ୍ଥାନ: ବଡ଼ପଡ଼ିଆ ବଜାର, ପାରାଦୀପ ସମୟ: ସକାଳ ୬ଟା।
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୦ଟା।
- ଡ୍ରଗ୍ସ ମୁକ୍ତ ଅଭିଯାନ(ୱାଦା) ସଙ୍ଗଠନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ସରକାରୀ ଆଇଟିଆଇ କେନ୍ଦ୍ର, ନୂଆଗଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଆନ୍ତଃରାଜ୍ୟ ମହିଳା ଚେସ୍ ଚାମ୍ପିୟନସିପ୍, ସ୍ଥାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଭଜନ ସମ୍ରାଟ ଭିକାରୀ ବଳଙ୍କ ପୁଣ୍ୟତିଥି ପାଳନ, ସ୍ଥାନ: ଭାବଗ୍ରାହୀ କଳା ନିକେତନ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ରାହାସ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ବଳରାମପୁରଗଡ଼ ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ସପ୍ତମ ଦିବସରେ ରାଜସୂୟ ଯଜ୍ଞ ଓ ହଂସ ଉପାଖ୍ୟାନ, ସ୍ଥାନ: ଜଳେଶ୍ୱର ମହାଦେବଙ୍କ ପୀଠ, ମାଳିସାହି ଡିହଗାଁ, ସମୟ: ସକାଳ ୬ରୁ ରାତ୍ର ୧୦.୩୦।
- ଜଗନ୍ନାଥ ମହାପ୍ରଭୁଙ୍କ ପଞ୍ଚକର ୨ୟ ଦିବସରେ ବାଙ୍କଚୁଡା ବେଶ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ।
- ମନ୍ଦିର ପ୍ରତିଷ୍ଠା, ବାର୍ଷିକ ଉତ୍ସବ ଓ କାର୍ତ୍ତିକ ପୂର୍ଣ୍ଣିମା ଅଁଳା ନବମୀ ଯାତ୍ରାର ଚତୁର୍ଥ ଦିବସରେ ଯଜ୍ଞ ଓ ନାମ ସଂକୀର୍ତ୍ତନ, ସ୍ଥାନ: ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତ ଭୀମରା ପାହାଡ, ସମୟ:ସକାଳ ୭ଟା ।
- ଶରତ ରାସ ଯାତ୍ରା ମହୋତ୍ସବର ୨ୟ ଦିବସରେ ବୃନ୍ଦା ଗର୍ବ ଗଞ୍ଜନ ଓ ଗୋପୀଙ୍କର ବିଳାପ, ସ୍ଥାନ: ଦଶପଲ୍ଲା ସହର ଗୋପୀନାଥ ଜୀଉ ବିଜେ ସାତପାଟଣା, ସମୟ:ସକାଳ ୭ଟା।
- ପଞ୍ଚଦଶ ଭାଗବତ ପାରାୟଣର ସୂର୍ଯ୍ୟପୂଜା, ହୋମ, ଭାଗବତ ପାରାୟଣ, ଭଜନ କୀର୍ତ୍ତନ ଓ ପ୍ରବଚନର ଷଷ୍ଠ ଦିବସ, ସ୍ଥାନ ; ନୟାଗଡ ବ୍ଲକ ବେଗୁନିଆଁ ପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟା ।
- ଭାଗବତ ସପ୍ତାଙ୍ଗର ୫ମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାଗ୍ର ଗୋକୁଳାନନ୍ଦ ମନ୍ଦିର, ସମୟ:ସକାଳ ୮ଟା ।
- ଭାଗବତ ସପ୍ତାଙ୍ଗର ୫ମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, ସମୟ:ପୂର୍ବାହ୍ନ ୯ଟା ।
- ଭାଗବତ ସପ୍ତାଙ୍ଗର ୫ମ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପଞ୍ଚାୟତ ନାରାୟଣୀ ପୀଠ, ସମୟ:ପୂର୍ବାହ୍ନ ୯ଟା ।
- ୨ୟ ତମ ବୈଦିକ ଦେବ ଯଜ୍ଞ ଓ ପଞ୍ଚକ ଜ୍ଞାନ ଜ୍ୟୋତି ପାରାୟଣ ପର୍ବର ୪ର୍ଥ ଦିବସ, ସ୍ଥାନ:କଣ୍ଟିଲୋ କୁଞ୍ଜବିହାରୀପୁର ପାଟଣା, ସମୟ: ସକାଳ ୯ରୁ ରାତ୍ର ୯ଟା ।
- ନାରଦିଗୋଛା ଓ ଲେଣ୍ଡେରୀଙ୍ଗରି ଆଦିବାସୀଙ୍କ ବିକ୍ଷୋଭ, ସ୍ଥାନ:ଦଶପଲ୍ଲା ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।
- ବୋଇତ ବନ୍ଦାଣ ଯାତ୍ରା ମହୋତ୍ସବର ୩ୟ ଦିବସରେ ସାଂସ୍କୃତିକ ଆସର, ସ୍ଥାନ: ନୟାଗଡ ପୁରୁଣା ସହରର ମା' ଦକ୍ଷୀଣକାଳୀଙ୍କ ପଡିଆ, ସମୟ:ସଂଧ୍ୟା ୫.୩୦ ରୁ ରାତି ୧୦ଟା ।
- ପଞ୍ଚକ ଅବସରରେ ପାର୍ଶ୍ୱଦେବତା ଜଗନ୍ନାଥ ଜୀଉ ବିଜେଙ୍କ ଗିରି ଗୋବର୍ଦ୍ଧନ ବେଶ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସଂଧ୍ୟା ୫.୩୦ରୁ ରାତି ୧୦ଟା ।
- ପଞ୍ଚକ ଅବସରରେ ଜଗନ୍ନାଥ ଜୀଉ ବିଜେଙ୍କ ତ୍ରିବିକ୍ରମ ବେଶ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ:ସଂଧ୍ୟା ୬ଟାରୁ ରାତି ୧୦ଟା।
- ପଞ୍ଚକ ଅବସରରେ ଗଜ, ମତ୍ସ୍ୟ ଓ କଚ୍ଛପ ବେଶ, ସ୍ଥାନ: ଓଡଗାଁ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ:ସଂଧ୍ୟା ୬ଟାରୁ ରାତି ୧୦ଟା।
- ପଞ୍ଚକ ଅବସରରେ ଗରୁଡ ଗୋବିନ୍ଦ ବେଶ, ସ୍ଥାନ: କଣ୍ଟିଲୋ ନୀଳମାଧବ କ୍ଷେତ୍ର, ସମୟ:ସକାଳ ୭ଟାରୁ ଅପରାହ୍ନ ୩ଟା ।
- ପଞ୍ଚକ ଅବସରରେ ସଂଧ୍ୟାରେ ନଟବର ବେଶ, ସ୍ଥାନ: କଣ୍ଟିଲୋ ନୀଳମାଧବ କ୍ଷେତ୍ର, ସମୟ:ସଂଧ୍ୟା ୭ଟାରୁ ରାତି ୧୦ଟା ।
- କାର୍ତ୍ତିକ ମହୋତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, ସମୟ:ରାତି ୯ଟା ।
- ଖଣ୍ଡପଡା କାର୍ତ୍ତିକେଶ୍ୱର ପୂଜା, ସ୍ଥାନ: ଖଣ୍ଡପଡା ରଥଗଡା ଛକ, ସମୟ: ସଂଧ୍ୟା ୭ଟା ।
- ପଞ୍ଚକ ଅବସରରେ ବାଦିପାଲା, ସ୍ଥାନ: ଖଣ୍ଡପଡା ବ୍ଲକ ଗଡିଆସାହି ପଥରଗଣ୍ଡ ରାମମନ୍ଦିର ସମ୍ମୁଖ, ସମୟ: ସଂଧ୍ୟା ୭ଟା ।

## ରାୟଗଡ଼ା
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରୀ ହାଇସ୍କୁଲ ପଡିଆ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଉମରକୋଟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା ।

## କୋରାପୁଟ
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଯୁବପାତ୍ରପୁଟ, କୁନ୍ଦୁରା ବ୍ଲକ୍, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପୂର୍ବରୁ ସ୍ଥିରୀକୃତ କୌଣସି କର୍ମାରମ୍ଭ ସକାଶେ ଯୋଜନା ପ୍ରସ୍ତୁତ କରିବେ। ପାରିବାରିକ ସମସ୍ୟା ସମାଧାନ ହେବା ସକାଶେ ଜଣେ ପ୍ରିୟ ବନ୍ଧୁ ମାର୍ଗଦର୍ଶକ ସାଜିପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବା ପାଇଁ ଚେଷ୍ଟା କରିପାରନ୍ତି। ପରିବହନ, ବାଣିଜ୍ୟ, ହୋଟେଲ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବେ।

**ବୃଷ** ପ୍ରତ୍ୟୁଷ ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ ପ୍ରଭୃତି କ୍ଷେତ୍ରରେ ପ୍ରତିକୂଳ ଗ୍ରହସ୍ଥିତି ବାଧକ ସାଜିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ଭଲ ରହିବ। ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ମନକୁ ପାଇଲା ଭଳି ମୂଲ୍ୟବାନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ** ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ବ୍ୟବସାୟରେ ସମସ୍ୟା ବଡ଼ ଆକାର ଧାରଣ କରିବାର ଆଶଙ୍କା ରହିଛି। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସାଧାରଣ କଥାକୁ ନେଇ ରାଗିଥିବା ଅବୁଝା ବନ୍ଧୁଙ୍କୁ ବୁଝାଇ ମନାଇବା କଷ୍ଟକର ହୋଇପଡ଼ିବ।

**କର୍କଟ** ଆଜି ଭୁଲ୍ ବୁଝାମଣାରୁ ପରିବାରରେ ମତାନ୍ତର ଦେଖାଦେବ। ଆପଣଙ୍କ ମଧୁର ବିନୟ ବଚନ ପ୍ରଭାବରୁ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁ ଗହଣରେ ଆଲୋଚନାକୁ କେନ୍ଦ୍ରକରି ଭାବପ୍ରବଣତା ବୃଦ୍ଧି ପାଇପାରେ।

**ସିଂହ** ଆଜିର ଫେରନ୍ତା ରାସ୍ତାରେ କୌଣସି ବ୍ୟକ୍ତିଙ୍କୁ ଦୀର୍ଘ ସମୟ ଅପେକ୍ଷା କରି ବିବ୍ରତ ହେବେ। ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିବ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ମାନସିକ ସ୍ଥିତିକୁ ବିପନ୍ନ କରିପାରେ। ସହକର୍ମୀଙ୍କ ସହିତ ପାରସ୍ପରିକ ମତଭେଦ, ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**କନ୍ୟା** ପାରିବାରିକ ସହଯୋଗରେ ଚେଷ୍ଟା କରୁଥିବା କାମ ପାଇଁ ଖୋରାକି ମିଳିଯିବାର ସୂଚନା ରହିଛି। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା କ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭକରିବେ। ଅଫିସରୁ ଆସିବା ବାଟରେ ପସନ୍ଦର ଜିନିଷଟି କିଣିବା ପାଇଁ ମନସ୍ଥ କରିବେ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ମନର ଅସନ୍ତୋଷକୁ ପରିପ୍ରକାଶ କରି ବନ୍ଧୁଙ୍କ ସହ ସମ୍ପର୍କ କ୍ଷୁଣ୍ଣ କରିପାରନ୍ତି। ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବାରେ ପ୍ରଯତ୍ନ କଲେ ବିଫଳ ହେବନି। ଶିଳ୍ପ, ବାଣିଜ୍ୟ, ପରିବହନ ଓ କର୍ମାରମ୍ଭ କ୍ଷେତ୍ରରେ ସଫଳତା ମିଳିବ। ରଚନାତ୍ମକ କାମରେ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ, ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା** ଅଭିଳଷିତ କାର୍ଯ୍ୟ ହାସଲ ନ ହେବାରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ଅର୍ଥନୈତିକ ଉନ୍ନତି, ସାମାଜିକ ପ୍ରଗତି, ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ହେତୁ ଦିନଟି ଖୁସିରେ କଟିବ। ବନ୍ଧୁମିଳନ, ନୂତନ ସମ୍ପର୍କ, ପ୍ରୀତିପ୍ରଦ ଆଲୋଚନାର ସୁଯୋଗ ପାଇବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** ବିଗତ ଦିନର ଘଟଣାକୁ କେନ୍ଦ୍ରକରି ଅନ୍ୟମନସ୍କତା ଯୋଗୁ ମନୋବଳ ହ୍ରାସ ପାଇବ। ଆଲୋଚନା ପରିସରରେ, ସଭାରେ, ତର୍କ ଓ ବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ। ବକେୟା ଅର୍ଥ ଆଦାୟରେ ଜଣେ ବନ୍ଧୁ ସାହାଯ୍ୟ ପାଇଁ ଆଗେଇ ଆସିପାରନ୍ତି। ବିବାଦୀୟ ଘଟଣାରେ ହସ୍ତକ୍ଷେପ କରିବା ଠିକ୍ ହେବ ନାହିଁ।

**ମକର** ଆଜି ଯେତେ ଚେଷ୍ଟା କଲେ ମଧ୍ୟ ସବୁ ବିଳମ୍ବରେ ହିଁ ସମ୍ପନ୍ନ ହେବ। ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ, ଯାହା ସମସ୍ୟାକୁ କମାଇ ଦେବ। କଥା ଦେଇଥିବା ବନ୍ଧୁ ଠିକ୍ ସମୟରେ ନ ଫେରିବାରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ ବଢ଼ିଯିବାରୁ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରିବେ ସତ କିନ୍ତୁ ପ୍ରତିବଦଳରେ ଓଲଟା ଫଳ ପାଇବେ । ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ଘରୋଇ ବ୍ୟାପାର ନେଇ ମାନସିକ ଅସୁସ୍ଥତା ଲାଗିରହିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଚେଷ୍ଟା କରୁଥିବା କାମରେ, ଆନୁଷ୍ଠାନିକ କ୍ଷେତ୍ରରେ ଉପକୃତ ହେବେ।

**ମୀନ** ଆଜିର ଯାତ୍ରା, ବ୍ୟବସାୟ, ପ୍ରତିଯୋଗିତା, ବନ୍ଧୁଙ୍କ ସହ ବାର୍ତ୍ତାଳାପ, ପ୍ରଶାସନିକ ଆଲୋଚନା ସମସ୍ୟା ମୁକ୍ତ ରହିବ। ପରିବାରରେ ସମସ୍ୟାର ସାମ୍ନା କରି ନ ପାରି ବିବ୍ରତ ହେବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲଭିବେ।

ଆଜି ନଭେମ୍ବର ୩ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ତ୍ରିବିକ୍ରମ ବା ଆଡ଼କିଆ ବେଶ, କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ସୋମବାର। ରାଶିନକ୍ଷତ୍ର- ଉତ୍ତରଭାଦ୍ରପଦ/ମୀନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୨ ଗତେ ଘ.୦୭.୧୬ ମଧ୍ୟେ,୦୮.୫୨ ଗତେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୭.୧୬ ଗତେ ଘ.୦୮.୪୧ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### କକ୍ଷପଥରେ ସବୁଠୁ ଓଜନଦାର ...
ଏଲ୍‌ଭିଏମ୍୩-ଏମ୍୫ ହେଉଛି ୩ ପର୍ଯ୍ୟାୟ ଲଞ୍ଚ୍ ଭେହିକିଲ୍। ଏଥିରେ ୨ଟି ସଲିଡ୍ ମୋଟର ଷ୍ଟ୍ରାପ୍-ଅନ୍(ଏସ୍୨୦୦) ଏବଂ ଗୋଟିଏ ଲିକ୍ୟୁଇଡ୍ ପ୍ରୋପେଲାଣ୍ଟ କୋର ଷ୍ଟେଜ୍(ଏଲ୍୧୧୦) ଏବଂ ଗୋଟିଏ କ୍ରିଓଜେନିକ୍ ଷ୍ଟେଜ୍ (ସି୨୫) ରହିଛି, ଯାହା ଇସ୍ରୋକୁ ଓଜନଦାର କମ୍ୟୁନିକେଶନ ସାଟେଲାଇଟ୍ ଲଞ୍ଚ୍ କରାଇବାରେ ଆତ୍ମନିର୍ଭରଶୀଳ କରିପାରିଛି।

### ଅସମ୍ଭାଳ ଭିଡ଼...
ବ୍ୟାରିକେଡ୍ କରାଯାଇଥିଲେ ମଧ୍ୟ ଅନେକ ଭକ୍ତ ବ୍ୟାରିକେଡ୍‌ରେ ନ ଆସି ହାତ କରି ଗଳାବାଟେ ସିଂହଦ୍ୱାର ଓ ଅନ୍ୟଦ୍ୱାରରେ ଯାଉଥିବା ଦେଖିବାକୁ ମିଳିଥିଲା। ପ୍ରବଳ ଭକ୍ତଙ୍କ ସମାଗମ ହେବାରୁ ଅଣନିଃଶ୍ୱାସୀ ପରିସ୍ଥିତି ସହ ଠେଲାପେଲା ହୋଇଥିଲା। ଘଣ୍ଟା ଘଣ୍ଟା ଧରି ବ୍ୟାରିକେଡ୍‌ରେ ଠିଆ ହେବା ଫଳରେ ଅନେକ ଭକ୍ତ ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିଥିଲେ। ସେହିପରି ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ଭକ୍ତମାନଙ୍କୁ ଉତ୍ତମ ବ୍ୟବହାର କରିବା ପାଇଁ, ମାତ୍ର ପୋଲିସ ଅନେକ ସମୟରେ ଭକ୍ତଙ୍କୁ ଠେଲାପେଲା କରୁଥିବା ଦେଖାଯାଇଛି। ଅପରାହ୍ନ ୫ଟାରେ ଠେଲାପେଲା ପରିସ୍ଥିତି ହେବା ସହ ବ୍ୟାରିକେଡ୍ ଭାଙ୍ଗିଥିବା ସୂଚନା ମିଳିଛି।

ଦର୍ଶନ ବ୍ୟବସ୍ଥା ସମ୍ପର୍କରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ କହିଛନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନେଇ ଶ୍ରୀମନ୍ଦିର ବାହାରେ ଓ ଭିତରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୩୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଶ୍ରଦ୍ଧାଳୁ ଯେପରି ଶୃଙ୍ଖଳିତ ଦର୍ଶନ କରିବେ ସେଥିପାଇଁ ପୋଲିସ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉତ୍ତମ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ଭକ୍ତଙ୍କ ସୁବିଧା ପାଇଁ ମାର୍କେଟଛକଠାରୁ ବ୍ୟାରିକେଡ୍ କରାଯାଇଛି। ପାଣି, ଓଆର୍‌ଏସ୍ , ପାଣି ସିଞ୍ଚନ, ଆମ୍ବୁଲାନ୍ସ, ଫାୟାର ବ୍ୟବସ୍ଥା କରାଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ବ୍ୟବସ୍ଥା ଆହୁରି ସୁଦୃଢ଼ କରାଯିବ ବୋଲି ସେ କହିଛନ୍ତି। କଣାସ ଅଞ୍ଚଳର ଭକ୍ତ ସବିତା ପଟ୍ଟନାୟକ କହିଛନ୍ତି, ଏକଦଶୀରେ ଦର୍ଶନ ପାଇଁ ଆସିଥିଲୁ। ମାର୍କେଟ୍ ଛକଠାରୁ କରାଯାଇଥିବା ବ୍ୟାରିକେଡ୍‌ରେ ଆସି ମହାପ୍ରଭୁଙ୍କ ଦର୍ଶନ କଲୁ। ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି, ମାତ୍ର ତାହା ଯଥେଷ୍ଟ ନୁହେଁ। ବ୍ୟାରିକେଡ୍‌ରେ ପୂର୍ବାହ୍ନ ୧୧ଟାରୁ ଠିଆ ହୋଇ ସନ୍ଧ୍ୟାରେ ଯାଇ ଦର୍ଶନ କରିବାର ସୁଯୋଗ ମିଳିଥିଲା। ପ୍ରାୟ ୬ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଲା। ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ ହୋଇଛି।

ଖାଡ଼ସୁଗୁଡ଼ାରୁ ଆସିଥିବା ଭକ୍ତ କୁମୁଦିନୀ ନାୟକ କହିଛନ୍ତି, ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର ମଧ୍ୟକୁ ଯାଇ ଦର୍ଶନ କରବାକୁ ଭୟ ଲାଗିଲା। ତେଣୁ ମନ୍ଦିର ଭିତରକୁ ଯାଇପାରିଲି ନାହିଁ। ପରିକ୍ରମା କରି କି ଫେରିବି, ସୋମବାର ଗହଳି ଯଦି କମିବ, ତେବେ ଶ୍ରୀମନ୍ଦିର ଯିବି। ଏତେ ଗହଳି ଯେ ରାସ୍ତା ପାଉନାହିଁ। ଅସମ୍ଭାଳ ଭିଡ଼ ବ୍ୟବସ୍ଥା ଠିକ୍ ନାହିଁ। ଶୁକ୍ରବାର ଦର୍ଶନ ପାଇଁ ଯାଇଥିଲୁ, ମାତ୍ର ଦର୍ଶନ କରିପାରିଲୁନି। ଭିତର ବ୍ୟବସ୍ଥା ଆହୁରି ସୁଦୃଢ଼ ହେବା ଆବଶ୍ୟକ। ପଛରେ ରହୁଥିବା ଲୋକ ଦର୍ଶନ କରିପାରୁନାହାନ୍ତି, ତେଣୁ ଏଥିପ୍ରତି ଧ୍ୟାନ ଦିଆଯାଉ ବୋଲି ନାୟକ କହିଛନ୍ତି।

### ସ୍ମୃତି-ଶେଫାଳିଙ୍କ ...
୪ର୍ଥ ବଲ୍‌ରେ ମନ୍ଧାନାଙ୍କୁ ସିନାଲୋ ଜାଫାଙ୍କ ହାତରେ କ୍ୟାଚ କରାଇ ଦକ୍ଷିଣ ଆଫ୍ରିକାକୁ ବ୍ରେକ୍ ଥ୍ରୁ ଦେଇଥିଲେ କ୍ଲୋ ଟ୍ରାୟନ। ମନ୍ଧାନା ୫୮ ବଲ୍‌ରୁ ୪୫ (୮ ଚୌକା) ରନ କରିଥିଲେ। ପ୍ରତୀକା ରାଓ୍ୱଲ ଆହତ ହେବାପରେ ସେମିଫାଇନାଲରେ ଦଳକୁ ଡାକରା ପାଇଥିବା ଶେଫାଳି କିନ୍ତୁ ଫାଇନାଲରେ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ଦ୍ରୁତ ହାରରେ ରନ ସଂଗ୍ରହ କରି ଭାରତକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଉଥିବା ଶେଫାଳି ଏଠାରେ ୭୮ ବଲ୍‌ରେ ୭ ଚୌକା ଓ ୨ ଛକା ସହାୟତାରେ ୮୭ ରନକରି ପ୍ୟାଭିଲିୟନ ଫେରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଭାରତ ପାଇଁ ମ୍ୟାଚ ବିଜୟୀ ଶତକୀୟ ଇନିଂସ ଖେଳିଥିବା ଜେମିମା ରୋଡ୍ରିଗ୍ସ ଏଠାରେ ମାତ୍ର ୨୪ (୩୭ ବଲ, ୧ ଚୌକା) ରନକରି ଆଉଟ ହେବା ଭାରତ ପାଇଁ ଶକ୍ତ ଝଟ୍‌କା ସଦୃଶ ହୋଇଥିଲା। ତାଙ୍କ ଉଇକେଟ ପତନ ପରେ ଅଧିନାୟକ ହରମନପ୍ରୀତ କୌର ଓ ଦୀପ୍ତି ଶର୍ମା ସତର୍କତାର ସହ ଖେଳିଥିଲେ। ସେମିଫାଇନାଲରେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ହରମନପ୍ରୀତ୍ ମାତ୍ର ୨୦ ରନକରି ସ୍ପିନର ନନ୍‌କୁଲୁଲେକୋ ମଲାବାଙ୍କ ବଲ୍‌ରେ ଆଉଟ ହେବାରୁ ୨୨୩ ରନରେ ଭାରତର ୪ର୍ଥ ଉଇକେଟର ପତନ ଘଟିଥିଲା। ତେବେ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ନକ୍‌ଆଉଟରେ ସେ ସର୍ବାଧିକ ରନ କରିବାରେ ରେକର୍ଡ କରିଥିଲେ। ସେ ୪ ଇନିଂସରୁ ୩୩୧ ରନ କରିଥିବାବେଳେ ପୂର୍ବରୁ ବେଲିଣ୍ଡା କ୍ଲାର୍କ ୩ ଇନିଂସରୁ ୩୩୧ ରନକରି ରେକର୍ଡର ଅଧିକାରିଣୀ ଥିଲେ। ମିଡିଲ ଅର୍ଡରରେ ଅମନଜୋତ କୌର ମାତ୍ର ୧୨ ରନ କରିବାକୁ ସକ୍ଷମ ହୋଇଥିଲେ ହେଁ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଖେଳିଥିଲେ ଅନ୍ୟତମ ଶ୍ରେଷ୍ଠ ଇନିଂସ। ସେ ଅର୍ଦ୍ଧଶତକ ହାସଲ କରିବା ସହ ଷଷ୍ଠ ଉଇକେଟରେ ରିଚା ଘୋଷଙ୍କ ସହ ୩୫ ବଲ୍‌ରୁ ମୂଲ୍ୟବାନ ୪୭ ରନର ଭାଗୀଦାରି ଗଢ଼ିଥିଲେ। ରିଚା ୨୪ ବଲ୍‌ରୁ ଦ୍ରୁତ ୩୪ (୩ ଚୌକା, ୨ ଛକା) ଏବଂ ଦୀପ୍ତି ୫୮ (୫୮ ବଲ, ୩ ଚୌକା, ୧ ଛକା) ରନ କରିବାକୁ ସକ୍ଷମ ହୋଇଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ଆୟାବୋଙ୍ଗା ଖାକା ୩ଟି ଏବଂ ନନ୍‌କୁଲୁଲେକୋ ମଲାବା, ନାଡିନେ ଡି କ୍ଲାର୍କ, କ୍ଲୋ ଟ୍ରାୟନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ୧୦୦୦ କୋଟି ...
୧୨୩ ଜଣ ଗିରଫ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୧୧୪ ଚାକିରି ଆଶାୟୀ ଜାମିନରେ ମୁକୁଳିଥିବାବେଳେ ୯ ମଧ୍ୟସ୍ଥ ଜେଲରେ ଅଛନ୍ତି। ତେବେ ଶଙ୍କର ଗିରଫ ହେବା ପରେ ଏହି ସଂଖ୍ୟା ୧୨୪ରେ ପହଞ୍ଚିଛି। ସୂଚନାଯୋଗ୍ୟ, ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷାକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂସ୍ଥା ଆଇଟିଆଇକୁ ଦିଆଯାଇଥିଲା। ଆଇଟିଆଇ ଏହାକୁ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଇଥିଲା। ସିଲିକନ୍ ଏହି କାମକୁ ଶଙ୍କରଙ୍କ ମାଲିକାନାରେ ଥିବା ପଞ୍ଚସଫ୍ଟକୁ ଦେଇଥିଲା। କେତେଜଣ ଅଧିକାରୀଙ୍କ ସହ ମିଶି ଶଙ୍କର ଜାଲିଆତି ଯୋଜନା କରିଥିଲେ ବୋଲି ଅଭିଯୋଗ ରହିଛି। ଶଙ୍କରଙ୍କ ନିର୍ଦ୍ଦେଶରେ ମୁନା ଭୁବନେଶ୍ୱରର ଏକ ଟ୍ରାଭେଲ ଏଜେନ୍ସିରୁ ୩ଟି ବସ୍ ଠିକ୍ କରିଥିଲେ। ସେଥିପାଇଁ ମୁନା ୨.୩୦ ଲକ୍ଷ ଟଙ୍କା ମଧ୍ୟ ନିଜ ମା'ଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଦେଇଥିଲେ। ଏହି ଆପରାଧିକ କାର୍ଯ୍ୟରେ ସେ ନିଜ ଭଉଣୀଙ୍କ ସାଙ୍ଗ ପ୍ରିୟଦର୍ଶିନୀ ସାମଲଙ୍କୁ ମଧ୍ୟ ସାମିଲ କରିଥିଲେ। ହେଲେ ଏହି ର‍୍ୟାକେଟ ଧରାପଡ଼ିବା ପରେ ପ୍ରିୟଦର୍ଶିନୀଙ୍କ ମାଧ୍ୟମରେ ପ୍ରାର୍ଥୀ(ଚାକିରି ଆଶାୟୀ)ମାନଙ୍କ ଅଭିଭାବକଙ୍କୁ ସାର୍ଟିଫିକେଟ ଫେରାଇ ପ୍ରମାଣ ନଷ୍ଟ କରିବାର ପ୍ରୟାସ କରାଯାଇଥିଲା। ପ୍ରିୟଦର୍ଶିନୀ ମଧ୍ୟ ପ୍ରାର୍ଥୀମାନଙ୍କଠାରୁ ଅର୍ଥ ଆଦାୟ କରିବାରେ ସକ୍ରିୟ ଭୂମିକା ନେଇଥିଲେ।

### ମେକ୍ସିକୋ ଷ୍ଟୋରରେ ...
କରୁଥିବାବେଳେ ନିଆଁ ଲାଗି ଚାହୁଁ ଚାହୁଁ ସମ୍ପୂର୍ଣ୍ଣ ବିଲ୍ଡିଂକୁ ବ୍ୟାପିଥିଲା। ଲୋକେ ପ୍ରାଣବିକଳରେ ପଳାଇବାକୁ ଉଦ୍ୟମ କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାବେଳକୁ ୨୩ ଜଣଙ୍କ ମୃତ୍ୟୁ ଘଟିସାରିଥିଲା। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ ସମ୍ପୃକ୍ତ ଅଞ୍ଚଳର ଆକାଶ ଧୂଆଁମୟ ହୋଇଯାଇଥିଲା। ନିକଟରେ ଥିବା କେତୋଟି କାର୍ ମଧ୍ୟ ଜଳିଯାଇଥିଲା। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନବଉମ୍ ଏନେଇ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରଭାବିତ ଲୋକଙ୍କୁ ସହାୟତା ପାଇଁ ଏକ ସଙ୍ଘୀୟ ଟିମ୍‌କୁ ସେଠାକୁ ପଠାଯାଇଥିବା ରାଷ୍ଟ୍ରପତି କହିଛନ୍ତି। ୧୨ ଆହତଙ୍କୁ ହର୍ମୋସିଲୋର ୬ଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୋନୋରା ଗଭର୍ନର ଅଲଫୋନ୍ସୋ ଡୁରାଜୋ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି। ତେବେ ଉକ୍ତ ଲୋକପ୍ରିୟ ଷ୍ଟୋରରେ କିପରି ବିସ୍ଫୋରଣ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଏହାର କାରଣ ଖୋଜାଚାଲିଛି। ବିସ୍ଫୋରଣ ପରେ ନିଆଁ ଲାଗିବାରୁ ବିଷାକ୍ତ ବାଷ୍ପ ଯୋଗୁ ଅନେକେ ପ୍ରାଣ ହରାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହା କୌଣସି ଆତଙ୍କବାଦୀ ଆକ୍ରମଣ କିମ୍ବା ନାଗରିକଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ହିଂସା ବୋଲି ସୋନୋରା ଜନ ସୁରକ୍ଷା ସେକ୍ରେଟାରିଏଟ୍ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାର ରବିବାର ପାଇଁ ନିର୍ଦ୍ଧାରିତ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରିଦେଇଛନ୍ତି।

### ରୁଚି ମସଲା ପ୍ରତିଷ୍ଠାତା ...
ପରିଚିତ କରାଇପାରିଥିଲେ। ସେ ମଧ୍ୟ ଜଣେ ଦକ୍ଷ କ୍ରୀଡ଼ାବିତ୍ ଥିଲେ। ଓଡ଼ିଶା କବାଡ଼ି ଆସୋସିଏଶନ୍‌ର ସଭାପତି ଭାବେ ତାଙ୍କର କାର୍ଯ୍ୟ ଉଲ୍ଲେଖନୀୟ। ସେ ଜଣେ ସୁସଂଗଠକ ଭାବେ ବହୁ ଅନୁଷ୍ଠାନ ସହ ସମ୍ପୃକ୍ତ ଥିଲେ। ଶିଳ୍ପ, କ୍ରୀଡ଼ା ବ୍ୟତୀତ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ବହୁ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଥିଲେ। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସେ ଓଡ଼ିଶାକୁ ମସଲା ପାଇଁ ପରିଚିତ କରାଇପାରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶରତଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଉଦ୍ୟୋଗ ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଙ୍ଗାଏ ମାହାର୍ଦ୍ଦ ଛୁଇଁଲେ ଯେ,**
**କଣିକାଏ ନିର୍ମାଲ୍ୟ ଛୁଇଁଲେ ସେ ।**

ଅଙ୍ଗାଏ ମାହାର୍ଦ୍ଦ ବା ମହାପ୍ରସାଦ ଯାହା କାଣିକାଏ ନିର୍ମାଲ୍ୟ ତାହା। ସ୍ଥଳବିଶେଷରେ ଏ ସବୁ ଏକା କଥା। ମହାପ୍ରସାଦରେ ଅଳ୍ପ ବହୁତ ଭେଦ ବିଚାର୍ଯ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଗନ ଗଛର ମୁଣ୍ଡି ହଳଦୀ ଲୋ,**
**ଝିଙ୍କର ଗଛର ଛାଇ;**
**ଆଡ଼ ହୋଇଯାଅ ଟୋକା ଦିଅରଲୋ !**
**ମୁଁ ଯିବି ଚାଉଳ ଧୋଇ ।**

ନୂଆକରି ଶାଶୁ ଘରେ ପାଦ ଦେଇଥିବା ବୋହୂ ମନରେ ଲାଜ ଓ ସଂକୋଚ ଭାବ ରହିଥାଏ। ଘରର ପୁରୁଷ ସଦସ୍ୟଙ୍କ ଆଗରେ ସେ ନିଜକୁ ଅସହଜ ମନେ କରିଥାଏ। ଏପରି ସ୍ଥଳେ ଚାଉଳ ଧୋଇବା ପାଇଁ ଯାଉଥିବା ବୋହୂଟି ବୟସ୍କ ଦିଅରକୁ ଆଡ଼ ହୋଇଯିବା ନେଇ ଅନୁରୋଧ କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସେକ୍ସ ର୍‌ୟାକେଟ୍ ଠାବ, ଜଣେ ଗିରଫ

## ଘର ମାଲିକଙ୍କ ସମେତ ସମ୍ପୃକ୍ତ ୨ ଯୁବତୀଙ୍କୁ ପଚରାଉଚରା ଜାରି

କାଶୀନଗର, ୨।୧୧ (ପି. ମୁରଲୀ)


ଚଢ଼ାଉ କରିବାକୁ ଆସିଥିବା ପୋଲିସ।

ଗଜପତି ଜିଲା କାଶୀନଗର ଥାନା ଅନ୍ତର୍ଗତ ଏକ କଲୋନୀ ନିକଟରେ ଥିବା ଏକ ଘରେ ସେକ୍ସ ରାକେଟ ଚାଲିଥିବା ସୂଚନା ପାଇ ପୋଲିସ ଶନିବାର ସନ୍ଧ୍ୟାରେ ସେଠାରେ ଚଢ଼ାଉ କରିଥିଲା। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଧରି ଆଣି ଅଟକ ରଖି ପଚରାଉଚରା ଜାରି ରଖିଥିଲା। ରବିବାର ଏହି କାରବାର କରୁଥିବା ଟିପୁରୁ ୱାସୁ ନାମକ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଯେଉଁ ଘରେ ଏହି ରାକେଟ୍ ଚାଲିଥିଲା ସେହି ଘରର ମାଲିକଙ୍କୁ ମଧ୍ୟ ପୋଲିସ ଧରି ଆଣି ପଚରାଉଚରା କରୁଛି। ଏନେଇ ନଂ. ୧୭୩/୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁନିଲ ବେହେରା କହିଛନ୍ତି।

ଖବରରୁ ଜଣାପଡ଼ିଛି ସମ୍ପୃକ୍ତ ଘରେ ସେକ୍ସ ରାକେଟ୍ ଚାଲିଥିବା କୌଣସି ସୂତ୍ରରୁ ସୂଚନା ପାଇ ଏସ୍‌ପି ଯତୀନ୍ଦ୍ର ପଣ୍ଡା କାଶୀନଗର ଥାନା ଅଧିକାରୀ ବେହେରାଙ୍କୁ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଆଲୋକ ଜଗଦଲାଙ୍କ ସହ ଏକ ଟିମ୍ ଉକ୍ତ ଘରେ ଚଢ଼ାଉ କରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଘରୁ ପୋଲିସ ଦୁଇ ଜଣ ଯୁବତୀଙ୍କ ସହ ଜଣେ ଗ୍ରାହକ ଓ ଘର ମାଲିକଙ୍କୁ ଧରିଥିଲା। ସ୍ଥାନୀୟ ମାଜିଷ୍ଟ୍ରେଟ ତଥା ତହସିଲଦାର ସୁଧୀର ନନ୍ଦଙ୍କ ଉପସ୍ଥିତିରେ ଉକ୍ତ ଘରୁ ମଦ ବୋତଲ, କଣ୍ଡୋମ ପ୍ୟାକେଟ ଜବତ କରାଯାଇଛି। ଟିପୁରୁ ବାହାର ଅଞ୍ଚଳରୁ ଯୁବତୀମାନଙ୍କୁ ଆଣି ଏପରି ସେକ୍ସ ରାକେଟ ଚଳାଇଥିଲେ। ଘର ମାଲିକ ଏଥିରେ ତାଙ୍କୁ ସହଯୋଗ କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିବା ଥାନା ଅଧିକାରୀ ବେହେରା କହିଛନ୍ତି। ଦୁଇ ତିନି ମାସ ହେଲା ଏହି ସେକ୍ସ ରାକେଟ ଚାଲିଥିବା ତଦନ୍ତରୁ ଜଣାପଡିଛି। ଅଟକ ଦୁଇ ଯୁବତୀଙ୍କ ମଧ୍ୟରୁ ଜଣେ କାଶୀନଗର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ କେନ୍ଦ୍ରାପଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। ସମ୍ପୃକ୍ତ ଘରକୁ ସିଲ୍ କରାଯାଇ ଏ ସମ୍ପର୍କରେ ସାଇଣ୍ଟିଫିକ ଟିମ୍‌କୁ ଥାନା ପକ୍ଷରୁ ଅବଗତ କରାଯାଇଛି ବୋଲି ଥାନା ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳରେ ୩ ମାସ ହେଲା ସେକ୍ସ ରାକେଟ୍ ଚାଲିଥିଲେ ମଧ୍ୟ ସ୍ଥାନୀୟ ପୋଲିସ କିପରି ଜାଣିପାରିଲାନି ସେନେଇ ସନ୍ଦେହ ପ୍ରକାଶ ପାଇଛି।

# ପ୍ରାର୍ଥନା ନାମରେ ଧର୍ମ ପରିବର୍ତ୍ତନ ଅଭିଯୋଗ

## ମହିଳାଙ୍କୁ ଆକ୍ରମଣ, ୨ ଅଟକ

ବାଲେଶ୍ୱର, ୨।୧୧ (ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଧୀନ ବଇଞ୍ଚା ଅଞ୍ଚଳରେ ଏକ ଦମ୍ପତିଙ୍କ ଘରେ ପ୍ରାର୍ଥନା ନାମରେ ଧର୍ମ ପରିବର୍ତ୍ତନ କରାଯାଉଥିବା ଅଭିଯୋଗ ହୋଇଛି। ଘଟଣାକୁ କେନ୍ଦ୍ରକରି ଗ୍ରାମରେ ଉତ୍ତେଜନା ଲାଗି ରହିଛି। କେତେଜଣ ମହିଳାଙ୍କୁ ଆକ୍ରମଣ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୪୮୯/୨୫) ରୁଜୁ କରି ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ଶନିବାର ବିଳମ୍ବିତ ରାତିରେ ଗ୍ରାମରେ ଏହି ଘଟଣା ଘଟିଥିଲା। ଧର୍ମ ପରିବର୍ତ୍ତନ କଲେ ଧନସମ୍ପତ୍ତି ବଢ଼ିବ, ବଡ଼ଲୋକ ହେବ ଓ ଭଲରେ ରହିବ ବୋଲି ଉକ୍ତ ଦମ୍ପତି ଗାଁର କେତେଜଣ ଲୋକଙ୍କୁ ବୁଝାଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଏହି ଖବର ପାଇବା ପରେ ଉକ୍ତ ଦମ୍ପତିଙ୍କୁ ମାରପିଟ୍ କରିବା ସହ ପୋଲିସ ଜିମା ଦେଇଥିଲେ। ଗାଁରେ ଉତ୍ତେଜନା ଦେଖା ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମର ମହିଳା ଓ ପୁରୁଷ ରାସ୍ତାରେ ବସିଥିଲେ। ଖବରପାଇ ଘଟଣାସ୍ଥଳରେ ଆଇଆଇସି ସାଲଖାନ ମୁର୍ମୁ ସଦଳବଳ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।


ଉତ୍ତ୍ୟକ୍ତ ଲୋକଙ୍କୁ ଥାନା ଆଇଆଇସି ବୁଝାଶୁଝା କରୁଛନ୍ତି।

# ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁକୁ ନେଇ ଚାପା ଉତ୍ତେଜନା

ନୂଆପଡ଼ା, ୨।୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ପଛପଟୁ ରବିବାର ଅପରାହ୍ଣରେ ଜଣେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଉଛନ୍ତି ନୂଆପଡ଼ା ସହର ଉପକଣ୍ଠ ପଲସାଗୁଡାର ଲଘୁତମ ସାହୁ (୪୭)। ତାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଲଘୁତମଙ୍କ ସକାଳ ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଡ୍ୟୁଟି ରହିଥିଲା। ସେ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଡ୍ୟୁଟି ମଧ୍ୟ କରିଛନ୍ତି। ଏହା ପରେ ଅପରାହ୍ଣ ୩ଟା ୩୦ରୁ ୪ଟା ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ପଛପଟେ ତାଙ୍କ ମୃତଦେହ ପଡିଥିବା କେତେଜଣ ଲୋକ ଦେଖିବାକୁ ପାଇଥିଲେ। ଖବରପାଇ ନୂଆପଡ଼ା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଯୋଜନାବଦ୍ଧ ଭାବରେ ଲଘୁତମଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟା ରୂପ ଦେବା ପାଇଁ କୋଠା ପଛପଟେ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ସାଥୀ ସିକ୍ୟୁରିଟି ଗାର୍ଡ କହିଛନ୍ତି, ନୂଆପଡ଼ାରେ ସର୍ଭିସ ପ୍ରୋଭାଇଡ୍ କରୁଥିବା କମ୍ପାନୀ ୨ରୁ ୪ ମାସ ହେବ ଦରମା ଦେଇ ନ ଥିଲା। ଏହାକୁ ନେଇ ସେ କିଛି ଦିନ ହେବ ଅନ୍ୟମନସ୍କ ରହୁଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଯୁବକମାନେ ସର୍ଭିସ ପ୍ରୋଭାଇଡର କମ୍ପାନୀ କର୍ତ୍ତୃପକ୍ଷ ନ ଆସିବାଯାଏ ମୃତଦେହ ଉଠାଇବା ପାଇଁ ଦେବୁ ନାହିଁ ବୋଲି ଅଡି ବସିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାପା ଉତ୍ତେଜନା ଲାଗି ରହିଥିଲା। ଖବରପାଇ ନୂଆପଡା ଜିଲାପାଳ ମଧୁସୂଦନ ଦାସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ୮ କୋଟିର ତରଳ ଗଞ୍ଜେଇ ଜବତ, ୮ ଅଭିଯୁକ୍ତ ଫେରାର

ମାଲକାନଗିରି, ୨।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ସଦର ଥାନା ଅଞ୍ଚଳରୁ ତରଳ ଗଞ୍ଜେଇ ରବିବାର ଜବତ କରିଥିବା ବେଳେ ୮ ଅଭିଯୁକ୍ତ ଫେରାର ହୋଇଛନ୍ତି। ଏହି ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୮ କୋଟି ଟଙ୍କା ହେବ ବୋଲି ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଚିତ୍ରକୋଣ୍ଡା ପୋଲିସ ସଦର ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଚିତ୍ରକୋଣ୍ଡାଠାରୁ ୫ କି.ମି. ଦୂର ଏସାର୍ କମ୍ପାନୀ ନିକଟରେ ଏକ ଗଛ ତଳେ ୮ଜଣ ବ୍ୟକ୍ତି ୮ଟି ବାଇକ୍ ଧରି ଠିଆ ହୋଇଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ୮ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରୁ ୮ ବାଇକ୍ ସହ ଗୋଟିଏ ବସ୍ତା ଜବତ କରିଥିଲା। ଏହି ବସ୍ତାରେ ୬୦ କିଲୋ ତରଳ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଜିଲାରେ ପ୍ରଥମ ଥର ଏଭଳି ତରଳ ଗଞ୍ଜେଇ ଜବତ ହୋଇଥିବା ପୋଲିସ କହିଛି। ୩୦ରୁ ୪୦ କିଲୋ ଗଞ୍ଜେଇକୁ ତରଳାଇଲେ ଏହା ୧ କେଜିରେ ପରିଣତ ହେବ। ଏହା କେଜି ପିଛା ପ୍ରାୟ ୧୨ରୁ ୧୩ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି।


ଜବତ ହୋଇଥିବା ତରଳ ଗଞ୍ଜେଇ।

# ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ, ପ୍ରଧାନଶିକ୍ଷକ ନିଲମ୍ବିତ

ଫୁଲବାଣୀ, ୨।୧୧ (ରାକେଶ କୁମାର ରାଉତ)

ଜଣେ ଶିକ୍ଷୟିତ୍ରୀଙ୍କୁ ପ୍ରଧାନଶିକ୍ଷକ ଅସଦାଚରଣ କରିବା ମହଙ୍ଗା ପଡିଛି। ଜିଲାପାଳଙ୍କ ଦ୍ୱାରା ଗଠିତ ଟିମ୍‌ର ତଦନ୍ତ ରିପୋର୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ବିଭାଗୀୟ ନିର୍ଦ୍ଦେଶକ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଲମ୍ବିତ ପ୍ରଧାନ ଶିକ୍ଷକ ହେଲେ କନ୍ଧମାଳ ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ କୋଟଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ଜଗତ। ସୂଚନା ଅନୁସାରେ ଗୋପାଳ କିଛି ଦିନ ତଳେ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିଥିଲେ। ସମ୍ପୃକ୍ତ ଶିକ୍ଷୟିତ୍ରୀ ଏନେଇ ବିଭାଗୀୟ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ବାଲିଗୁଡ଼ା ଉପ ଜିଲାପାଳ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଓ ଡିସିପିଓଙ୍କୁ ନେଇ ଟିମ୍ ଗଠନ କରିଥିଲେ। ଏହି ଟିମ୍ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ଏହାକୁ ବିଭାଗୀୟ ନିର୍ଦ୍ଦେଶକଙ୍କୁ ପଠାଯାଇଥିଲା। ନିର୍ଦ୍ଦେଶକଙ୍କ ଚିଠି ସଂଖ୍ୟା ୨୬/୩୩୭/୧ ନଭେମ୍ବର ୨୦୨୫ରେ ତାଙ୍କୁ ନିଲମ୍ବିତ କରାଯାଇଛି। ସେ ଫୁଲବାଣୀ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରତ୍ୟେକ ଦିନ ରିପୋର୍ଟ ଦେବେ ବୋଲି ଜିଲା ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ର କହିଛନ୍ତି।

## ରାଜ୍ୟ ଖବର

# ପୋଡ଼ାମପେଟାରେ ବିଶାଳ 'ଜଳବାୟୁ ବିଲ୍'


ପୋଡ଼ାମପେଟାଠାରେ ହୋଇଥିବା 'ଜଳବାୟୁ ବିଲ୍'।

ଗଞ୍ଜାମ, ୨।୧୧ (ଅଖିଳ ତରାଇ)

ଗଞ୍ଜାମ ପୋଡ଼ାମପେଟା ଗ୍ରାମର ମହିଳା, ପୁରୁଷ ଏବଂ ବିଭିନ୍ନ ସାମାଜିକ କର୍ମୀମାନେ ଗ୍ରୀନପିସ୍ ଇଣ୍ଡିଆର ଆହ୍ୱାନରେ ରବିବାର ଏକାଠି ହୋଇ ଏକ ବିଶାଳ 'ଜଳବାୟୁ ବିଲ୍' ଉନ୍ମୋଚନ କରିଛନ୍ତି। ବ୍ରାଜିଲରେ ଆସନ୍ତା ୬ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା 'କୋପ୍-୩୦' ପୂର୍ବରୁ ସେମାନେ ଜଳବାୟୁ ନ୍ୟାୟ ଦାବି କରିଛନ୍ତି। ବିଶ୍ୱର ସର୍ବବୃହତ ଜୀବାଶ୍ମ ଇନ୍ଧନ କର୍ପୋରେଶନଗୁଡ଼ିକୁ ଜଳବାୟୁର ବର୍ଦ୍ଧିତ କ୍ଷତି ପାଇଁ ଦାୟୀ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ବିଶ୍ୱ ନେତାମାନଙ୍କ ପାଇଁ ବାର୍ତ୍ତା ବହନ କରୁଥିବା ବିଶାଳ ମୁଦ୍ରିତ ବିଲ୍‌ରେ ୨୦୧୫ ପ୍ୟାରିସ୍ ଚୁକ୍ତି ପରଠାରୁ ଦକ୍ଷିଣ ଏସୀୟ ଦେଶଗୁଡିକରେ ହୋଇଥିବା ପାଣିପାଗଜନିତ ଘଟଣାଗୁଡ଼ିକୁ ପ୍ରଦର୍ଶନ କରି ଜଳବାୟୁ ପରିବର୍ତ୍ତନ ଯୋଗୁ ସ୍ଥାନୀୟ ଅଧିବାସୀମାନଙ୍କ ହେଉଥିବା କ୍ଷତି ସବୁ ଦର୍ଶାଯାଇଛି।

କାର୍ଯ୍ୟକ୍ରମରେ ସାମିଲ ଥିବା ପୋଡ଼ାମପେଟା ଗ୍ରାମର ଚନ୍ଦ୍ରଗିରି ଟିକି କହିଛନ୍ତି, ପ୍ରତିବର୍ଷ ଘୂର୍ଣ୍ଣିଝଡ଼ ଯୋଗୁ ଆମେ ଆମର ବାସଗୃହ ଏବଂ ଆୟ ହରାଉଛୁ। ବଡ଼ ପ୍ରଦୂଷଣକାରୀମାନେ ସେମାନଙ୍କ ଦ୍ୱାରା ହୋଇଥିବା କ୍ଷତି ପାଇଁ ଦେୟ ଦେବାର ସମୟ ଆସିଛି। ଗ୍ରୀନପିସ୍ ଇଣ୍ଡିଆର ଜଳବାୟୁ ଏବଂ ଶକ୍ତି ଅଭିଯାନର ସେଲୋମି ଗଡ଼ନାୟକ କହିଛନ୍ତି ଯେ, ଏହି ବିଶାଳ ବିଲ୍ ସେହିମାନଙ୍କୁ ପ୍ରତିନିଧିତ୍ୱ କରେ, ଯେଉଁମାନେ ଜଳବାୟୁ ସଙ୍କଟ ସୃଷ୍ଟି କରିନାହାନ୍ତି କିନ୍ତୁ ପ୍ରତିଦିନ ଏହାର ମୂଲ୍ୟ ଦେଉଛନ୍ତି। ଭାରତର ଏକ ଜଳବାୟୁ ସମ୍ବେଦନଶୀଳ ଅଞ୍ଚଳ ଗଞ୍ଜାମରେ ହୋଇଥିବା ଏହି ପ୍ରତୀକାତ୍ମକ କାର୍ଯ୍ୟକ୍ରମ 'କୋପ୍-୩୦'ରେ ଏକତ୍ରିତ ହେବାକୁ ଥିବା ବିଶ୍ୱ ନେତାମାନଙ୍କୁ ଜଳବାୟୁ ନ୍ୟାୟ ଦାନ ନୁହେଁ, ଏହା ହେଉଛି ଉତ୍ତରଦାୟିତ୍ୱ ବୋଲି ବାର୍ତ୍ତା ଦେଇଛି।

# ମାଈ ହାତୀର ମୃତ୍ୟୁ

ଜଳେଶ୍ୱର, ୨।୧୧ (ନବୀନ ସାହୁ)



ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଅଧୀନ ଶ୍ୟାମନଗର ପଞ୍ଚାୟତ ଶୁକୋପୋଡ଼ିର ଫୁଲଝରି ନିକଟରେ ରବିବାର ଏକ ମାଈ ହାତୀର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତିରେ ୨୦ ଟିକିଆ ହାତୀପଲ ଫୁଲଝରି ନିକଟରେ ବିଚରଣ କରୁଥିଲେ। ସେଥିମଧ୍ୟରୁ ଏକ ମାଈ ହାତୀ ଅସୁସ୍ଥ ହୋଇ ଏକ ସ୍ଥାନରେ ଛିଡ଼ା ହୋଇ ରହିଥିଲା। ଖବରପାଇ ରବିବାର ରାଇବଣିଆ ଏସିଏଫ୍ ଜୟଶ୍ରୀ ମୁର୍ମୁ, ଫରେଷ୍ଟର ପ୍ରହ୍ଲାଦ ନାୟକ, ଦିଲୀପ ସିଂ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ ଦାସ, ଏସିଏଫ୍ ଦିଗନ୍ତ ଶୁଭମ୍ ଚାନ୍ଦ, ଭିଏଏସ୍ ଶୁଭସ୍ମିତା ଦାସ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଥିଲେ। ହାତୀକୁ କଦଳୀ ମାଧ୍ୟମରେ ଔଷଧ ଦିଆଯାଇଥିଲା। ମାତ୍ର ଅପରାହ୍ଣ ୪ଟା ସମୟରେ ହାତୀଟିର ମୃତ୍ୟୁ ଘଟିଥିଲା।

# ମା' କ୍ଷୀରର ରୋଗପ୍ରତିରୋଧକ ଶକ୍ତିକୁ ବିଜ୍ଞାନ ପୁନରାବୃତ୍ତି କରିପାରେ ନାହିଁ: ରାଜ୍ୟପାଳ

ଭୁବନେଶ୍ୱର, ୨।୧୧ (ସୁଚିସ୍ମିତା ସାହୁ)

## ଆଇୱାଇସିଏଫ୍ ଚାପ୍ଟର ଓ ଏଚ୍‌ଏମ୍‌ବି ସଂଘର ଜାତୀୟ ସମ୍ମିଳନୀ


ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ପ୍ରତ୍ୟେକ ନବଜାତଙ୍କୁ ଉପଯୁକ୍ତ ପୁଷ୍ଟି, ଯତ୍ନ ଏବଂ ସୁରକ୍ଷା ପ୍ରଦାନ କରିବାକୁ ପ୍ରାଧାନ୍ୟ ଦିଅନ୍ତୁ। ଗର୍ଭଧାରଣଠାରୁ ଶିଶୁର ଦ୍ୱିତୀୟ ଜନ୍ମଦିନ ପର୍ଯ୍ୟନ୍ତ ଅର୍ଥାତ୍ ଜୀବନର ପ୍ରଥମ ଏକ ହଜାର ଦିନ ଶାରୀରିକ ବିକାଶ, ମସ୍ତିଷ୍କ ବିକାଶ ଏବଂ ଜୀବନବ୍ୟାପୀ ସୁସ୍ଥତା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟକୁ ପ୍ରତିନିଧିତ୍ୱ କରେ। ମା' କ୍ଷୀରର ପ୍ରତ୍ୟେକ ବୁନ୍ଦା କେବଳ ପୁଷ୍ଟି ନୁହେଁ, ବରଂ ପ୍ରେମ, ରୋଗ ପ୍ରତିରୋଧକତା ଏବଂ ଭାବପ୍ରବଣତା ବହନ କରେ, ଯାହାକୁ କୌଣସି ବିଜ୍ଞାନ ପୁନରାବୃତ୍ତି କରିପାରିବ ନାହିଁ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଇନ୍‌ଫାଣ୍ଟ ଆଣ୍ଡ୍ ୟଙ୍ଗ ଚାଇଲ୍ଡ ଫିଡିଙ୍ଗ (ଆଇୱାଇସିଏଫ୍) ଚାପ୍ଟରର ୧୫ତମ ଜାତୀୟ ସମ୍ମିଳନୀ ଓ ଭାରତୀୟ ମାନବ କ୍ଷୀର ବ୍ୟାଙ୍କ (ଏଚ୍‌ଏମ୍‌ବି) ସଂଘର ୧୧ତମ ଜାତୀୟ ସମ୍ମିଳନୀ ରବିବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହାକୁ ଉଦ୍‌ଘାଟନ କରିବା ସହ 'ଆସନ୍ତାକାଲିର ଐତିହ୍ୟକୁ ପାଳନ କରିବା: ସ୍ଥାୟୀ ନବଜାତ, ଶିଶୁ ଖାଦ୍ୟ ଏବଂ ସ୍ତନ୍ୟପାନ ଅଭ୍ୟାସକୁ ଗ୍ରହଣ କରିବା' ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ସେ କହିଲେ, ଭାରତ ନବଜାତ ଏବଂ ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ତଥାପି ପୁଷ୍ଟିହୀନତାଠାରୁ ଆରମ୍ଭ କରି ସଚେତନତା ଏବଂ ସାମାଜିକ ପ୍ରତିବନ୍ଧକ କ୍ଷେତ୍ରରେ ଚ୍ୟାଲେଞ୍ଜ ରହିଛି, ଯାହା ସର୍ବୋତ୍ତମ ଖାଦ୍ୟ ଅଭ୍ୟାସକୁ ବାଧା ଦିଏ। ଏହାର ସମାଧାନ କେବଳ ଚିକିତ୍ସା ଓ ଯତ୍ନରେ ନୁହେଁ, ଏଥିପାଇଁ ଶିକ୍ଷା, ସଶକ୍ତୀକରଣ ଏବଂ ସହାନୁଭୂତିର ଆବଶ୍ୟକତା ରହିଛି। ଏ ଦିଗରେ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀମାନେ ପରିବର୍ତ୍ତନର ପ୍ରବକ୍ତା ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନଙ୍କ ମାର୍ଗଦର୍ଶନରେ ମା' ଏବଂ ପରିବାର ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ହେବା ସହିତ ସ୍ତନ୍ୟପାନ ଏବଂ ସନ୍ତୁଳିତ ପୁଷ୍ଟିସାରକୁ ଏକ ସାର୍ବଜନୀନ ଅଭ୍ୟାସରେ ପରିଣତ କରିବାରେ ସାହାଯ୍ୟ କରିବ। ଆମକୁ ସେହି ମା'ମାନଙ୍କୁ ମଧ୍ୟ ସମ୍ମାନିତ କରିବା ଉଚିତ, ଯେଉଁମାନେ ନିଃସ୍ୱାର୍ଥପର ଭାବେ ଅନ୍ୟ ଶିଶୁମାନଙ୍କୁ ପୁଷ୍ଟି ଦେବା ପାଇଁ ସେମାନଙ୍କ କ୍ଷୀର ଦାନ କରନ୍ତି ବୋଲି ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି।

ସମାରୋହରେ ଏଚ୍‌ଏମ୍‌ବିର ସେକ୍ରେଟାରୀ ଡା. କନ୍ୟା ମୁଖୋପାଧ୍ୟାୟ ଓ ଆଇୱାଇସିଏଫ୍‌ର ସେକ୍ରେଟାରୀ ଡା. ଜୟ ସିଂ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାଇଣ୍ଟିଫିକ କମିଟି ଅଧ୍ୟକ୍ଷ ଡା. ବ୍ରଜକିଶୋର ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ କୋ-ଅର୍ଗାନାଇଜେଶନର ସେକ୍ରେଟାରୀ ଡା. ପ୍ରତୀକ ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଇୱାଇସିଏଫ୍ ଏବଂ ଏଚ୍‌ଏମ୍‌ବିର ଜାତୀୟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜାତୀୟ ବହୁଭାଷୀ ଅଙ୍କୁର ଶିଶୁ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୨।୧୧ (ସୌମ୍ୟରଞ୍ଜନ ରାଉତ)

ଅଙ୍କୁର ଫାଉଣ୍ଡେଶନ ପକ୍ଷରୁ ୭ମ ଜାତୀୟ ବହୁଭାଷୀ ଶିଶୁ ସାହିତ୍ୟ ଉତ୍ସବ ରବିବାର ଗୀତଗୋବିନ୍ଦ ସଦନଠାରେ ଆରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨ଶହ ଶିଶୁ ପ୍ରତିଭା ଏକାଠି ହୋଇ ସାହିତ୍ୟ, କଳା ଓ ସଂସ୍କୃତିର ପ୍ରଦର୍ଶନ କରିଛନ୍ତି। ବିଶିଷ୍ଟ ଲେଖିକା ପାରମିତା ଶତପଥୀ, ହିନ୍ଦୀ କବି ଯତିଶ କୁମାର ଏବଂ କୋଲକାତାର ଗାଳ୍ପିକା ସ୍ମିତା ଗୋୟଲ ପ୍ରମୁଖ ଯୋଗଦେଇ ପିଲାଙ୍କୁ ସାହିତ୍ୟର ମହତ୍ତ୍ୱ ଓ ସୃଜନଶୀଳତାର ଗୁରୁତ୍ୱ ବିଷୟରେ ଉତ୍ସାହଜନକ ବାର୍ତ୍ତା ଦେଇଥିଲେ। ପରେ ବସନ୍ତ କୁମାର ସାହୁ ପାରମ୍ପରିକ କଣ୍ଢେଇ ନୃତ୍ୟର ଶୈଳୀ ଶିକ୍ଷାଦାନ ପିଲାଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ଏଥିସହ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଉତ୍ସବ ଶିଶୁମାନଙ୍କର ସୃଜନଶୀଳତାକୁ ଉଜ୍ଜୀବିତ କରିବା ସହ ରାଜ୍ୟର ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରୁଛି ବୋଲି ଫାଉଣ୍ଡେଶନର ଚେୟାରମ୍ୟାନ୍ କମ୍ ମ୍ୟାନେଜିଂ ଟ୍ରଷ୍ଟି ଚିନ୍ମୟୀ ପଣ୍ଡା କହିଛନ୍ତି। ଏହି ଉତ୍ସବ ସୋମବାର ଶେଷ ହେବ ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।


ମହୋତ୍ସବରେ ଯୋଗଦେଇଥିବା ଶିଶୁ ପ୍ରତିଭାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଗାଡ଼ି ଧକ୍କାରେ ଶିକ୍ଷକ ମୃତ, ଜଣେ ଗୁରୁତର

କୋରେଇ/ଛେନାପଦି, ୨।୧୧ (ଚନ୍ଦ୍ରକାନ୍ତ ପତି/ନିରାକାର ପରିଡ଼ା)

ଯାଜପୁର ଜିଲା କୋରେଇ ଥାନା ୨୦ନଂ. ଜାତୀୟ ରାଜପଥର ନୂଆଗଡ଼ କୃଷ୍ଣନଗର ନିକଟରେ ରବିବାର ପୂର୍ବାହ୍ଣ ପ୍ରାୟ ୧୧ଟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ତାଙ୍କର ଅନ୍ୟଜଣେ ଶିକ୍ଷକ ବନ୍ଧୁ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ କେନ୍ଦୁଝର ଜିଲା ନନ୍ଦିପଦା ଥାନା ହାଟଡ଼ିହିରେ ଶିକ୍ଷକତା କରୁଥିବା ପୂର୍ଣ୍ଣଚନ୍ଦ୍ର ଓଝା (୫୩)। ଗୁରୁତର ହେଲେ ଉକ୍ତ ଥାନା ଗୋପ ଗ୍ରାମର କେଶବ ଚନ୍ଦ୍ର ପାତ୍ର(୫୧)।

ଯାଜପୁର ରୋଡରେ ରହି ପଢୁଥିବା କେଶବଙ୍କ ପୁଅକୁ ଦେଖା କରିବାକୁ ଉଭୟ ଏକ ବାଇକ ଯୋଗେ ଆସିଥିଲେ। ଘଟଣାସ୍ଥଳରେ କୌଣସି ଗାଡ଼ି ପଛ ପଟୁ ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଉଭୟ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ଯାଜପୁର ରୋଡ୍ ଦମକଳ କର୍ମଚାରୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଯାଜପୁର ରୋଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ପ୍ରାଥମିକ ଚିକିତ୍ସା ପରେ କେଶବଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। କୋରେଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଏନେଇ ଥାନାରେ ନଂ.୩୭୮/୨୫ରେ ମାମଲା ରୁଜୁ ହୋଇଛି।

# ରାସ୍ତାକଡ଼ରୁ ନବଜାତ ଶିଶୁକନ୍ୟା ମୃତଦେହ ଜବତ

ଆସିକା, ୨।୧୧ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା-ବାଲିପଦର ମୁଖ୍ୟ ରାସ୍ତାର ଭେଟନଇ ଗ୍ରାମଠାରୁ ଅଳ୍ପ ଦୂରରେ ରବିବାର ସନ୍ଧ୍ୟାରେ ଏକ ନବଜାତ ଶିଶୁକନ୍ୟା ମୃତଦେହ ପଡିଥିବା ଦେଖାଯାଇଥିଲା। ସେହି ରାସ୍ତାରେ ଯାଉଥିବା କେତେଜଣ ଲୋକ ପ୍ରଥମେ ଏହା ଦେଖିଥିଲେ। ପରେ ଭେଟନଇ ସରପଞ୍ଚ ପ୍ରତିନିଧି ଟୁଲୁ ଜେନା ଓ ଅନ୍ୟ କେତେଜଣ ମିଶି ଶିଶୁକନ୍ୟା ମୃତଦେହକୁ ଆସିକା ଡାକ୍ତରଖାନାକୁ ଆଣିଥିଲେ। ଖବରପାଇ କୋଦିନଡା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ତେବେ ଶିଶୁଟି କାହର ଓ କେଉଁ ପରିସ୍ଥିତିରେ ମୃତଦେହ ରାସ୍ତା କଡ଼ରେ ପଡିଲା ତାହା ସ୍ପଷ୍ଟ ହୋଇନାହିଁ।

ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। –ଶ୍ରୀମା



# ସମସ୍ତେ ଜଲ୍‌ଦିରେ

ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲା କାସିବୁଗା ସହରରେ ଥିବା ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ୧ ନଭେମ୍ବରରେ ଦଳାଚକଟା ଘଟିବାରୁ ଜଣେ ଓଡ଼ିଆ ଯୁବତୀଙ୍କ ସମେତ ୯ ଜଣଙ୍କ ପ୍ରାଣହାନି ଘଟିଛି। ଏହା ଏକ ଘରୋଇ ମନ୍ଦିର। ମିନି ତିରୁପତି ନାମରେ ପରିଚିତ ନବନିର୍ମିତ ମନ୍ଦିରଟି ୪ ମାସ ତଳେ ଦର୍ଶକଙ୍କ ପାଇଁ ଖୋଲାଯାଇଥିଲା। କାର୍ତ୍ତିକ ଏକାଦଶୀ ଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିବା ବେଳେ ପାହାଚ ପାଖରେ ଏକ ଲୁହା ଗ୍ରୀଲ୍ ଭୁଶୁଡ଼ି ପଡ଼ିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଫଳରେ ଜଣଙ୍କ ପରେ ଜଣେ ପଡ଼ିବାକୁ ଲାଗିଲେ। ମନ୍ଦିରରେ ପ୍ରବେଶ ଓ ପ୍ରସ୍ଥାନ ପଥ ଗୋଟିଏ ରହିବା ସୁରକ୍ଷା ବ୍ୟବସ୍ଥା କେଉଁ ସ୍ତରର ରହିଛି ବୁଝାଇବା ଦରକାର ନାହିଁ।

୨୦୨୫ ଜାନୁଆରୀରୁ ନଭେମ୍ବର ୧ ଯାଏ ହିସାବକୁ ନେଲେ ଦେଶରେ ଜଣାଶୁଣା ଦଳାଚକଟାଜନିତ ମୃତ୍ୟୁ ସଂଖ୍ୟା ୧୧୦ରେ ପହଞ୍ଚିଥିବା ଜଣାପଡ଼ିଛି। ଏହିସବୁ ଦଳାଚକଟା ମଧ୍ୟରେ ରହିଛି ମନ୍ଦିର, କ୍ରିକେଟ ଖେଳରେ ବିଜୟ ଉତ୍ସବ ପାଳନ ବେଳେ ଷ୍ଟାଡିୟମ, ରେଳ ଷ୍ଟେଶନ ଏବଂ ରାଜନୈତିକ ଶୋଭାଯାତ୍ରା। ଯଦି ଘଟଣାକ୍ରମକୁ ଦେଖିବା ତେବେ ଜାନୁଆରୀ ୯ରେ ଆନ୍ଧ୍ରପ୍ରଦେଶର ତିରୁମାଲା ହିଲ୍ସରେ ପ୍ରଭୁ ଭେଙ୍କଟେଶ୍ୱର ମନ୍ଦିରରେ ପ୍ରବଳ ଭିଡ଼ ହେବାରୁ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଜାନୁଆରୀ ୨୯ରେ ଉତ୍ତରପ୍ରଦେଶରେ ଅନୁଷ୍ଠିତ ମହାକୁମ୍ଭରେ ସମାନ କାରଣରୁ ସରକାରଙ୍କ କହିବା ଅନୁଯାୟୀ ୩୦ ଜଣଙ୍କ ଜୀବନ ଯାଇଥିଲା। ସେହି ମହାକୁମ୍ଭରେ ଯୋଗଦେବା ଲାଗି ଦିଲ୍ଲୀ ରେଳ ଷ୍ଟେଶନରେ ଫେବୃଆରୀ ୧୫ରେ ଟ୍ରେନ୍‌ରେ ଚଢ଼ିବା ପାଇଁ ଯାତ୍ରୀଙ୍କ ମଧ୍ୟରେ ଅସମ୍ଭାଳ ଭିଡ଼ ଦେଖାଦେବାରୁ ୪ ଜଣ ଶିଶୁଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଥିଲା। ୩ ମେ'ରେ ଉତ୍ତର ଗୋଆର ଲାଇରାଇ ଦେବୀ ଯାତ୍ରା ମନ୍ଦିରରେ ଦଳାଚକଟା ସ୍ଥିତିରୁ ୬ ଜଣଙ୍କ ଜୀବନ ଯାଇଥିଲା। ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଆଇପିଏଲ୍ ବିଜୟ ପାଇଁ ବେଙ୍ଗାଲୁରୁ ଷ୍ଟାଡିୟମ୍‌ରେ ଜୁନ୍ ୪ରେ ଅନୁଷ୍ଠିତ ବିଜୟ ଉତ୍ସବରେ ପ୍ରବଳ ଭିଡ଼ ହେବାରୁ ୧୧ ଜଣଙ୍କ ଜୀବନ ଯାଇଥିଲା। ଜୁଲାଇ ୨୭ରେ ହରିଦ୍ୱାରଠାରେ ମନ୍‌ସ ଦେବୀ ମନ୍ଦିର ଦଳାଚକଟାରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସେପ୍ଟେମ୍ବର ୨୭ରେ ତାମିଲନାଡୁର କରୁରଠାରେ ଅଭିନେତାରୁ ରାଜନେତା ପାଲଟିଥିବା ଟିଭିକେ ମୁଖ୍ୟ ବିଜୟଙ୍କ ରାଜନୈତିକ ଶୋଭାଯାତ୍ରାରେ ୪୧ ଜଣ ଭିଡ଼ ଯୋଗୁ ଅଣନିଃଶ୍ୱାସୀରୁ ପ୍ରାଣ ହରାଇଥିଲେ। ଏସବୁ ଅଘଟଣ ବେଳେ ଗୁରୁତର ଆହତଙ୍କ ମଧ୍ୟରୁ କାହାର ଅବସ୍ଥା କ'ଣ ରହିଥିବ ସେ ବିଷୟରେ ଆଲୋଚନା କେହି ଶୁଣିବାକୁ ପାଉ ନ ଥିବେ। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ କିଛି ଅନୁକମ୍ପା ରାଶି ପ୍ରଦାନ କରିଦେବା ପରେ ସରକାରୀ ଓ ଆବଶ୍ୟକ ସ୍ଥଳେ ବେସରକାରୀ କର୍ତ୍ତୃପକ୍ଷଙ୍କ କାମ ସରିଗଲା ବୋଲି ଧରାଯାଇଥାଏ। ଉପରେ ଦର୍ଶାଯାଇଥିବା ଦଳାଚକଟାକୁ ଦେଖିଲେ ଷ୍ଟାଡିୟମ ଓ ରାଜନୈତିକ ଶୋଭାଯାତ୍ରାରେ ଅଘଟଣ ବ୍ୟତୀତ ଅନ୍ୟଗୁଡ଼ିକ ମନ୍ଦିର ଓ ଧର୍ମ ସହ ସଂଶ୍ଲିଷ୍ଟ। ବିଶାଳ ଜନସଂଖ୍ୟା ବହୁଳ ରାଷ୍ଟ୍ର ଭାରତରେ ଧର୍ମସ୍ଥଳୀଗୁଡ଼ିକ ପ୍ରତି ଲୋକମାନେ ବେଶି ଆକର୍ଷିତ ହୋଇଥାଆନ୍ତି। କେଉଁ ମନ୍ଦିର ବା ତୀର୍ଥସ୍ଥାନରେ ସୁରକ୍ଷା ବ୍ୟବସ୍ଥା କିଭଳି ରହିଛି, ତାହାକୁ ପୂର୍ବରୁ କିଛି ନ ଜାଣି ଲୋକେ ପଶିଯାଇ ଦର୍ଶକ ପାଲଟିଯାଆନ୍ତି। ଯେତେବେଳେ କୌଣସି କାରଣବଶତଃ ଗୋଟେ 'ଘୋ' ସୃଷ୍ଟି ହୋଇଗଲା, ତାହାକୁ ସମ୍ଭାଳିବା ଲାଗି ମନ୍ଦିର ବ୍ୟବସ୍ଥା ବା ସ୍ଥାନୀୟ ପ୍ରଶାସନର ବଳ ପାଇ ନ ଥାଏ। ଭାରତରେ ଲୋକଙ୍କ ସମୟ ମିଳିଲେ ଓ କୌଣସି ମୁଖ୍ୟ ପର୍ବପର୍ବାଣି ଥିଲେ ସେହି ସମୟରେ ଅନେକେ ଗୋଟିଏ ଜାଗାକୁ ଯାଇ ଭିଡ଼ କରିଥାଆନ୍ତି। ପରିବେଶ ପର୍ଯ୍ୟଟନସ୍ଥଳୀ, ବିଜ୍ଞାନଭିତ୍ତିକ ପ୍ରଦର୍ଶନ କେନ୍ଦ୍ର କିମ୍ବା ଐତିହାସିକ ଗୁରୁତ୍ୱ ବହନ କରୁଥିବା ଜାଗାଗୁଡ଼ିକୁ କ୍ୱଚିତ ଯିବା ଦେଖାଯାଇଥାଏ। କେବଳ ଧର୍ମ ପଛରେ ପଡ଼ି ଅନ୍ୟ ବହୁ ବିଷୟକୁ ଭାରତୀୟମାନେ ଗୌଣ ଦୃଷ୍ଟିରେ ଦେଖୁଥିବାରୁ ଧାର୍ମିକ ପୀଠ ବା ତଜ୍ଜନିତ ଜନସମାବେଶରେ ଲୋକେ ହାଉଜାଉ ହେଉଛନ୍ତି। ଏଭଳି ସ୍ଥଳେ ଲୋକଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯିବା କଥା ଥିଲେ ମଧ ତାହାକୁ ଅଣଦେଖା କରାଯାଉଛି।

ଭିଡ଼ଜନିତ ଦଳାଚକଟା ବିଷୟରେ ଆଲୋଚନା କଲା ବେଳେ ଲୋକଙ୍କ ମାନସିକତାକୁ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି। ଭିଡ଼ ନିୟନ୍ତ୍ରଣ ଏକ ବଡ଼ ଆହ୍ୱାନ ସୃଷ୍ଟି କରୁଥିବାରୁ କୌଣସି ସ୍ଥାନରେ ଏକତ୍ରିତ ହେଉଥିବା ଲୋକମାନେ ସେମାନଙ୍କ ବ୍ୟବହାରରେ ସୁଧାର ଆଣିବା ଦରକାର। କିନ୍ତୁ ପ୍ରାୟତଃ ଦେଖାଯାଉଛି ସେମାନଙ୍କ ଭିତରେ ମବ୍ ସାଇକୋଲୋଜି ବା ବିଶୃଙ୍ଖଳିତ ଜନତାଙ୍କ ମନସ୍ତତ୍ତ୍ୱ ପ୍ରତିଫଳିତ ହେଉଛି। କିଭଳି ନିଜେ ବଞ୍ଚିବେ ସେଥିପାଇଁ ନୀତି ଓ ନିୟମକୁ ଜଳାଞ୍ଜଳି ଦେଇ କେତେକେ ଜଲ୍‌ଦିରେ ବାହାରିଯିବାକୁ ଚେଷ୍ଟା କରିଥାଆନ୍ତି। ସେତେବେଳେ ବୁଝିବା କଥା ଯେ ଭିଡ଼ ଭିତରେ ସେମାନେ ଅସ୍ୱାଭାବିକତା ଦେଖାଇଲେ ତାହା ଅନ୍ୟମାନଙ୍କୁ ଅସୁବିଧାରେ ପକାଇବ। ଆଉ ସେହି ଅସୁବିଧା ମଧ ସମସ୍ତଙ୍କ ପାଇଁ କାଳ ହୋଇପାରେ।

**ଭିଡ଼ ଭିତରେ କିଭଳି ନିଜେ ବଞ୍ଚିବେ ସେଥିପାଇଁ ନୀତି ଓ ନିୟମକୁ ଜଳାଞ୍ଜଳି ଦେଇ କେତେକେ ଜଲ୍‌ଦିରେ ବାହାରିଯିବାକୁ ଚେଷ୍ଟା କରିଥାଆନ୍ତି। ସେତେବେଳେ ବୁଝିବା କଥା ଯେ ଭିଡ଼ ଭିତରେ ସେମାନେ ଅସ୍ୱାଭାବିକତା ଦେଖାଇଲେ ତାହା ଅନ୍ୟମାନଙ୍କୁ ଅସୁବିଧାରେ ପକାଇବା ଆଉ ସେହି ଅସୁବିଧା ମଧ ସମସ୍ତଙ୍କ ପାଇଁ କାଳ ହୋଇପାରେ।**

# ଚନ୍ଦ୍ରକୁ ଛୁଉଁଥିବା ବାମନର ହାତ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

୨୯ ଡିସେମ୍ବର ୧୯୫୯ ଘଟଣା। ଆମେରିକାନ୍ ଫିଜିକାଲ ସୋସାଇଟି ଆନୁକୂଲ୍ୟରେ ପାସାଡେନା (କାଲିଫର୍ନିଆ)ସ୍ଥିତ କାଲ୍‌ଟେକ (କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ଠାରେ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀ ପାଇଁ ପ୍ରସଙ୍ଗ ରଖାଯାଇଥିଲା ''ତଳସ୍ତରରେ ଯଥେଷ୍ଟ ଜାଗା ଅଛି'' (ଦେର୍ ଇଜ୍ ପ୍ଲେଣ୍ଟି ଅଫ୍ ରୁମ୍ ଆଟ୍ ଦି ବଟମ୍)। ସେଠାରେ ବକ୍ତାଭାବେ ପଦାର୍ଥ ବିଜ୍ଞାନବିତ୍ ରିଚାର୍ଡ ଫାଇନ୍‌ମେନ (୧୯୧୮–୧୯୮୮) ଯୋଗଦେଇଥିଲେ। ତାଙ୍କ ଭାଷଣର ସାରାଂଶ ହେଲା ଯେ, ଅଣୁ ଓ ପରମାଣୁକୁ କୁଶଳ ଓ ଚତୁର ଭାବେ ପରିଚାଳନା ଏବଂ ନିୟନ୍ତ୍ରଣ କରିବା ସମ୍ଭବ। ଫଳରେ ଯେଉଁ ବିନ୍ୟାସ ସୃଷ୍ଟି ହେବ, ଏହା ବିଭିନ୍ନ ବସ୍ତୁର ଅଧ୍ୟୟନ ଓ ଇଂଜିନିୟରିଂ ସକାଶେ ନୂତନ କ୍ଷେତ୍ର ଉନ୍ମୁକ୍ତ କରିବ। କାଲ୍‌ଟେକର ଇଞ୍ଜିନିୟରିଂ ଆଣ୍ଡ ସାଇନ୍ସ ପତ୍ରିକାରେ ଏହା ଫେବୃଆରୀ ୧୯୬୦ରେ ପ୍ରକାଶ ପାଇଲା। ସେତେବେଳେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇପାରେ ବୋଲି କେହି ବିଶ୍ୱାସ କରିନଥିଲେ।

ଅଣୁର ଆକାର କ୍ଷୁଦ୍ର, କିନ୍ତୁ ଏହା ତୁଚ୍ଛ ବା ନଗଣ୍ୟ ହୋଇନପାରେ। ଗ୍ରୀକ୍ ଦାର୍ଶନିକ ଡିମୋକ୍ରିଟସ (ଖ୍ରୀ.ପୂ: ୪୬୦–୩୭୦)ଙ୍କ ଭାଷାରେ ଅତି ବୃହତ୍ ବସ୍ତୁର ପ୍ରକୃତିର ବୋଧଗମ୍ୟତା ପ୍ରାପ୍ତି ପାଇଁ ଅତୀବ କ୍ଷୁଦ୍ରାକୃତି ବସ୍ତୁର ପ୍ରକୃତି ବୁଝିବା ଉଚିତ୍।

ଦୂରଦ୍ରଷ୍ଟା ଫାଇନ୍‌ମେନ ଉକ୍ତ ବକ୍ତବ୍ୟରେ ଦୁଇଟି ପ୍ରଶ୍ନ ଉଠାଇ ଏହାର ସମାଧାନ କରିବା ସକାଶେ ପ୍ରତିଯୋଗିତା ଆୟୋଜନ କରିଥିଲେ। ପ୍ରଥମଟି ହେଉଛି ଗୋଟିଏ କ୍ଷୁଦ୍ର ମୋଟର ନିର୍ମାଣ, ଯାହା ଘନାକୃତି ହେବା ସହ ତା'ର ବାହୁ ୧/୬୪ ଇଞ୍ଚ ରହିବ। ପୁଣି ବାହାରୁ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ। ମାତ୍ର ବର୍ଷକ ଭିତରେ କାଲ୍‌ଟେକର ଗୋଟିଏ ଗ୍ରାଜୁଏଟ୍ ଛାତ୍ର ଏହା ସମାଧାନ କରିପାରିଥିଲେ। ଏମିତି କାର୍ଯ୍ୟକ୍ଷମ କ୍ଷୁଦ୍ରାତିକ୍ଷୁଦ୍ର ଇଲେକ୍ଟ୍ରିକ୍ ମୋଟର ଆଶ୍ଚର୍ଯ୍ୟଜନକ ଥିଲା। ଦ୍ୱିତୀୟ ପ୍ରଶ୍ନଟି ଥିଲା: ଗୋଟିଏ ବହିର ପୃଷ୍ଠାକୁ ଲିନିଅର ସ୍କେଲର ୧/୨୫୦୦୦ କ୍ଷେତ୍ରଫଳ ବିଶିଷ୍ଟ ଜାଗାରେ ଲେଖାଯିବ, ଯାହା ପଢ଼ିବାରେ ଅସୁବିଧା ହେବ ନାହିଁ। ଦୀର୍ଘବର୍ଷ ପରେ ୧୯୮୫ରେ ଷ୍ଟାନ୍‌ଫୋର୍ଡର ଜଣେ ଗ୍ରାଜୁଏଟ୍ 'ଏ ଟେଲ୍ ଅଫ୍ ଟୁ ସିଟିଜ୍' ଉପନ୍ୟାସର ଗୋଟିଏ ପୃଷ୍ଠା ଏମିତି ଲିପିବଦ୍ଧ କରି ଏହି ଆହ୍ୱାନର ସଫଳ ଉତ୍ତର ରଖିଥିଲେ।

ଉଭୟ ଦୃଷ୍ଟାନ୍ତର ମୂଳ ଭିତ୍ତି ହେଉଛି ଅତିଶୟ କ୍ଷୁଦ୍ରାକାର। ଏହି ଧାରଣାକୁ ଆଧାର କରି ଗୋଟିଏ ନୂତନ ପ୍ରଯୁକ୍ତି ବିଦ୍ୟାଭିତ୍ତିକ ବିଭାଗର ସୂତ୍ରପାତ ହେଲା, ଯାହା ନାନୋ ଟେକ୍ନୋଲୋଜି ଭାବେ ଅଭିହିତ। 'ନାନୋ' ଗୋଟିଏ ଗ୍ରୀକ୍ ଶବ୍ଦ,



ଯାହାର ଅର୍ଥ ହେଉଛି ବାମନ। ମାପ ଅନୁସାରେ ଏହା କୌଣସି ବସ୍ତୁର ଏକଶତ କୋଟି ଭାଗରୁ ଗୋଟିଏ ଭାଗ। ଆମ କେଶର ବ୍ୟାସଠାରୁ ଏହା ଏକ ଲକ୍ଷ ଗୁଣରେ କ୍ଷୁଦ୍ର। ୧୦–୯ ମିଟର (ଅର୍ଥାତ୍ ଏକ ନାନୋମିଟର) ତିନିରୁ ପାଞ୍ଚଟି ପରମାଣୁ(ଆଟମ୍)ର ବ୍ୟାସ ସହ ସମାନ।

ପୃଥିବୀପୃଷ୍ଠଠାରୁ ଚନ୍ଦ୍ରର ଦୂରତା ପ୍ରାୟ ୩,୮୪,୪୦୦ କିଲୋମିଟର। ଏହି ପଥ କେବଳ ଦୀର୍ଘ ନୁହେଁ, ସେଠାରେ ପହଞ୍ଚିବାକୁ ହେଲେ ଯାତ୍ରାକାଳରେ ଅନେକ ପ୍ରତିବନ୍ଧକ ଦେଖାଦିଏ। ସଶରୀରେ ସେଠାକୁ ଯିବା ବିପଦସଂକୁଳ। ମହାକାଶଯାନ ଉତ୍କ୍ଷେପଣ ସମୟଠାରୁ ବାୟୁମଣ୍ଡଳ ପ୍ରବେଶ କରିବାଯାଏ ଯାତ୍ରୀ ପୃଥିବୀର ଅତ୍ୟଧିକ ମାଧ୍ୟାକର୍ଷଣ ଶକ୍ତିର ଶିକାର ହୁଏ। ସାମୟିକ ଭାବେ ଏହା ଦୃଷ୍ଟିଶକ୍ତି ଓ ଚେତନା ବ୍ୟାଘାତ କରେ। ପୁଣି ଯାତ୍ରା ଶେଷରେ ପୃଥିବୀରେ ପହଞ୍ଚିବା ସମୟରେ ମାଧ୍ୟାକର୍ଷଣ ଅସୁସ୍ଥତା ଭୋଗିବାକୁ ହୁଏ। ଅନ୍ତରୀକ୍ଷରେ ଭାରହୀନତା ଯୋଗୁ ଶାରୀରିକ ପରିବର୍ତ୍ତନ ଦେଖାଦିଏ। ରକ୍ତ ଓ ତରଳ ପଦାର୍ଥ ଶରୀରରେ ଊର୍ଦ୍ଧ୍ୱଗାମୀ ହୁଏ। ଅସ୍ଥି ଓ ମାଂସପେଶୀ କ୍ଷତିଗ୍ରସ୍ତ ହୁଏ। ଆମେ ଦୈନନ୍ଦିନ ଅଭ୍ୟସ୍ତ ଥିବା ଦୈହିକ ପ୍ରକ୍ରିୟା (ସିର୍କାଡିଆନ ରିଦମ୍) ବିଶୃଙ୍ଖଳିତ ହୁଏ। ପୃଥିବୀଠାରୁ ଦୂରତା ଯେତେ ବଢ଼େ, ଭୂଚୁମ୍ବକତ୍ୱ (ଟେରିଷ୍ଟ୍ରିଆଲ ମାଗ୍ନେଟିଜମ୍) ସେତେ କମିଯାଏ। ଫଳରେ ମହାଜାଗତିକ ରଶ୍ମି, ସୌରକଣିକା ଓ ଅନ୍ତରୀକ୍ଷରେ ବିଦ୍ୟମାନ ବିକିରଣ ଯାତ୍ରୀର ସ୍ୱାସ୍ଥ୍ୟକୁ ଆକ୍ରାନ୍ତ କରେ। ପରିଣାମବଶତଃ କର୍କଟ ରୋଗର ସମ୍ଭାବନା, କେନ୍ଦ୍ର ସ୍ନାୟୁତନ୍ତ୍ରରେ ବୈକଲ୍ୟ ଦୁଶ୍ଚିନ୍ତାକାରକ ହୋଇଥାଏ। ସର୍ବୋପରି ଜୀବନ ରକ୍ଷାକାରୀ ବ୍ୟବସ୍ଥା, ନୋଦନ (ପ୍ରପଲସନ) ଓ ସଂଚାଳନ (ନେଭିଗେଶନ) ପାଇଁ ନିୟୋଜିତ ଯନ୍ତ୍ରପାତି ଅତ୍ୟନ୍ତ ନିର୍ଭରଯୋଗ୍ୟ ନ ହେଲେ ଯାତ୍ରୀର ଜୀବନ ବିପନ୍ନ ହୁଏ। ତ୍ରୁଟି ଦେଖାଦେଲେ ବହୁ ଦୂରରେ ଥିବା ଯାନର ଉପକରଣ ସଜାଡ଼ିବା କଷ୍ଟସାଧ୍ୟ ଓ ଆହ୍ୱାନପୂର୍ଣ୍ଣ ଭାବେ ଜୀବନ-ମରଣ ସମସ୍ୟା ସୃଷ୍ଟି କରେ।

୧୯୬୦–୭୦ ଦଶକରେ ଚନ୍ଦ୍ର ଅଭିଯାନ ଆରମ୍ଭ ହେଲା ଓ ପ୍ରତିଯୋଗିତା ଭିତ୍ତିରେ ପ୍ରମୁଖ ସ୍ଥାନ ହାସଲ କଲା। କିନ୍ତୁ ସେତେବେଳେ ନାନୋ ଟେକ୍ନୋଲୋଜି ଅଜଣା ଥିଲା। ତେବେ ୧୯୯୦ ପରଠାରୁ କାର୍ବନ ନାନୋଟ୍ୟୁବ ଓ ଗ୍ରାଫେନ ବ୍ୟବହାର କରି ହାଲୁକା ଓ ଶକ୍ତ ମହାକାଶଯାନ ନିର୍ମାଣ ହେବା ଫଳରେ ବ୍ୟୟ ବହୁଳତା କମିଗଲା। ମହାକାଶଚାରୀଙ୍କ ପୋଷାକରେ ନାନୋ ମ୍ୟାଟେରିଆଲ୍ ଉପଯୋଗ ହେବାକୁ ତାହା ଦୀର୍ଘସ୍ଥାୟୀ, ନମନୀୟ ହେବା ସହ ପରିବେଶଜନିତ ବିପଦ ବିପକ୍ଷେ ରକ୍ଷାକବଚ ପରି କାମ ଦେଲା। ଗ୍ରାଫେନ ଅକ୍‌ସାଇଡ୍ ବ୍ୟବହାର କରି ନିର୍ମିତ ନାନୋ ଫିଲ୍‌ଟ୍ରେଶନ ମେମ୍ବ୍ରେନ ଦ୍ୱାରା ଯାତ୍ରୀଙ୍କ ପରିସ୍ରା, ସ୍ୱେଦ ପରି ବର୍ଜ୍ୟ ତରଳ ପଦାର୍ଥକୁ କୁଶଳ ଭାବେ ପରିଷ୍କୃତ କରାଯିବାରୁ ତାହା ପୁନଃ ବ୍ୟବହାର ଯୋଗ୍ୟତା ପ୍ରାପ୍ତ ହେଲା।

ଏହି ପ୍ରକାରେ ନାନୋ ଟେକ୍ନୋଲୋଜି ମହାକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି। ବାସ୍ତବରେ 'ନାନୋ' (ବାମନ)କୁ ହେୟ ମନେକରିବା ଏକ ଗୁରୁତର ତ୍ରୁଟି। ପୁରାଣରେ ଭଗବାନ୍ ବିଷ୍ଣୁଙ୍କ ପଞ୍ଚମ ଅବତାର ହେଉଛି ବାମନ। ଉଦ୍ଧତ, ଅହଂକାରୀ, ଗର୍ବୀ ଅସୁର ରାଜା ବଳି ଏହି କାରଣରୁ ଦଣ୍ଡିତ ହୋଇଥିଲା। ବାମନ ଅବତାରରେ ବିଷ୍ଣୁ ତାଙ୍କୁ ତିନିପାଦ ପରିମିତ ଭୂମି ଦାନ ହିସାବରେ ମାଗିଲେ। ଦୈତ୍ୟରାଜ ଚିନ୍ତା କଲା ଯେ, ଏହା ଏକ ସାମାନ୍ୟ ବିଷୟ। କିନ୍ତୁ ବିଷ୍ଣୁଙ୍କ ପ୍ରଥମ ପାଦ ସାରା ମର୍ତ୍ତ୍ୟ, ଦ୍ୱିତୀୟ ପାଦ ସମଗ୍ର ସ୍ୱର୍ଗଲୋକକୁ ଆଚ୍ଛାଦିତ କରିଦେଲା। ତୃତୀୟ ପାଦ ପାଇଁ ଆଉ ଜାଗା ନ ଥିବାରୁ ତା' ମୁଣ୍ଡ ଉପରେ ପାଦ ରଖି ତାକୁ ପାତାଳପୁରକୁ ପଠାଇଦେଲେ। ସେମିତି ପୂର୍ବରୁ ଅବହେଳାର ଶିକାର ହୋଇଥିବା ଅଣୁ ରୂପକ ବାମନ ଏବେ ସୁଦୂର ଚନ୍ଦ୍ରକୁ ଯାତାୟାତ କରିପାରି ସମସ୍ତଙ୍କୁ ଚମତ୍କୃତ କରୁଛି।

ଏହି ପୃଷ୍ଠଭୂମିରେ ନାନୋ ଟେକ୍ନୋଲୋଜିର ମୂଲ୍ୟାୟନ କରାଯାଇପାରେ। ସାମ୍ପ୍ରତିକ ବିଜ୍ଞାନ ଯୁଗରେ ଉକ୍ତ ପ୍ରଯୁକ୍ତିବିଦ୍ୟା ବିଭିନ୍ନ ଉଦ୍‌ଭାବନ ମଧ୍ୟରୁ ଗୋଟିଏ ଦୃଷ୍ଟାନ୍ତ। ଏହି ଶ୍ରେଣୀୟ ଉଦ୍ୟୋଗର ସାମଗ୍ରିକ ପରିଣାମ ଓ ଭବିଷ୍ୟତ ସମ୍ବନ୍ଧରେ ଭୌତିକ ବିଜ୍ଞାନୀ ଷ୍ଟିଫେନ୍ ହକିଙ୍ଗ (୧୯୪୨–୨୦୧୮) କହିଛନ୍ତି: ''ମୌଳିକ ବିଜ୍ଞାନର ଅଗ୍ରଗତି ସହ ତାଳ ମିଳାଇ ପ୍ରଯୁକ୍ତି କ୍ଷେତ୍ରରେ ଘଟିଥିବା କାର୍ଯ୍ୟାନୁଷ୍ଠାନଗୁଡ଼ିକ ହିଁ ପୃଥିବୀର ସଭ୍ୟତା ଓ ସଂସ୍କୃତିର ଏପରି ଅଭୂତପୂର୍ବ ପରିବର୍ତ୍ତନ ଘଟାଇ ପାରିଛନ୍ତି।''

ମୋ: ୯୦୭୮୭୪୮୮୪୮

# ଗୁଣାତ୍ମକ ଶିକ୍ଷାର ପୃଷ୍ଠଭୂମି



କିଶୋର ଚନ୍ଦ୍ର ବେହେରା

ଭାରତୀୟ ସଂସ୍କୃତିରେ ଶିକ୍ଷାର ଲକ୍ଷ୍ୟ ହେଉଛି ଚରିତ୍ର ଗଠନ ଓ ପବିତ୍ରତା। ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାରେ ଛାତ୍ର ଜୀବନରେ ଖଦିବସ୍ତ୍ର ପରିଧାନ, ସୂତାକାଟିବା କାର୍ଯ୍ୟ ଛାତ୍ରମାନଙ୍କୁ ସ୍ୱାବଲମ୍ବୀ ହେବାକୁ ଅନୁପ୍ରେରିତ କରିବା ସହ ବଳକା ସମୟର ସଦୁପଯୋଗ ପାଇଁ କର୍ମତତ୍ପର କରିଥାଏ। ଆତ୍ମନିଯୁକ୍ତି କ୍ଷେତ୍ରରେ ଏହା ଖୋରାକ ଯୋଗାଇ ଥାଏ। ବେକାର ସମସ୍ୟା ବିରୋଧରେ ଏହା ଏକ ସଫଳ ପଦକ୍ଷେପ। ମାନବ ଶକ୍ତିର ସୁବିନିଯୋଗ ତଥା ବିକାଶ ଦିଗରେ ଏହା ସହାୟକ ହୋଇଥାଏ। ରାଷ୍ଟ୍ରୀୟ ଅର୍ଥନୈତିକ ପ୍ରଗତିରେ ଏକ ବଳିଷ୍ଠ ତଥା ଗଠନମୂଳକ ଭୂମିକା ନିଭାଇଥାଏ। ସେହିପରି ନିତ୍ୟ-ନୈମିତ୍ତିକ ଶିକ୍ଷା ସହ ଧନ୍ଦାମୂଳକ ବୈଷୟିକ ଶିକ୍ଷା ଅଙ୍ଗୀଭୂତ ନ ହେଲେ ସେ ଶିକ୍ଷା ଅକାରଣ। କାରଣ, ଶିକ୍ଷାର ପରିସର ବ୍ୟାପକ ଓ ଦୀର୍ଘ ଯୋଜନା ମୂଳକ କାର୍ଯ୍ୟକ୍ରମ। ୧୯୭୬ରେ ୪୨ତମ ସମ୍ବିଧାନ ସଂଶୋଧନ ଏକ ମୌଳିକ ପରିବର୍ତ୍ତନ ଆଣିଥିଲା, ଏହା ଶିକ୍ଷାକୁ ରାଜ୍ୟର ତାଲିକାରୁ ବର୍ତ୍ତମାନର ତାଲିକାକୁ ପରିବର୍ତ୍ତନ କରିଥିଲା। ଏହା ମଧ ଦେଶର କେନ୍ଦ୍ରୀୟ ବ୍ୟବସ୍ଥାର ଗୁରୁତ୍ୱକୁ ବୁଝିପାରିଥିଲା ଏବଂ ଶୈକ୍ଷିକ ଲକ୍ଷ୍ୟକୁ ଆଗେଇ ନେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କୁ ପ୍ରାଥମିକତା ଦେଇଥିଲା। ଶିକ୍ଷା ଉପରେ ଯେ କୌଣସି ନୀତି ସମଗ୍ର ଶିକ୍ଷା ପ୍ରକ୍ରିୟାର ଅନ୍ତଃ-ବିଭାଗୀୟ ଏବଂ ଅନ୍ତଃ ମନ୍ତ୍ରଣାଳୟ ପ୍ରଭାବକୁ ଏବଂ ରାଜ୍ୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବା ଆବଶ୍ୟକ। କେନ୍ଦ୍ର ସରକାର 'ଜାତୀୟ ଶିକ୍ଷା ନୀତି–୨୦୨୦' ପ୍ରଣୟନ କରିଛନ୍ତି। ସ୍ୱାଧୀନ ଭାରତରେ ତୃତୀୟ ଥର ପାଇଁ ଶିକ୍ଷା ନୀତି କରାଯାଇଛି। ପୂର୍ବରୁ ୧୯୬୮ ଓ ୧୯୮୬ରେ ଶିକ୍ଷା ନୀତି ପ୍ରଣୟନ କରାଯାଇଥିଲା। ନୂଆ ନୀତିରେ ଉଭୟ ପ୍ରାଥମିକ ଶିକ୍ଷା ଓ ଉଚ୍ଚଶିକ୍ଷାର ପାଠ୍ୟକ୍ରମ, ପରୀକ୍ଷା ପ୍ରଣାଳୀ ସବୁଥିରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଏପରିକି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ନାମ ବଦଳାଯାଇ 'ଶିକ୍ଷା ମନ୍ତ୍ରଣାଳୟ' ନାମରେ ନାମିତ କରାଯାଇଛି।

ଦୀର୍ଘ ୩୪ ବର୍ଷ ପରେ ଶିକ୍ଷା ନୀତି ବଦଳୁଥିବାରୁ ତାହାକୁ ନେଇ ଦେଶବ୍ୟାପୀ ସମସ୍ତ ଶିକ୍ଷାନୁଷ୍ଠାନରେ ପାଠଚକ୍ର, ଆଲୋଚନା, ସମାଲୋଚନା ସମସ୍ୟାର ସମାଧାନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଣ୍ଟା ଭିଡିଥିଲା ବେଳେ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଲାଗି ରହିଛି ଉତ୍କଟ ଶିକ୍ଷକ ମରୁଡ଼ି ଅବସ୍ଥା। ଏଥି ସହିତ ଦୁର୍ବଳ ଭିତ୍ତିଭୂମି। ପୂର୍ବର ଶିକ୍ଷା ନୀତିଗୁଡ଼ିକ ସ୍ପଷ୍ଟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଛନ୍ତି, ଯଦିଓ ସେଥିରୁ ଅନେକ ସମ୍ପୂର୍ଣ୍ଣଭାବେ ଅନୁଭୂତ ହୋଇପାରି ନାହିଁ। ଦେଶରେ ଶିକ୍ଷାର ସର୍ବୋନ୍ନତିର ମିଶ୍ରିତ ଛବି, ଶିକ୍ଷାରେ ଯୋଗଦାନ ଏବଂ ପ୍ରବେଶର ସମସ୍ୟା, ଦିଆଯାଉଥିବା ଶିକ୍ଷାର



ଗୁଣାତ୍ମକ ମାନ, ଶିକ୍ଷାରେ ସମାନତା, ବ୍ୟବସ୍ଥାର ଦକ୍ଷତା, ଶାସନ ଏବଂ ପରିଚାଳନା, ଗବେଷଣା ଓ ବିକାଶ, ଶିକ୍ଷାର ବିକାଶରେ ଆର୍ଥିକ ବିଷୟ ସମ୍ବନ୍ଧିତ ଅନେକ ଚିନ୍ତା ଏବଂ ସମସ୍ୟା ରହିଆସିଛି।

ଉଚ୍ଚଶିକ୍ଷା କ୍ଷେତ୍ରରେ ସ୍ନାତକ ମହାବିଦ୍ୟାଳୟଗୁଡ଼ିକର ବର୍ଗୀକରଣ ନୂତନ ଶିକ୍ଷାନୀତିରେ ଅଗ୍ରଗତି ନେଇ ଶିକ୍ଷାବିତ୍, ଛାତ୍ରୀଛାତ୍ର, ଅଭିଭାବକ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ସରକାରୀ ସ୍ନାତକ ମହାବିଦ୍ୟାଳୟ, ୪୮୮ ବର୍ଗ ସ୍ନାତକ ମହାବିଦ୍ୟାଳୟ, ୬୬୨ ବର୍ଗ ସ୍ନାତକ ମହାବିଦ୍ୟାଳୟ, ଅଣଅନୁଦାନପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟ, ଆଂଶିକ ଆର୍ଥିକ ସହାୟତା ସ୍ନାତକ ମହାବିଦ୍ୟାଳୟ ଓ ଶିକ୍ଷାବର୍ଷ ୨୦୨୪–୨୫ରେ ଉପାନ୍ତ ଅଞ୍ଚଳର ୧୦ଟି ବ୍ଲକରେ ନୂତନ ଭାବେ ପ୍ରତିଷ୍ଠା କରିଥିବା ୧୮ଟି ସରକାରୀ ସ୍ନାତକ ମହାବିଦ୍ୟାଳୟର ଦୁରବସ୍ଥା ଅତି ଦୟନୀୟ। ଏଠି ଭିତ୍ତିଭୂମିର ଅଭାବ ସହ ଜଣେ ଭାରପ୍ରାପ୍ତ ଅଧ୍ୟକ୍ଷ ଓ ୪ ଜଣ ଅତିଥି ଅଧ୍ୟାପକ ଓ ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ପାଠପଢ଼ା ଜାରି ରହିଛି। କେତୋଟି ହାତଗଣତି ସରକାରୀ ସ୍ନାତକ ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଥିଲା ବେଳେ ଅନ୍ୟ ସମସ୍ତ ଅନୁଦାନପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟରେ ଧର୍ମକୁ ଆଖିଠାର ବ୍ୟବସ୍ଥା ଅନୁଯାୟୀ ଅସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରି ସରକାର ଝାଡ଼ିଝୁଡ଼ି ହୋଇ ବସି ପଡ଼ିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଜାରି କରାଯାଇଥିବା ମାପଦଣ୍ଡ କେତେଦୂର ଉଚ୍ଚଶିକ୍ଷା ବିଭାଗ ପୂରଣ କରିପାରିବେ ସେ ସମୟକୁ ଅପେକ୍ଷା କରିବାକୁ ପଡ଼ିବ।

ରାଜ୍ୟର ୧୫ଟି ବିଶ୍ୱବିଦ୍ୟାଳୟରେ ୧୩୦୦ ଅଧ୍ୟାପକ ପଦ ଖାଲି ପଡିଥିଲା ବେଳେ ଏହିସବୁ ପଦବୀଗୁଡ଼ିକର ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ଉଚ୍ଚନ୍ୟାୟାଳୟ ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ୨୦୨୨ରୁ ନିଯୁକ୍ତି ପ୍ରକ୍ରିୟା ବନ୍ଦ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଅତିଥି ଅଧ୍ୟାପକଙ୍କ ଉପରେ ନିର୍ଭର କରିବାରୁ ଶିକ୍ଷାର ମାନ ହ୍ରାସ ପାଉଛି ଏବଂ ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ର ୨୧ ଧାରା ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟା କରିବାର ଆବଶ୍ୟକତା ରହିଛି। ଯେ ପର୍ଯ୍ୟନ୍ତ ସ୍ଥାୟୀ କୁଳପତି ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇନାହିଁ, ସେ ପର୍ଯ୍ୟନ୍ତ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି କ୍ଷେତ୍ରରେ ବିଳମ୍ବ ଦେଖାଦେବ। ଉଚ୍ଚଶିକ୍ଷାର 'ହବ୍'ରେ ପରିଣତ କରିବା ଲାଗି ତୁହାକୁ ତୁହା ଘୋଷଣା ସହିତ ଶହଶହ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ବିକଳ ଚିତ୍ର ଚଳିତ ବର୍ଷ ପ୍ରକାଶିତ 'ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ' (ଏନ୍‌ଆଇଆର୍‌ଏଫ୍)ରୁ ସ୍ପଷ୍ଟ ହୋଇଛି।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, କୋରାପୁଟ**
ମୋ:୯୪୩୭୯୫୫୫୬୮

## ଏଇ ଭାରତରେ

ଭାରତୀୟ ସେନାରେ ୩୦ ବର୍ଷ କାର୍ଯ୍ୟ କରିବା ପରେ କଲୋନେଲ ଦିବ୍ୟ ଠାକୁର ମନାଲି ନିକଟସ୍ଥ ଏକ ଗାଁରେ ଆପଲ ଚାଷ କରୁଛନ୍ତି। ଜୈବିକ ପଦ୍ଧତିରେ ସେ ଏହି ଚାଷ କରି ସଫଳ ହୋଇଛନ୍ତି। ବଡ଼ କଥା ହେଉଛି ଜୁଲାଇ ୨୦୨୫ରେ ସେ ୧୧ ଟନ୍ ଆପଲ ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। ଦିବ୍ୟ ୨୦୧୯ରେ ସେନାରୁ ଅବସର ଗ୍ରହଣ କରିବା ପରେ ଏହି ଚାଷ ଆରମ୍ଭ କରିଥିଲେ। ଦିବ୍ୟଙ୍କୁ ବୟସ ଏବେ ୬୫। ସେ ୪ ଏକର ଜମିରେ ଆପଲ ଚାଷ କରୁଛନ୍ତି। ତାଙ୍କ ଶ୍ୱଶୁର ଲ୍ୟୁଟନାଣ୍ଟ ଜେନେରାଲ ଭୁପିନ୍ଦର ଠାକୁର ତାଙ୍କୁ ଏହି ଚାଷରେ ସହଯୋଗ କରୁଛନ୍ତି। ଆପଲ ଚାଷର ସେ ନିଜେ ଜୈବିକ ଖତ ଓ କୀଟନାଶକ ପ୍ରସ୍ତୁତ କରି ପ୍ରୟୋଗ କରୁଛନ୍ତି। ଦିବ୍ୟ ଆପଲ ବଗିଚାରେ ୧୫,୦୦୦ ଲିଟର କ୍ଷମତାବିଶିଷ୍ଟ ଟାଙ୍କି ନିର୍ମାଣ କରିଛନ୍ତି, ଯେଉଁଥିରେ ବର୍ଷାଜଳକୁ ସଂଗ୍ରହ କରି ସିଞ୍ଚନ ପଦ୍ଧତିରେ ବଗିଚାରେ ବ୍ୟବହାର କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୩ ନଭେମ୍ବର ୧୯୭୬

- ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ଅନ୍ୟତମ ସାଧାରଣ ସମ୍ପାଦକ ରୂପେ ଉମ୍ଫରୁଧର ମାଝି ମାନୋନୀତ।
- ନନ୍ଦନକାନନଠାରେ ମତ୍ସ୍ୟବିଭାଗ ପକ୍ଷରୁ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପ୍ରଥମ ମତ୍ସ୍ୟ ସଂରକ୍ଷଣାଳୟ ଉଦ୍‌ଘାଟିତ।
- କେତେକ ସରକାରୀ ସଂଶୋଧନ ପ୍ରସ୍ତାବ ସହ ୪୪ତମ ସମ୍ବିଧାନ ସଂଶୋଧନ ବିଲ୍‌ର ସବୁ ଦଫା ଲୋକସଭାରେ ଅନୁମୋଦିତ।

## ଚିରନ୍ତନୀ

ତୁମରି ହାସ ହସଇ ମୁହିଁ
କରଇଁ ପ୍ରେମ ଆକାଶ ଭୂଇଁ
ଚାଳଇଁ ପ୍ରିୟ ମଧୁରେ ଆଜି
ତୁମରି ଗତି ବ୍ୟାଜରେ ।
ତୁମରି ପ୍ରେମ ଲଭିବା ଆଶେ
ନିଜକୁ କରେଁ ପ୍ରେମ
ଅଙ୍ଗ ତବ ଲାଗିବ ବୋଲି
ଏ ଦେହ ମଣେ ହେମ ।

–(ପ୍ରସାଧନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 4 | | | | | |
| 3 | 8 | | | 9 | 7 | | | 1 |
| 7 | | | | | | 6 | | |
| 5 | | | | | 1 | 8 | | 6 |
| | | | | 8 | | | | |
| 8 | 9 | | | | | | 3 | |
| 4 | | | | | 3 | 5 | 9 | |
| | | | 6 | | | | | |
| | | | 2 | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 7 | 2 | 4 | 5 | 9 | 6 | 3 |
| 5 | 3 | 4 | 9 | 6 | 8 | 7 | 2 | 1 |
| 2 | 9 | 6 | 1 | 7 | 3 | 8 | 4 | 5 |
| 4 | 6 | 2 | 5 | 9 | 7 | 3 | 1 | 8 |
| 9 | 7 | 3 | 8 | 1 | 4 | 2 | 5 | 6 |
| 8 | 5 | 1 | 3 | 2 | 6 | 4 | 9 | 7 |
| 6 | 2 | 9 | 7 | 3 | 1 | 5 | 8 | 4 |
| 3 | 4 | 5 | 6 | 8 | 9 | 1 | 7 | 2 |
| 7 | 1 | 8 | 4 | 5 | 2 | 6 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡ୍ରଗ୍ସ କଣ୍ଟ୍ରୋଲ ବିଭାଗକୁ ଦାୟୀ କରାଯାଉ

ମହାଶୟ,

ଶିଶୁଙ୍କ ଜୀବନ ନେଇଥିବା କଫ ସିରପ୍ ପ୍ରସ୍ତୁତ କରିଥିବା କମ୍ପାନୀ ଉପରେ ଶିଶୁହତ୍ୟା ଅଭିଯୋଗରେ ଦୋଷାରୋପ କରି ମାଲିକଙ୍କୁ ଗିରଫ କରିବା ଆଇନତଃ ଯଥାର୍ଥ। କିନ୍ତୁ ବିନା ପରୀକ୍ଷା ନିରୀକ୍ଷା ଓ ଯାଞ୍ଚରେ, ବିକ୍ରି କରିବାକୁ ଅନୁମତି ପ୍ରଦାନ କରିଥିବା ଡ୍ରଗ କଣ୍ଟ୍ରୋଲ ବିଭାଗ ଅଧିକାରୀଙ୍କୁ ଗିରଫ କରାଯିବା ଉଚିତ। ଗଣମାଧ୍ୟମ ଅନେକ ସମୟରେ ଖବର ଲୋକଲୋଚନକୁ ଆଣି ସରକାରଙ୍କୁ ସତର୍କ ରହିବା ନିମନ୍ତେ ସଚେତନ କରିଛି। କିନ୍ତୁ ସରକାର ଏସବୁକୁ ଅଣଦେଖା କରିବା ଦୁର୍ଭାଗ୍ୟଜନକ। ଭାରତରେ ନକଲି ଔଷଧ ସେବନର ପାର୍ଶ୍ୱ ପ୍ରତିକ୍ରିୟାରେ ବହୁ ସଂଖ୍ୟାରେ ରୋଗୀମାନେ ମୃତ୍ୟୁବରଣ କରୁଛନ୍ତି। ଅଧିକ ଆୟ ଉପାର୍ଜନ ଲାଳସାକୁ ତ୍ୟାଗ କରିବା ପୂର୍ବକ, ମାନବ ସେବାକୁ ମାଧବ ସେବା ରୂପେ ବିଚାର କରି ସମସ୍ତ ପ୍ରକାର ଜୀବନ ରକ୍ଷାକାରୀ ଔଷଧ, ଇଂଜେକ୍‌ସନ ଓ ସାଲାଇନ ପ୍ରସ୍ତୁତି ଉପରେ କମ୍ପାନୀମାନେ ଦୃଷ୍ଟିଦେବା ଉଚିତ। ଆନ୍ତରିକତା ସହ ବିଭିନ୍ନ ମେଡିସିନର ଉଚ୍ଚ ମାନକାରୀ ଗୁଣବତ୍ତା ସମ୍ପନ୍ନ କରି ନିଜ ନିଜର କମ୍ପାନୀର ମାନମର୍ଯ୍ୟାଦାକୁ ପ୍ରସିଦ୍ଧି ଆଣିବାରେ ଚେଷ୍ଟିତ ହେବା ସହ ନିଜ ନିଜର ସାଧୁତା ସ୍ୱଚ୍ଛତା ପ୍ରତିପାଦନ କରନ୍ତୁ। ବିକ୍ରି ପାଇଁ ଉଦ୍ଦିଷ୍ଟ ସମସ୍ତ ଔଷଧର ଔଷଧୀୟ ଗୁଣବତ୍ତା ଓ ମାନକୁ ଠିକ ପରୀକ୍ଷା ନିରୀକ୍ଷା ଓ ଯାଞ୍ଚ କରିବା ଡ୍ରଗ କଣ୍ଟ୍ରୋଲ ବିଭାଗର କର୍ତ୍ତବ୍ୟ ହେବା ଆବଶ୍ୟକ।

**– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ**

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଖଣ୍ଡିଆ ସାହିର ପୁରୋହିତ ତ୍ରିଲୋଚନ ମିଶ୍ରଙ୍କ ସ୍ତ୍ରୀ ଲିଲି ମିଶ୍ର(୪୦)ଙ୍କ ସାପ କାମୁଡ଼ାର ମୃତ୍ୟୁ ଘଟିଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯିବା ପରେ ରବିବାର ଲୋକଭଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ସୂଚନା ଯୋଗ୍ୟ, ଶନିବାର ସେ ଘର ପିଣ୍ଡାରେ ବସିଥିବା ବେଳେ ତାଙ୍କୁ ସାପ କାମୁଡ଼ିଥିଲା। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୩ ଗ୍ରାମକୁ ନାହିଁ ରାସ୍ତା

ଗୁମ୍ମା,୨।୧୧(ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ପରିଡ଼ା ପଞ୍ଚାୟତର ତାଣ୍ଡ୍ରିଗୁଡ଼ା, ଗମାଙ୍ଗଗୁଡ଼ା, ଲୋବାଗୁଡ଼ା ଗ୍ରାମକୁ ଯିବାକୁ ରାସ୍ତା ନାହିଁ। କେବଳ ରାସ୍ତା ନୁହେଁ ଏହି ଗ୍ରାମଗୁଡିକରେ ପାନୀୟ ଜଳ, ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଏକପ୍ରକାର ଭୁଶୁଡିପଡିଛି। ପନୀୟ ଜଳ ଅଭାବରୁ ଲୋକେ ଦୁଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ସେହିପରି ରାସ୍ତା ସମସ୍ୟା ଯୋଗୁ ପିଲାଙ୍କୁ ଅଭିଭାବକମାନେ ବିଲହୁଡ଼ା ଦେଇ ସ୍କୁଲକୁ ନେବା ଆଣିବା କରୁଛନ୍ତି। ବର୍ଷା ଦିନରେ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଗ୍ରାମରେ କେହି ଯଦି ଅସୁସ୍ଥ ହୋଇପଡେ ଭଲ ରାସ୍ତା ନ ଥିବାରୁ



ଉପସ୍ଥିତ ଗ୍ରାମବାସୀ।

ଆମ୍ବୁଲାନ୍ସ ଗ୍ରାମକୁ ଆସିପାରେ ନାହିଁ। ଆମ୍ବୁଲାନ୍ସ ଅନ୍ୟ ଏକ ଗ୍ରାମରେ ରହେ, ରୋଗୀଙ୍କୁ ଖଟିକାରେ ସେଠାକୁ ବୋହି ନେବାକୁ ପଡେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ସରକାର ଆମ ଗ୍ରାମକୁ ରାସ୍ତା ତିଆରି କରିବାକୁ ଗ୍ରାମର ସୀମନ ମଣ୍ଡଳ, କ୍ଷିପାନ ଗମାଙ୍ଗ, ଲିବିଷ୍ଟ ଭୂୟାଁ, ଷଡ଼ଙ୍ଗୀ ରଇତ ଓ ଏଲିୟ ରଇତ ଦାବି କରିଛନ୍ତି।

## ମୃତ ଶିକ୍ଷକଙ୍କ ପରିବାରକୁ ସଂଘ ପକ୍ଷରୁ ସହାୟତା

ଶେରଗଡ଼,୨।୧୧ (ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ନିକଟସ୍ଥ କିର୍ତ୍ତିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଫୁଲ ପୃଷ୍ଟିଙ୍କ ଗତ ୨୭ ତାରିଖରେ ହୃଦଘାତରେ ମୃତ୍ୟୁ ଘଟିଥିଲା। ସେ ଜଣେ ଏନ୍‌ପିଏସ ଶିକ୍ଷକ ଥିଲେ। ରବିବାର ମିଳିତ ଶିକ୍ଷକ ସଂଘ ପକ୍ଷରୁ ତାଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଛି। ସଂଘ ସଭାପତି ଇନ୍ଦ୍ରମଣି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସିଆରସିସି ପ୍ରସନ୍ନ ସାବତ, ଜଗନ୍ନାଥ ସେଠୀ ଓ ଅନ୍ୟମାନେ ଶିକ୍ଷକପୃଷ୍ଟିଙ୍କ ହିଞ୍ଜିଳିକାଟୁସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ସ୍ତ୍ରୀ ଭାଗ୍ୟଲତାଙ୍କୁ ୫୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ଏହି ସମୟରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

କବିସୂର୍ଯ୍ୟନଗର, ୨।୧୧(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ଆଠଗଡପାଟଣାସ୍ଥିତ ନାରାୟଣୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ସତନ୍ତ୍ର ସେବା ଶିବିର ରବିବାର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ପ୍ରଣବ ପ୍ରସାଦ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଜାହାଙ୍ଗୀର ଖାଁ, ପ୍ରଦୀପ ପ୍ରହରାଜ, ଚିତ୍ରସେନ ଡାକୁଆ, କୁମାର ସାହୁ ଉତ୍ସବରେ ଅତିଥି ରୂପେ ଯୋଗ ଦେଇଥିଲେ। ସୁଧାକର ଦାସ, ଶ୍ୟାମସୁନ୍ଦର ପ୍ରଧାନ, ଉମା ଚରଣ ପଣ୍ଡା ଓ ଚନ୍ଦ୍ର ଶେଖର ସାମନ୍ତ ସହଯୋଗ କରିଥିଲେ। ପ୍ରୋଗ୍ରାମ ଅଫିସର ପ୍ରଫୁଲ୍ଲ ମହାପାତ୍ର ଶିବିରକୁ ପରିଚାଳନା କରୁଛନ୍ତି।

# ୨ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ

ଖଜୁରିପଡ଼ା,୨।୧୧(ବିଦୁର ବେହେରା)

## ଖଜୁରିପଡ଼ା ବିଦ୍ୟାଳୟ ଦାୟିତ୍ୱରେ ଅବହେଳା

ଖଜୁରିପଡ଼ା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦାୟିରେ ଅବହେଳା ହେଉଥିବା ଦେଖିବାକୁ ମିଳିଛି। ଫଳରେ ୨ ଛାତ୍ରାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଜଣେ ବିଦ୍ୟାଳୟ ହଷ୍ଟେଲରୁ ଫେରାର ହୋଇଥିବ ଜଣାପଡ଼ିଛି। ଏନେଇ ଦାୟିତ୍ୱରେ ଥିବା ଶିକ୍ଷକ କୈଳାସ ଚନ୍ଦ୍ର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଦଶମ ଶ୍ରେଣୀର ଜଣେ ଛାତ୍ର ଏବଂ ସପ୍ତମ ଶ୍ରେଣୀର ଜଣେ ଛାତ୍ର ଶନିବାର କୌଣସି କରଣକୁ ନେଇ ବଚସା ହେବା ସହିତ ମାଡ଼ ପିଟ ହୋଇଥିଲେ। ପରେ ଉଭୟ ଛାତ୍ରଙ୍କୁ ଡାକି ବୁଝାଶୁଝା କରାଯାଇଥିଲା। ପରବର୍ତ୍ତୀ ସମୟରେ ସପ୍ତମ ପଢୁଥିବା ଛାତ୍ର କାହାକୁ ନ ଜଣେଇ ସ୍କୁଲରୁ ମାମୁଁ ଘର ବନ୍ଧସାହିକୁ ଚାଲି ଯାଇଛନ୍ତି ବୋଲି କହିଛନ୍ତି। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲଙ୍କୁ ପଚାରିବାରୁ ସେ କହିଛନ୍ତି ଶନିବାର ୨ ଛାତ୍ର ମାଡ଼ପିଟ ହୋଇଥିବା ଖବର ରହିଛି। କିନ୍ତୁ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ତେବେ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ଦାୟିତ୍ୱ କିପରି ଖଜୁରିପଡ଼ାରେ ନିଆଯାଉଛି। ଏହି ଘଟଣାକୁ ଦେଖିଲେ ଜଣା ପଡ଼ିଛି।

## ଗୋଲିଆ ଯାତ୍ରୀ ପ୍ରତିକ୍ଷାଳୟରେ ଭଙ୍ଗାରୁଜା

ବୁଗୁଡା,୨।୧୧(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଗୋଲିଆ ଗ୍ରାମ ଛକରେ ଥିବା ଯାତ୍ରୀ ପ୍ରତିକ୍ଷାଳୟରେ ମଦ୍ୟପମାନେ ଉନ୍ମୁକ୍ତ କାଣ୍ଡ ଭିଆଇ ଯାତ୍ରୀଙ୍କ ପାଇଁ ଉଦ୍ଧିଷ୍ଟ ଚେୟାର ଗୁଡିକ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଛି। ମଦ୍ୟପଙ୍କ ଆସର ଜମୁଥିବା ସେହି ଗାଁ ଛକର ଲକ୍ଷ୍ମୀ ବସଷ୍ଟପ୍ ସ୍ଥଳରେ ରାତ୍ରିକାଳୀନ ବସ୍ ପାଇଁ ଲୋକେ ଅପେକ୍ଷା କରିବାକୁ ଉଚିତ ମଣୁନାହାନ୍ତି। ଅନ୍ୟପକ୍ଷରେ ଲୋକେ ସେଠାରେ ମଦ୍ୟପଙ୍କ ଦୌରାତ୍ମ୍ୟକୁ ପ୍ରତିହତ କରିବା ପାଇଁ ସାହସ ଜୁଟାଇ ପାରୁ ନ ଥିବା ବେଳେ ଆଖପାଖରେ ଦୋକାନ କରିଥିବା ବ୍ୟବସାୟୀ ଭୟଭିତ ହେଉଛନ୍ତି। ବୁଗୁଡା ଥାନା ପୋଲିସ ପ୍ରଶାସନ ଢିଲାପଣ ଯୋଗୁ ଗୋଲିଆ ଗାଁ ଛକ ଲକ୍ଷ୍ମୀ ବସଷ୍ଟପରେ ଅସାମାଜିକତତ୍ତ୍ୱଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ନେଇ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଥିଲା ବେଳେ ତୁରନ୍ତ ଏ ଦିଗରେ ପୋଲିସ ପ୍ରଶାସନ କଡାକଡି ପେଟ୍ରୋଲିଂ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ୨୩ ମୋବାଇଲ ଫୋନ ଫେରାଇଲା ପୋଲିସ



ଭଞ୍ଜନଗର,୨।୧୧(ବାବୁଲା ପ୍ରଧାନ)

ଭଞ୍ଜନଗର ପୋଲିସ ରବିବାର ଲୋକଙ୍କର ହଜିଯାଇଥିବା ୨୩ଟି ମୋବାଇଲ ଫୋନ ଉଦ୍ଧାର କରି ସେମାନଙ୍କୁ ହସ୍ତାନ୍ତର କରିଛି। ରବିବାର ଅପରାହ୍ନରେ ଥାନା ପରିସରରେ ଲୋକଙ୍କୁ ସେମାନଙ୍କ ଫୋନ୍ ହସ୍ତାନ୍ତର କରାଯାଇଛି। ସେଠାରେ ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ପୋଲିସ ସିଇଆଇଆର୍‌କୁ ଆଧାର କରି ଲୋକଙ୍କ ଫୋନ କୁ ଉଦ୍ଧାର କରିବାରେ ସକ୍ଷମ ହେଉଛି। ଯେଉଁ ମାନଙ୍କ ଫୋନ ହଜିଥିଲା ସେମାନେ ପାଇବା ଆଶା ପ୍ରାୟ ଛାଡ଼ି ଦେଇଥିଲେ। କିନ୍ତୁ ନୂତନ ବୈଷୟିକ ଜ୍ଞାନକୌଶଳ ମୋବାଇଲ ଫୋନକୁ ଠାବ କରିବାରେ ସହାୟ ହୋଇଥିଲା। ଫୋନ ହସ୍ତାନ୍ତର ବେଳେ ଅତିରିକ୍ତ ଆରକ୍ଷୀ ଅଧିକାରୀ ରଞ୍ଜନ କୁମାର ଦେ, ଏସଡିପିଓ ଡ. ଦିପକ କୁମାର ମିଶ୍ର, ଥାନା ଅଧିକାରୀ ଜିବନାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ଗତ ମାସରେ ଭଞ୍ଜନଗର ପୋଲିସ ଏଭଳି ୨୬ଟି ଫୋନ ଉଦ୍ଧାର କରି ଲୋକଙ୍କୁ ହସ୍ତାନ୍ତର କରିଥିଲା।

## କୃଷକ ଉତ୍ପାଦକ ସଙ୍ଗଠନର ଜିଲ୍ଲାସ୍ତରୀୟ ତାଲିମ ଶିବିର

ଆର. ଉଦୟଗିରି, ୨।୧୧(ମନୋଜ କୁମାର ପାଢୀ)

ଗଜପତି ଜିଲା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ରାମଗିରିସ୍ଥିତ ମହେନ୍ଦ୍ରଗିରି କୃଷକ ଉତ୍ପାଦକ ସଂଘ ସମ୍ମିଳନୀ କକ୍ଷରେ କୃଷକ ଉତ୍ପାଦକ କମ୍ପାନୀଗୁଡିକର ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ୭ଟି ଏଫପିଓରୁ ୨୫ ଜଣ ସଦସ୍ୟ ଯୋଗ ଦେଇଥିଲେ। କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସୁଶ୍ରୀ ଚୌଧୁରୀ ସ୍ୱାଗତ ସୂଚନା ଦେଇଥିଲେ। ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ସଂଗ୍ରାମ ପରମଗୁରୁ ଅଧ୍ୟକ୍ଷତା କରି ଏହି ତାଲିମ ମାଧ୍ୟମରେ କୃଷକ ଉତ୍ପାଦକ ସଙ୍ଗଠନଗୁଡିକ କିପରି ସୁଦୃଢ ହୋଇପାରିବେ ଏବଂ ସେମାନଙ୍କୁ ବ୍ୟବସାୟିକ ମଡେଲ ଭାବରେ ଗଢାଯିବ ସେନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଏଥିସହ ସେ ସାମୁହିକ ଉତ୍ପାଦନ, ନୂତନ ବଜାର ରଣନୀତି, ରାଜ୍ୟ ଭିତରେ ଓ ବାହାରେ ବଜାର ସୃଷ୍ଟି ଉପରେ ଆଲୋଚନା କରିଥିଲେ। ମହେନ୍ଦ୍ରଗିରି କୃଷକ ଉତ୍ପାଦକ ସଂଘର ସିଇଓ ତାଲିମ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଅବସରପ୍ରାପ୍ତ ସିଆରପିଏଫ୍ ଯବାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଜି.ଉଦୟଗିରି,୨।୧୧ (ଚିନ୍ମୟ କୁମାର ସେଠୀ): ଜି.ଉଦୟଗିରି ବ୍ଲକ୍ କଳିଙ୍ଗା ପଞ୍ଚାୟତ ପୁକୁଲିଙ୍ଗିଆ ଗ୍ରାମର ଅବସର ପ୍ରାପ୍ତ ସିଆରପିଏଫ୍ ଯବାନ ଇନ୍ସପେକ୍ଟର ପ୍ରମୋଦ କୁମାର ମଲ୍ଲିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଦେଶ ସେବାରେ ଦୀର୍ଘ ୩୮ ବର୍ଷ ୯ ମାସ ୨୧ ଦିନ ଧରି ନିରନ୍ତର ଭାବେ ସେବା କରି ଅବସର ନେବା ପରେ ନିଜ ଗାଁକୁ ଫେରିଛନ୍ତି। ଗ୍ରାମବାସୀଙ୍କ ତରଫରୁ ଦୀର୍ଘ ବର୍ଷ ଧରି ନିଜ ଭିଟାମାଟି ପରିବାର ବନ୍ଧୁ ପରିଜନଙ୍କଠୁ ଦୂରରେ ରହି ଭାରତ ମାଟି ମା'ର ସେବା ପରେ ଫେରିଥିବା ପ୍ରମୋଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଆୟୋଜନ କରିଥିବା ବେଳେ ସ୍ଥାନୀୟ ପଦାସାହି ଠାରେ ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ବାଘଙ୍କ ନେତୃତ୍ୱରେ ଗ୍ରାମବାସୀ ଛକଠାରେ ପୁଷ୍ପମାଲ୍ୟ ଦେବା ସହ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଶେଷରେ ଗ୍ରାମବାସୀ ବାଦ୍ୟ ନୃତ୍ୟ ସହିତ ପୁକୁଲିଙ୍ଗିଆ ସ୍ଥିତ ନିଜ ବାସ ଭବନକୁ ପାଛୋଟି ନେଇ ତାଙ୍କ ଜୀବନର ତ୍ୟାଗ ଓ ସେବାକୁ ସ୍ମରଣ କରି ସମ୍ବର୍ଦ୍ଧନା ଜଣାଇଥିଲେ। ଦେଶସେବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିବା ସହ ଅବସର ପରେ ପଦାସାହି ଓ ପୁକୁଲିଙ୍ଗିଆ ଗ୍ରାମବାସୀଙ୍କ ଏହି ସମ୍ବର୍ଦ୍ଧନା ଓ ସମ୍ମାନ ମୋ ଜୀବନର ଅଭୁଲା ସ୍ମୃତି ହୋଇ ରହିବ ବୋଲି ସେ କହିଛନ୍ତି।

## ମୋହନାରେ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ମୋହନା,୨।୧୧(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ତହସିଲ କାର୍ଯ୍ୟାଳୟରେ ଉପ ନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦଘାଟନ କରିଛନ୍ତି। ଏହି ସମୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିଲେ । ଆଭାସୀ ମାଧ୍ୟମରେ ରାଜ୍ୟରେ ୪୪ଟି ଉପ ନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିବା ବେଳେ ସେଥିରେ ମୋହନା ରହିଛି। ଏଥିପାଇଁ ମୋହନା ବ୍ଲକ କାର୍ଯ୍ୟାଳୟରେ ଭିଡିଓ କନଫରେନ୍ସ କକ୍ଷରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ବିଡ଼ିଓ ରାଜୀବ ଦାସ, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ତହସିଲଦାର ଚକ୍ରଧର ପାଢ଼ୀ ଓ ରାଜସ୍ୱ କର୍ମଚାରୀ ଉପସ୍ଥିତ ଥିଲେ । ପରେ ତହସିଲ କାର୍ଯ୍ୟାଳୟକୁ ଯାଇ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ କୋଠରୀକୁ ବିଧାୟକ ଉଦଘାଟନ କରିଥିଲେ।

## ଜମି ବିକ୍ରି ନାମରେ ଠକେଇ, ଯୁବକଙ୍କୁ କୋର୍ଟ ଚାଲାଣ

ବେଲଗୁଣ୍ଠା,୨।୧୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ଥାନା ଅଞ୍ଚଳରେ ଜମି ବିକ୍ରି ନାମରେ ନୀରିହ ଲୋକଙ୍କ ଠାରୁ ଟଙ୍କା ଠକି ନେଉଥିବା ଜଣେ ଯୁବକଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ସେ ହେଲେ ପାଟରାପଲ୍ଲୀ ଗ୍ରାମର ନନ୍ଦ କିଶୋର ଗୌଡ଼ (୨୫)। ନନ୍ଦ କିଶୋର ବେଲଗୁଣ୍ଠା ଥାନା ଅନ୍ତର୍ଗତ ଠେଙ୍ଗାଧର ରୋଡ୍ ନିବାସୀ ସନ୍ନ୍ୟାସୀ ପଣ୍ଡା ଏବଂ ତାଙ୍କ ପରିବାର ଲୋକଙ୍କୁ ଜମି ବିକ୍ରି କରିବ କହି ସେମାନଙ୍କ ଠାରୁ ୧ କୋଟି ୧୦ ଲକ୍ଷ ୪୬ ହଜାର ଟଙ୍କା ନେଇ ଫେରାର୍ ହୋଇ ଯାଇଥିଲେ। ଏନେଇ ସନ୍ନ୍ୟାସୀ ବେଲଗୁଣ୍ଠା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବେଲଗୁଣ୍ଠା ପୋଲିସ୍ ଜୁନ୍ ମାସରେ ୩୨୫/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଶନିବାର ରାତିରେ ନନ୍ଦ କିଶୋରଙ୍କୁ ଗିରଫ କରିବା ସହିତ ରବିବାର ଭଞ୍ଜନଗର କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ରେବତୀ ଶବର କହିଛନ୍ତି। ଏହା ସହିତ ଜମି କାରବାର ସମ୍ପର୍କିତ କାଗଜ ପତ୍ର, ବ୍ୟାଙ୍କ୍ କାରବାର ସମ୍ପର୍କିତ ମୋବାଇଲ୍ ସ୍କ୍ରିନ୍ ସଟ୍, ଟଙ୍କା କାରବାର ସମ୍ପର୍କିତ ବ୍ୟାଙ୍କ୍ ତଥ୍ୟ ମଧ୍ୟ ଜବତ କରାଯାଇଛି।


ODISHA PUBLIC SERVICE COMMISSION
CUTTACK

NOTICE

No. 7577 / P.S.C., Dt. 30.10.2025
(1R-04-24/25) (DR-V)

**Assistant Professor (Stage-I) in Computer Science**
**(Advertisement No.27 of 2023-24)**

**No.D-253** : It is for information of all concerned that, 'document verification' of 148 (One hundred forty eight) candidates having PPSAN mentioned below for the post of Assistant Professor (Stage-I) in "Computer Science", pursuant to Advertisement No.27 of 2023-24 shall be held from 06.11.2025 to 12.11.2025 (except Govt. holidays) as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 06.11.2025 | 10.30 AM | P240304416, P240308840, P240296935, P240302401, P230181518, P240303799, P240302529, P230185463, P240312982, P240308142, P240304439, P230180916, P230178157, P240299780, P240297265, P240300426, P240282440 & P240307996 = **18 Candidates** |
| | 2.30 PM | P220019555, P240302471, P240302647, P240301935, P240302561, P240308030, P240294300, P240302141, P240305624, P240313054, P240304953 & P240298127 = **12 Candidates** |
| 07.11.2025 | 10.30 AM | P230188075, P240311224, P240311454, P240306997, P230173869, P240306843, P230186145, P240304120, P240307495, P220078341, P230174831, P240302924, P220054776, P230184234, P240305638, P240303503, P240305051 & P230180620 = **18 Candidates** |
| | 2.30 PM | P240301423, P230174435, P230176882, P240303094, P240298728, P240297552, P240300791, P240304709, P240302249, P220023889, P240298206 & P220088448 = **12 Candidates** |
| 10.11.2025 | 10.30 AM | P240300790, P240305211, P240303302, P230173963, P230178689, P240304543, P240300274, P240298145, P240309744, P240308095, P230186042, P240310988, P240305209, P240296848, P240308162, P240301901, P240310751 & P240301343 = **18 Candidates** |
| | 2.30 PM | P240303519, P240306825, P240308788, P230176961, P240313967, P240307301, P240302076, P240302801, P240310230, P240305016, P240305903 & P240304177 = **12 Candidates** |
| 11.11.2025 | 10.30 AM | P240308263, P230188021, P230191556, P240298849, P240312067, P230174611, P240301069, P230179558, P220013112, P230176741, P230150407, P240310895, P240311773, P220088575, P240311494, P240296888, P230192733 & P240296272 = **18 Candidates** |
| | 2.30 PM | P230174706, P220029382, P230181718, P230133473, P220027154, P240302988, P240303758, P230113572, P220064181, P230178656, P240300718 & P230119111 = **12 Candidates** |
| 12.11.2025 | 10.30 AM | P230177543, P240311672, P240303234, P240302650, P240305690, P230182514, P240304623, P230172811, P240309960, P240299784, P230179322, P220060069, P220010492, P230173748, P230176247 & P230110403 = **16 Candidates** |
| | 2.30 PM | P240308057, P240235156, P240308580, P240296252, P220005007, P240309698, P220016680, P240254036, P230178132, P240307181, P230173341 & P240306996 = **12 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the 'document verification' does not reserve any right for selection.

**OIPR-** **Sd./- Secretary**



ODISHA PUBLIC SERVICE COMMISSION
CUTTACK

NOTICE

**No. 7603 / P.S.C., Dt. 31.10.2025**
**(1E-01-2025-26) (DR-II)**
**Website - https://www.opsc.gov.in**

**No.D-254** : It is for information of provisionally qualified candidates' that, the Physical verification of Original Certificates/Documents and **Viva Voce Test for recruitment to the post of Assistant Executive Engineer (Civil) under P.R & D.W Department** pursuant to Advertisement No.33 of 2023-24, will be conducted simultaneously **from 20.11.2025 to 01.12.2025(except on 22.11.2025, 23.11.2025 & 30.11.2025)** in the Office of the Commission, at 19, Dr. P.K. Parija Road, Cuttack - 753001 as per the following programme detailed below.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of Document Verification | Time of Viva Voce Test | Roll Nos. of Candidates |
|---|---|---|---|
| 20.11.2025 | 08.30 A.M | 10.30 A.M | 100006, 100020, 100022, 100024, 100027, 100038, 100050, 100067, 100108, 100127, 100160, 100176, 100198, 100206, 100246, 100268, 100309, 100316, 100336, 100398, 100421, 100425, 100470, 100506, 100512, 100522, 100526, 100538, 100542, 100545, 100573, 100579, 100580, 100585, 100632, 200009, 200063, 200071, 200080, 200104, 200140, 200153, 200159, 200175, 200178, 200210, 200229 & 200261 = **48 Candidates** |
| | 12.30 P.M | 02.30 P.M | 200266, 200294, 200295, 200300, 200308, 200315, 200316, 200368, 200370, 200394, 200398, 200421, 200423, 200435, 200440, 200456, 200474, 200484, 200486, 200503, 200529, 200551, 200552, 200570, 200579, 200602, 200603, 200623, 200648, 200665, 200671, 200674, 200691, 200693, 200708, 200731, 300004, 300009, 300015 & 300026 = **40 Candidates** |
| 21.11.2025 | 08.30 A.M | 10.30 A.M | 300027, 300053, 300067, 300070, 300074, 300091, 300099, 300102, 300116, 300135, 300150, 300177, 300180, 300191, 300195, 300198, 300210, 300221, 300227, 300244, 300256, 300261, 300272, 300283, 300293, 300297, 300313, 300315, 300348, 300350, 300351, 300368, 300377, 300380, 300393, 300399, 300420, 300453, 300456, 300479, 300490, 300492, 300498, 300510, 300524, 300543, 300549 & 300559 = **48 Candidates** |
| | 12.30 P.M | 02.30 P.M | 300563, 300595, 300603, 300606, 300609, 300619, 300622, 300665, 300667, 300708, 300711, 300729, 300740, 300754, 300755, 300793, 300802, 300826, 300827, 300834, 300844, 300853, 300880, 300895, 300897, 300910, 300921, 300923, 300924, 300927, 300931, 300933, 300936, 300938, 300979, 300991, 300992, 301001, 301004 & 301014 = **40 Candidates** |
| 24.11.2025 | 08.30 A.M | 10.30 A.M | 301033, 301040, 301041, 301049, 301076, 301107, 301126, 301134, 301137, 301159, 301165, 301167, 301186, 301198, 301208, 301209, 301233, 301235, 301238, 301249, 301250, 301267, 301327, 301358, 301396, 301399, 301401, 301413, 301427, 301431, 301435, 301439, 301446, 301451, 301467, 301496, 301522, 301525, 301531, 301534, 301556, 301592, 301601, 301604, 301622, 301649, 301651 & 301655 = **48 Candidates** |
| | 12.30 P.M | 02.30 P.M | 301656, 301663, 301690, 301704, 301725, 301731, 301736, 301740, 301748, 301758, 301760, 301791, 301797, 301823, 301824, 301832, 301839, 301866, 301890, 301924, 301931, 301982, 301983, 302004, 302025, 302031, 302035, 302038, 302040, 302057, 302066, 302068, 302070, 302113, 302124, 302131, 302163, 302202, 302211 & 302217 = **40 Candidates** |
| 25.11.2025 | 08.30 A.M | 10.30 A.M | 302251, 302291, 302298, 302309, 302315, 302327, 302330, 302333, 302349, 302371, 302425, 302440, 302445, 302478, 302487, 302500, 302507, 302510, 302519, 302545, 302554, 302575, 302602 & 302605 = **24 Candidates** |
| | 12.30 P.M | 02.30 P.M | 302612, 302624, 302636, 302637, 302644, 302667, 302675, 302687, 302728, 302754, 302781, 302783, 302794, 302810, 302825, 302830, 302850, 302851, 302863, 302865, 302867 & 302869 = **22 Candidates** |
| 26.11.2025 | 08.30 A.M | 10.30 A.M | 302885, 302901, 302903, 302904, 302907, 302913, 302918, 302924, 302928, 302935, 302937, 302943, 302945, 302951, 302961, 302975, 302996, 303000, 303018, 303072, 303075, 303076, 303098 & 303119 = **24 Candidates** |
| | 12.30 P.M | 02.30 P.M | 303136, 303152, 303153, 303180, 303188, 303202, 303206, 303218, 303222, 303223, 303226, 303227, 303282, 303310, 303316, 303318, 303332, 303359, 303382 & 303388 = **20 Candidates** |
| 27.11.2025 | 08.30 A.M | 10.30 A.M | 303401, 303402, 303407, 303414, 303420, 303432, 303489, 303505, 303512, 303520, 303539, 303557, 303562, 303565, 303574, 303587, 303589, 303593, 303596, 303628, 303644, 303661, 303669 & 303672 = **24 Candidates** |
| | 12.30 P.M | 02.30 P.M | 303679, 303699, 303716, 303730, 303731, 303732, 303742, 303751, 303762, 303777, 303793, 303801, 303843, 303854, 303875, 303876, 303879, 303893, 303896 & 303912 = **20 Candidates** |
| 28.11.2025 | 08.30 A.M | 10.30 A.M | 303913, 303923, 303968, 303986, 303988, 304003, 304029, 304032, 304045, 304057, 304064, 304067, 304077, 304082, 304093, 304099, 304101, 304113, 304127, 304145, 304149, 304152, 304153 & 304156 = **24 Candidates** |
| | 12.30 P.M | 02.30 P.M | 304158, 304161, 304162, 304177, 304184, 304217, 304231, 304241, 304260, 304281, 304282, 304285, 304317, 304319, 304364, 304379, 304400, 304411 & 304445 = **20 Candidates** |
| 29.11.2025 | 08.30 A.M | 10.30 A.M | 304472, 304474, 304477, 304494, 304502, 304519, 304521, 304532, 304533, 304548, 304565, 304566, 304575, 304597, 304607, 304633, 304642, 304663, 304688, 304699, 400007, 400008, 400023, 400033, 400064, 400067, 400093, 400112, 400119, 400132, 400133, 400145, 400189, 400194, 400206, 400213, 400229, 400238, 400256, 400280, 400290, 400297, 400310, 400318, 400332, 400346 & 400347 = **48 Candidates** |
| | 12.30 P.M | 02.30 P.M | 400355, 400385, 400393, 400401, 400411, 400441, 400488, 400498, 400518, 400522, 400537, 400539, 400563, 400574, 400576, 400586, 400610, 400656, 400658, 400669, 400676, 400722, 400729, 400742, 400795, 400800, 400802, 400807, 400814, 400834, 400855, 400875, 400876, 400878, 400882, 400884, 400888, 400892, 400899 & 400901 = **40 Candidates** |
| 01.12.2025 | 08.30 A.M | 10.30 A.M | 400903, 400905, 400915, 400922, 400926, 400931, 400938, 400939, 400948, 400952, 400953, 400954, 400956, 400972, 400977, 400979, 400981, 400984, 401000, 401025, 401054, 401109, 401116, 500007, 500027, 500036, 500048, 500058, 500059, 500065, 500087, 500126, 500170, 500193, 500211, 500215, 500224, 500236, 500245, 500253, 500260, 500272, 500315, 500333, 500375, 500378, 500380 & 500381 = **48 Candidates** |
| | 12.30 P.M | 02.30 P.M | 500388, 500435, 500454, 500455, 500466, 500508, 500534, 500545, 500552, 500556, 500557, 500616, 500623, 500631, 500634, 500640, 500655, 500656, 500669, 500674, 500681, 500708, 500718, 500728, 500736, 500750, 500761, 500767, 500775, 500779, 500808, 500836, 500868, 500891, 500916, 500918, 500933, 500951, 500962 & 500972 = **40 Candidates** |

**N.B. - The concerned candidates are advised to report at the Office of the Commission half an hour before the commencement of verification of Original Certificates & Documents on their scheduled date & time as mentioned against each.**

It is also made clear that, the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy /deficiency found at any stage before or after the verification of Original Certificate /Documents and is subject to fulfillment of terms and conditions laid down in the Advertisement.

**Mere participation in the Document Verification does not reserve any right to appear in the Interview**. The candidates shall be allowed to the Interview on the scheduled date & time mentioned above subject to fulfillment of their eligibility in all respect as per verification of Original Certificate /Documents. The decision of the Commission thereon shall be final.

**THE CANDIDATE IS REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VERIFICATION**

The Candidates are required to mention **"Submitted by me and certified as genuine and has not been cancelled"** and put their full signature and date on each Photo Copy of the Certificates/Documents

**(ALL THE CERTIFICATES/DOCUMENTS SHOULD BE ISSUED WITHIN THE LAST DATE OF SUBMISSION OF ONLINE APPLICATION i.e 12.04.2024)**

1. Hard copy of Online Application Form **mentioning Roll No. at the Top Right Hand Corner.**
2. H.S.C. or equivalent Certificate in support of declaration of age issued by the concerned Board/Council.
3. H.S.C or equivalent Mark Sheet.
4. Required Odia Test Pass Certificate from the Competent Authority, wherever applicable.
5. Intermediate/+2 Sc. Pass Certificate issued by the concerned Board/Council.
6. Intermediate/+2 Sc. Mark Sheet.
7. Degree (i.e Engineering in Civil) pass certificate issued by the recognized University or AMIE of India in Civil.
8. Mark lists of all semesters of Degree in Civil Engineering passed including fail marks, if any, issued by the concerned Council/University.
9. Conversion Certificate/Conversion Formula (CGPA to Percentage), wherever applicable.
10. "No Objection Certificate" from the Head of Office/Head of the Department in case of Government Servant, wherever applicable.
11. **Caste Certificate by birth in support of claim as SC/ST, wherever applicable, which has been uploaded with Online Application Form. (Please see and refer NOTE-2 of Para-10 of the Advertisement)**
12. SEBC Certificate issued within **13.04.2021 to 12.04.2024**, wherever applicable.
13. Permanent Disability Certificate (indicating percentage of permanent disability) issued by the concerned Medical Board, wherever applicable.
14. **Release certificate of Ex-servicemen issued within 12.04.2024** as per Orissa Ex-servicemen (Recruitment to State Civil Services and Posts) Rules, 1985 vide G.A. Department Notification No. 22586-Gen., Dt. 16.10.1985, wherever applicable, along with Affidavit/Undertaking to the effect that he has not been appointed against a Civil Post after retirement from Military Service.
15. **Sports Identity Card issued by the Director of Sports, Odisha**, wherever applicable.
16. **Any Proof of Identity**
17. **Attestation form** duly filled-in by the Candidate and signed by a Gazetted Officer with seal (to be downloaded from the website of the Commission).
18. **Bio-data Form (CIF)** (to be downloaded and pasted /affixed with passport size photograph) duly filled in.
19. **Any other relevant documents as per Para-10 of the Advertisement.**
20. **Four(04) Passport-size Photographs(unsigned and unattested) which have been uploaded with Online Application Form.**

**OIPR-** **Sd./- Secretary**

**ଲୁଟ୍ ଓ ଜବତ ମୋବାଇଲ ଫେରାଇଲା ପୋଲିସ**

ଗୋପାଳପୁର(ନବୀନ ରାଜ ଆଚାରୀ): ଗୋପାଳପୁର ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଗତ ଦେଢ ମାସ ମଧ୍ୟରେ ହଜିଯାଇଥିବା ଓ ଲୁଟ ହୋଇଥିବା ଜବତ ମୋବାଇଲକୁ ରବିବାର ଏହାର ପୋଲିସ ପ୍ରକୃତ ମାଲିକଙ୍କୁ ଫେରାଇଛି। ମୋବାଇଲ ହଜିବା ଓ ଲୁଟ୍ ହେବା ପରେ ଏ ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମୋବାଇଲ ଟ୍ରାକିଂ କରି ମୋବାଇଲ ଜବତ କରିଥିଲା। ଅଭିଯୁକ୍ତମାନଙ୍କୁ ଗିରଫ କୋର୍ଟଚାଲାଣ କରିଥିଲା। ଏହି ସମୟରେ ଥାନା ଅଧିକାରୀ ପ୍ରଶାନ୍ତ ମଲ୍ଲିକ, ଏସ୍ଆଇ ଭବାନୀ ଶଙ୍କର ନାୟକ, ଏଏସ୍ଆଇ ମନୋଜ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ପୁରୁଣା ନୂଆଗାଁରେ ଅଷ୍ଟପ୍ରହର ନାମଯଜ୍ଞ

କ.ନୂଆଗାଁ,୨।୧୧ (କାଳି ପ୍ରସାଦ ତ୍ରିପାଠୀ)

ନୂଆଗାଁ ବ୍ଲକ୍‌ର ପୁରୁଣା ନୂଆଗାଁରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଶନିବାର ଅପରାହ୍ନରେ ନାମ ଯଜ୍ଞ ନିମନ୍ତେ ଗଙ୍ଗା ଆବାହନ ଓ କଳସ ଯାତ୍ରା ପୁରୋହିତ ରବୀନ୍ଦ୍ର ଶତପଥୀଙ୍କ ଦ୍ୱାରା ସମାପନ ହୋଇଥିଲା। ରବିବାର ସକାଳ ୧୦ଟାରେ ନାମଯଜ୍ଞ ଆରମ୍ଭ ହୋଇଛି। ନାମଯଜ୍ଞକୁ ଘନଶ୍ୟାମ ବିଷୋୟୀ ବୁଲାଇ ଥିବା ବେଳେ ବରିଷ୍ଠ କାର୍ଯ୍ୟକର୍ତ୍ତା ଭାବେ ସୁକାନ୍ତ ପାତ୍ର, ବିକ୍ରମ ବିଶି ମାଝୀ, ଗୋଲକ ଚନ୍ଦ୍ର ପାତ୍ର, ବିଭୂତି ଦଳପତି, ଯଜ୍ଞ ପରିଚାଳନା କମିଟିର ସଭାପତି ନଳିନୀକାନ୍ତ ବିଶି ମାଝୀ, ସମ୍ପାଦକ ମାଧବ ପୂଜାରୀ, କୋଷାଧ୍ୟକ୍ଷ ସଦାନନ୍ଦ ବିଶି ମାଝୀ, ନିରଞ୍ଜନ ବିଷୋୟୀ, ସୁରଥ ବେହେରାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥଲେ।

### ସିମନବାଡ଼ିରେ ବଢୁଛି ଚୋରାମଦ କାରବାର

ଦାରିଙ୍ଗବାଡ଼ି,୨।୧୧ (ଅରୁଣ ସାହୁ)

ଦାରିଙ୍ଗବାଡି ଥାନା ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଉଛି। ବିଶେଷ କରି ଉକ୍ତ ଥାନା ଅଞ୍ଚଳ ସିମନବାଡ଼ି ପଞ୍ଚାୟତ ଅଞ୍ଚଳରେ ସନ୍ଧ୍ୟା ହେଲେ ଲୋକ ଘରୁ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। କିଛି ଅସାମାଜିକ ଯୁବକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁ ଥିବାରୁ ମହିଳାମାନେ ବଜାରରେ ବସ୍‌କୁ ଅପେକ୍ଷା କରିବା ଓ ରାସନ ସାମଗ୍ରୀ କିଣିବାକୁ ଭୟ କରୁଛନ୍ତି। ଉକ୍ତ ପଞ୍ଚାୟତର ଜଣେ ଯୁବକ ବାରମ୍ବାର ଏଭଳି କରୁଥିବା ଅଭିଯୋଗ ହେଉଛି। ଦାରିଙ୍ଗବାଡ଼ିରେ ଅବକାରୀ ଥାନା ଓ ପୋଲିସ ଥାନା ରହିଥିଲେ ମଧ୍ୟ ପାଟ୍ରୋଲିଂ କିମ୍ବା ଚୋରାମଦ ବ୍ୟବସାୟୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ କରାଯାଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପୋଲିସ ଅନୁପସ୍ଥିତର ଫାଇଦା ନେଇ ଦିନକୁ ଦିନ ଅସାମାଜିକ ଲୋକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଏଥିପ୍ରତି ପୋଲିସ ଓ ଅବକାରୀ ବିଭାଗ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

### କଳିଙ୍ଗା ଘାଟିରେ ଯାତ୍ରୀବାହୀ ବସ୍ ଚଳାଇବାକୁ ଦାବି

ଜି.ଉଦୟଗିରି,୨।୧୧ (ଶିଶିର ପଟ୍ଟନାୟକ/ ଚିନ୍ମୟ ସେଠୀ)

ଭୂସ୍ଖଳନ ଯୋଗୁ କନ୍ଧମାଳ ଜିଲା କଳିଙ୍ଗା ଘାଟିରେ ଦୀର୍ଘଦିନ ହେଲା ଗାଡିମୋଟର ଚଳାଚଳ ବନ୍ଦ ରହିଛି। ଏହି ଘାଟିରାସ୍ତା ଗଞ୍ଜାମ ଓ କନ୍ଧମାଳ ଜିଲାକୁ ଯାତାୟାତର ମୁଖ୍ୟ ମାଧ୍ୟମ ହୋଇଥିବା ବେଳେ ଗାଡିମୋଟର ଚଳାଚଳ ବନ୍ଦ ହେତୁ ଲୋକେ ବହୁ ହଇରାଣ ହେଉଛନ୍ତି। ବହୁ ଦିନ ପରେ ଅସ୍ଥାୟୀ ରାସ୍ତା ନିର୍ମାଣ କାମ ସରି ଗାର୍ଡ ୱାଲ୍ କାମ ଚାଲିଛି। ଦୁଇ ଦିନ ହେଲା ଏହି ରାସ୍ତାରେ ୨/୪ ଚକିଆ ଯାନ ଚଳାଚଳ କରିବାକୁ ପ୍ରଶାସନ ଅନୁମତି ଦେଇଛି। ମାତ୍ର ଯାତ୍ରୀବାହୀ ବସ୍ ଚଳାଚଳ ପାଇଁ ପ୍ରଶାସନ ଅନୁମତି ଦେଇନାହିଁ। ଉକ୍ତ ରାସ୍ତାରେ ପେଟ୍ରୋଲ ଭର୍ତ୍ତି ଟ୍ରକ୍ ଯାତାୟାତ କରୁଥିବା ବେଳେ ବସ୍ ଚଳାଚଳକୁ ପ୍ରଶାସନ ଅନୁମତି ନ ଦେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ରବିବାର ସକାଳୁ ବ୍ରହ୍ମପୁରଠାରୁ ବାଲିଗୁଡ଼ା ଆସୁଥିବା ଏକ ବେସରକାରୀ ବସ୍ କଳିଙ୍ଗା ଘାଟି ଦେଇ ଆସୁଥିବା ବେଳେ ଭୂସ୍ଖଳନ ହୋଇଥିବା ସ୍ଥାନରେ ଗାର୍ଡୱାଲ ନିର୍ମାଣ କରୁଥିବା ଶ୍ରମିକମାନେ ବସ୍‌ଟିକୁ କିଛି ସମୟ ଅଟକାଇଥିଲେ। ଏହାଦ୍ୱାରା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନ୍ୟପକ୍ଷରେ ଯାତ୍ରୀବାହୀ ବସ୍ ଯୋଗେ ବିଭିନ୍ନ ସ୍ଥାନରୁ ପରିବା ଆସୁଥିଲା। ବସ୍‌ରେ ଅଧିକ ଦୂର ରାସ୍ତା ଦେଇ ଆସିଲେ ଅଧିକ ଭଡ଼ା ଲାଗୁଥିବା ପରିବା ବ୍ୟବସାୟୀ ଶିବ ସାହୁ କହିଛନ୍ତି। ଜିଲାପାଳ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ନାଟକ ମଞ୍ଚସ୍ଥ

ରମ୍ଭା,୨।୧୧ (ବନବାସୀ ସେଠୀ)

ରମ୍ଭା ମିଞ୍ଚିଣିପାଟଣା କୋଠିଶାଳ ଯାତ୍ରା ଅବସରରେ ସାମାଜିକ ନାଟକ 'କଟି କଟି ଡବଲ କଟି' ଦୀପକ ଜେନାଙ୍କ ରଚିତ ଓ ଟୁଟୁ ପାଢ଼ୀଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଛି। ବ୍ରହ୍ମପୁର ଏମ୍‌ପି ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ କୋଠିଶାଳ ଯାତ୍ରାରେ ପରିଦର୍ଶନ କରି କଳାକାରଙ୍କୁ ପ୍ରଶଂସା ଥିଲେ। ରମ୍ଭା ଏନଏସି ଅଧ୍ୟକ୍ଷା ଉପସ୍ଥିତ ରହିଥିଲେ। ପରେ ସର୍ବ ମଙ୍ଗଳା ନାଟ୍ୟ ସଂସଦ ଆର.ସୋମେୟା ରେଡ୍ଡୀଙ୍କ ସଭାପତିତ୍ୱରେ ଓ ମ୍ୟାନେଜର ଏ. ଦୁଃଶାସନ ପାତ୍ରଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ କରିଥିଲା। ମଞ୍ଚ ପରିଚାଳନା ଓ ସଂଯୋଜନା ଏନ. ଡମ୍ବୁରୁ ପାତ୍ର ଓ ନାରାୟଣ ରେଡ୍ଡୀ କରିଥିଲେ।

# ସୁଧୁରୁନି ଟ୍ରାଫିକ ସମସ୍ୟା, ବଢୁଛି ଅସନ୍ତୋଷ

ପରଳାଖେମୁଣ୍ଡି,୨।୧୧ (ଗିରିଧାରୀ ପରିଚ୍ଛା)



ସହରରେ ସୃଷ୍ଟି ହୋଇଥିବା ଟ୍ରାଫିକ ସମସ୍ୟା।

ସଡ଼କ ସୁରକ୍ଷା ନିୟମ କାର୍ଯ୍ୟକାରୀ କରିବାରେ ଗଜପତି ଜିଲା ପ୍ରଶାସନ ଏକପ୍ରକାର ବିଫଳ ହୋଇଛି। ପାରଳା ସହର ମଧ୍ୟରେ କେତେ ଗାଡ଼ି ଓଭରଲୋଡିଂ କରି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ବିପଦସଙ୍କୁଳ ଅବସ୍ଥାରେ ନେବା ଆଣିବା କରୁଛନ୍ତି। ଅଟୋ ଓ ବସ୍‌ଗୁଡ଼ିକ ଉପରେ ପ୍ରଶାସନର କୌଣସି ନିୟନ୍ତ୍ରଣ ନାହିଁ। ପଡୋଶୀ ଆନ୍ଧ୍ର ପ୍ରଦେଶରୁ ପାରଳା ସହରକୁ ୬ରୁ ଅଧିକ ବସ୍ ଆସୁଥିବା ବେଳେ ସେଗୁଡ଼ିକରେ ଛାତ୍ରୀଛାତ୍ର କିଭଳି ଆସୁଛନ୍ତି, ସେଗୁଡ଼ିକର ଫିଟ୍ନେସ ଅଛି କି ନାହିଁ, ପରମିଟ ରହିଛି କି ନାହିଁ ତା'ର ତଦାରଖ ହେଉନାହିଁ। ଏପରିକି ଗୋଟିଏ ଅଟୋରିକ୍ସାରେ ୮ରୁ ଅଧିକ ଛାତ୍ରୀଛାତ୍ର ବସି ଯାତାୟାତ କରୁଛନ୍ତି। ପଛପଟ ଡାଲାରେ ୩ରୁ୪ଜଣ ଛାତ୍ରୀଛାତ୍ରଙ୍କୁ ବସାଇ ବିନା ସୁରକ୍ଷାରେ ନିଆଯାଉଛି। ଏଭଳି ଦୃଶ୍ୟ ପ୍ରତ୍ୟହ ଦେଖିବାକୁ ମିଳୁଥିଲେ ମଧ୍ୟ ପ୍ରଶାସନ ନୀରବ ରହିଛି। ସନ୍ଧ୍ୟା ସମୟରେ ସହର ମଧ୍ୟରେ ଓ ବିଭିନ୍ନ ସାହିରେ ଦ୍ରୁତଗତିରେ ବାଇକ୍ ଚଳାଉଥିବା ଯୁବକଙ୍କ ପ୍ରତି ମଧ୍ୟ ପ୍ରଶାସନ ଆଖି ବୁଜି ଦେଇଛି। ଦୀର୍ଘ ୧୦ ବର୍ଷ ହେଲା ସହରର ଟ୍ରାଫିକ ସମସ୍ୟା ଦୂର କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସ୍ଥାନୀୟ ବାସିନ୍ଦା ଅଭଯୋଗ କରିଛନ୍ତି। ଏନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ଗଜପତି ପୋଲିସ ପକ୍ଷରୁ ପାରଳା ସହରରେ ଗତ କିଛି

**ପୋଲିସର ୱାନୱେ ଟ୍ରାଫିକ ବ୍ୟବସ୍ଥା ଫେଲ୍**

ମାସ ହେଲା ୱାନ ୱେ ଟ୍ରାଫିକ ବ୍ୟବସ୍ଥା ଲାଗୁ କରାଯାଇଥିଲେ ସୁଦ୍ଧା ଏହା ବିଫଳ ହୋଇଛି। କିଛି ପ୍ରମୁଖ ଜନଗହଳି ପୂର୍ଣ୍ଣ ସ୍ଥାନରେ ପୋଲିସ ମୁତୟନ ଥାଇ ମଧ୍ୟ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଥିଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଥିବା ନଜରକୁ ଆସୁଛି। ବସ୍ ରହଣି ପାଇଁ କୌଣସି ସ୍ୱତନ୍ତ୍ର ସ୍ଥାନ ନ ଥିବାରୁ ସହରର ଜନଗହଳି ସ୍ଥାନରେ ବସ୍ ଅଟକିବା ମାତ୍ରେ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। କେବଳ ବସ୍‌ଷ୍ଟାଣ୍ଡ ନୁହେଁ ପ୍ୟାଲେସ ରୋଡ଼, ସିନେମା ହଲ ଛକଠାରେ ଟ୍ରାଫିକ ସମସ୍ୟା ଯୋଗୁ ଗାଷହିମୋଟର ଘଣ୍ଟାଘଣ୍ଟା ଧରି ରାସ୍ତାରେ ଅଟକି ରହୁଛି। ଏହାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଶ୍ୱ ସ୍ୱଳ୍ପ ମିତବ୍ୟୟତା ଦିବସ ପାଳିତ

ପାରଳାଖେମୁଣ୍ଡି,୨।୧୧ (ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡିରେ ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ବିଶ୍ୱ ସ୍ୱଳ୍ପ ମିତବ୍ୟୟତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସତନ୍ତ୍ର ଆଲୋଚନାଚକ୍ର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ହୋଇଥିଲା। ମୁଖ୍ୟଅତିଥି ଭାବେରେ ଜିଲାପାଳ ମଧୁମିତା, ସମ୍ମାନିତ ଅତିଥି ଫାଲଗୁନୀ ମାଝୀ, ପୃଥୀରାଜ ମଣ୍ଡଳ, ତ୍ରିବେଣୀ ଦେବୀ, ସହକାରୀ ଜିଲାପାଳ, ଆଦର୍ଶ ଥାନ ଅଧିକାରୀ ପ୍ରଶାନ୍ତ ଭୂପତି, ଅତିରିକ୍ତ ପୋଷ୍ଟଲ ଅଧିକାରୀ ଆରତି ତରାଇ, ସ୍ୱରାଜ କାଉଁରୀ, ଇଣ୍ଡିଆ ପୋଷ୍ଟ ବ୍ୟାଙ୍କର ମନୁ ମଲ୍ଲିକାର୍ଜୁନ ଯୋଗଦେଇ ମିତବ୍ୟୟୀ ହୋଇ ସଞ୍ଚୟକୁ ଅଭ୍ୟାସରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସଳ୍ପ ସଞ୍ଚୟ ବ୍ୟକ୍ତିର ଆର୍ଥିକ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ନିହାତି ଜରୁରୀ ଆବଶ୍ୟକତା ସମୟରେ ସହାୟକ ହୋଇଥାଏ। ସଞ୍ଚୟ ବ୍ୟବସ୍ଥା ଉଭୟ ଦେଶ ଓ ଦେଶବାସୀଙ୍କ ଅର୍ଥନୈତିକ ବ୍ୟବସ୍ଥା ଅଭିବୃଦ୍ଧି କରିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପ୍ରଚଳିତ ସଳ୍ପ ସଞ୍ଚୟ ଯୋଜନା ଡାକଘର ସଞ୍ଚୟ ଖାତା ଡାକଘର ପୌନପୁନିକ ଜମା, ଡାକଘର ମିଆଦି ଜମା, ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ, ଡାକଘର ମାସିକ ଆୟ ଯୋଜନା, ଜାତୀୟ ସଞ୍ଚୟ ସାର୍ଟିଫିକେଟ ଅଷ୍ଟମ ଇସ୍ୟୁ, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, କିଷାନ ବିକାଶ ପାତ୍ର ସୁକନ୍ୟା ସମୃଦ୍ଧି ଯୋଜନା, ମହିଳା ସମ୍ମାନ ସଞ୍ଚୟ ସାର୍ଟିଫିକେଟ ଆଦି ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା।

# ଦହିହାଣ୍ଡି ଭାଙ୍ଗିଲେ, କୃଷ୍ଣ ଲୀଳା ପ୍ରଦର୍ଶନ କଲେ

**ନିଆରା ଢଙ୍ଗରେ କାର୍ତ୍ତିକ ବ୍ରତ ପାଳିଲେ ମହିଳା**


କାର୍ତ୍ତିକ ବ୍ରତ ପାଳନରେ ସାମିଲ ହୋଇଥିବା ମହିଳା।

ଦାରିଙ୍ଗବାଡି,୨।୧୧ (ଅରୁଣ ସାହୁ)

ଦାରିଙ୍ଗବାଡିର ଶତାଧିକ ମହିଳା ଚଳିତବର୍ଷ ନିଆରା ଢଙ୍ଗରେ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ମାସ ଆରମ୍ଭରୁ ପ୍ରତିଦିନ ଭୋରରୁ ଉଠି ଶିବମନ୍ଦିର ପ୍ରାଙ୍ଗଣରେ ଥିବା ବୃନ୍ଦାବତୀଙ୍କଠାରେ ଏକତ୍ରିତ ହୋଇ ପୂଜା ବିଧି ସହ କାର୍ତ୍ତିକ ମହାତ୍ମ୍ୟ ପଠନ କରୁଛନ୍ତି। ବର୍ତ୍ତମାନ ପଞ୍ଚୁକ ଚାଲିଥିବା ବେଳେ ରବିବାର ବଡ଼ ଏକାଦଶୀରେ ମହିଳାମାନେ ବୃନ୍ଦାବତୀଙ୍କଠାରେ ଦୀପଦାନ ପରେ ନାମ ସଂକୀର୍ତ୍ତନ କରି ଶିବମନ୍ଦିର ବେଢା ପରିକ୍ରମା କରିଥିଲେ। ସେଠାରୁ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହିସମୟରେ ଭାଗବତ ମନ୍ଦିର, ରାଧାକୃଷ୍ଣ ମନ୍ଦିର ଏବଂ ଶିବ ମନ୍ଦିରରେ ଦହିହାଣ୍ଡି ଭାଙ୍ଗିଥିଲେ। ରାଧାକୃଷ୍ଣ ଏବଂ ଧର୍ମ ଡଙ୍ଗାଧାରୀ ବେଶରେ ମହିଳାମାନେ ସହର ପରିକ୍ରମା କରିବା ବେଳେ ଠାକୁରଙ୍କ ପ୍ରେମରେ ଆମେ ମଜିଯାଇଛୁ ବୋଲି ପ୍ରତିକ୍ରିୟା ରଖିଥିଲେ। ଏହାକୁ ଦେଖିବା ପାଇଁ ଶତାଧିକ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ଦାରିଙ୍ଗବାଡି ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଉଷାରାଣୀ ସାହୁଙ୍କ ସମେତ ମୌସମୀ ସାହୁ, ଗୀତାଞ୍ଜଳି ସାହୁ, ରଜନୀ ସାହୁ, ବନିତା ସାହୁ, ରଞ୍ଜିତା ସାହୁ, ପାର୍ବତୀ ବେହେରା, ରୀନା ସାହୁ, ପ୍ରତୀମା ସାହୁ, ପଦ୍ମିନୀ ସାହୁ, କନକ ମହାରଣା, ପୁଷ୍ପଲତା ସାହୁଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଏହି ବ୍ରତ ପାଳନ କରିଆସୁଛନ୍ତି।

# ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ


ସମ୍ମିଳନୀରେ ଉପସ୍ଥିତ ଭାଜପା ନେତା, କର୍ମୀ।

ଖଲ୍ଲିକୋଟ,୨।୧୧ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଟାଉନସ୍ଥିତ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପଠାରେ ରବିବାର ଭାଜପା ପକ୍ଷରୁ ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ ବିଧାନସଭା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଘୁମୁସର ଜିଲା ସଭାପତି ବିଜୟ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଆସିକା ଏମ୍‌ପି ପ୍ରତିନିଧି ଯଜ୍ଞ ନାରାୟଣ ଦାଶ, ଜିଲା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନର କୋ-ଅର୍ଡିନେଟର ଶ୍ରୀକାନ୍ତ ମହାପାତ୍ର, ଖଲ୍ଲିକୋଟ ବିଧାୟକ ପ୍ରତିନିଧି କୋରାନାଥ ସ୍ୱାଇଁ, ଯୁବ ନେତା ଅରୁଣ କୁମାର ଖୁଣ୍ଟିଆ, ଜଗତ ପଣ୍ଡା, ମଣ୍ଡଳ ସଭାପତି ଶମ୍ଭୁ ପ୍ରଧାନ, ମିଟୁ ସ୍ୱାଇଁ, ପଙ୍କଜ ମାଝୀ, କୃଷ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଅତିଥି ମାନଙ୍କୁ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ପରେ ଜିଲା ସଭାପତି ସ୍ୱାଇଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଆତ୍ମ ନିର୍ଭର ଭାରତ ସମ୍ପର୍କରେ ଆଲୋକପାତ କରିଥିଲେ। ଜଗନ୍ନାଥ ଭୂୟାଁ ମଞ୍ଚ ପରିଚାଳନା କରିଥିବା ବେଳେ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଛାତ୍ରୀଙ୍କୁ ଅସଦାଚରଣ ଘଟଣା, ଜେଲଗଲେ ଶିକ୍ଷକ

ଗଞ୍ଜାମ,୨।୧୧ (ବିଦ୍ୟାଧର ସାହୁ)

ରମ୍ଭା ଥାନା ହୁମ୍ମା ଫାଣ୍ଡି ଅନ୍ତର୍ଗତ ଏକ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ରୀଙ୍କୁ ଜଣେ ଶିକ୍ଷକ ଅସାଦାଚରଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ହୁମ୍ମା ଫାଣ୍ଡି ପୋଲିସ ଉକ୍ତ ଶିକ୍ଷକଙ୍କୁ ଶନିବାର ଅଟକ ରଖି ପଚରା ଉଚରା କରିଥିଲା। ରବିବାର ଶିକ୍ଷକ ଲିଙ୍ଗରାଜ ମହାଙ୍କୁଡ଼ (୪୦)ଙ୍କୁ କୋର୍ଟଚାଲାଣ କରାଯାଇଥିବା ହୁମ୍ମା ଫାଣ୍ଡି ଅଧିକାରୀ ସତ୍ୟବ୍ରତ ବେଣିଆ କହିଛନ୍ତି। ଗଡ଼ହୁମ୍ମା ପ୍ରାଥମିକ ବିଦ୍ୟାଳୟରେ ଶନିବାର ସକାଳ ସ୍କୁଲରେ ପାଠ ପଢ଼ା ଚାଲିଥିବା ବେଳେ ଏକୁଟିଆର ସୁଯୋଗ ନେଇ ଶିକ୍ଷକ ଲିଙ୍ଗରାଜ ପଞ୍ଚମ ଶ୍ରେଣୀର ଛାତ୍ରୀଙ୍କୁ ଅସାଦାଚରଣ କରିଥିଲେ। ଛୁଟି ପରେ ଛାତ୍ରୀ ଜଣଙ୍କ ମା'ଓ ମାଙ୍କୁ ଜଣାଇଥିଲେ। ସେମାନେ ଏହାକୁ ବିରୋଧ କରିବା ସହ ରମ୍ଭା ଥାନା ହୁମ୍ମା ଫାଣ୍ଡି ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ଶିକ୍ଷକ ଲିଙ୍ଗରାଜ ମହାଙ୍କୁଡ଼ଙ୍କୁ ଅଟକ ରଖି ପଚାରା ଉଚାରା କରିବା ପରେ ନଂ. ନଂ. ୮୪୪/୨୫ରେ ମାମଲା ରୁଜୁ କରିଥିଲା। ପରେ ତାଙ୍କୁ ଗିରଫ କରାଯାଇଥିଲା।

# କରୁଣାଙ୍କ ପ୍ରତି ପଡୁନି ପ୍ରଶାସନର କରୁଣା

ମୋହନା,୨।୧୧ (ମନ୍ମଥ ମିଶ୍ର)


ଦମ୍ପତି କରୁଣା ଓ ଚନ୍ଦ୍ରମା।

ପରିଣତ ବୟସରେ ସାହା ହେବାକୁ କେହି ନାହିଁ। ଘରଟିଏ ନ ଥିବାରୁ ଆଶ୍ରୟ ନେଇଛନ୍ତି ଗାଁ କୋଠଘରେ। ଆବେଦନ କରି ମଧ୍ୟ ଏଯାଏ ମିଳିନି ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ। ଏପରି ଅବହେଳାର ଶିକାର ହୋଇଥିବା ଦମ୍ପତ୍ତି ହେଲେ ଗଜପତି ଜିଲା ମୋହନା ବ୍ଲକ ଜିରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବୁରୁପଦା ଗାଁର କରୁଣା ନାୟକ(୭୫) ଓ ଚନ୍ଦ୍ରମା (୭୦)। ବହୁ ଓଷାବ୍ରତ କରି ପାଇଥିବା ପୁଅଟି ଅକାଳରେ ଚାଲିଗଲା। ଅସହାୟ ଅବସ୍ଥାରେ ଦିନ କାଟୁଥିବା ଏହି ବୃଦ୍ଧ ଦମ୍ପତିଙ୍କୁ ଏବେ ଦି' ଓଳି ଦି'ମୁଠା ଖାଇବାକୁ ଦେବାକୁ ନିଜର ବୋଲି କେହିନାହିଁ। ଭତ୍ତା ଟଙ୍କାତକ ଉଭୟଙ୍କ ଭରସା। କରୁଣା ରହିବା ପାଇଁ ତିଆରି କରିଥିବା କୁଡ଼ିଆ ଘରଟି ଗତ ତିତିଲି ବାତ୍ୟାରେ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା। ସେବେଠାରୁ ଏପର୍ଯ୍ୟନ୍ତ ଏହି ଭଙ୍ଗା ଦଦରା ଘରେ ବୃଦ୍ଧ ଦମ୍ପତି ରହି ଆସୁଛନ୍ତି। ଘର ଖଣ୍ଡେ ପାଇଁ ଗ୍ରାମର କେତେ ଜଣ ଗ୍ରାମବାସୀ ପଞ୍ଚାୟତ, ବ୍ଲକ ଏବଂ ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣିନାହାନ୍ତି। ଏଯାଏ କରୁଣାଙ୍କୁ ଆବାସ ଯୋଜନାରେ ଘରଟିଏ ମିଳିନାହିଁ। କେବେ କରୁଣାଙ୍କ ପ୍ରତି ପ୍ରଶାସନର କରୁଣା ହେବ ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ପିଇଓ ଦିଲେଶର ଦଳାଇଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ, କରୁଣାଙ୍କୁ ଅନ୍ତୋଦୋୟ ଆବାସ ଯୋଜନାରେ ସାମିଲ କରାଯାଇଛି। ଖୁବ୍ ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇ ତାଙ୍କ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

### ବିଦେଶୀ ମଦ ଜବତ, ଅଭିଯୁକ୍ତ ଜେଲଗଲେ

ଦିଗପହଣ୍ଡି,୨।୧୧ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମର ଏନ୍.ବିଦେଶୀ ପାତ୍ରଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଶନିବାର ରାତି ପ୍ରାୟ ୧୦ ଟାରେ ଗାଁରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ବେଳେ ସେ ଧରା ପଡ଼ିଥିଲେ। ତାଙ୍କ ନିକଟରୁ ବିଭିନ୍ନ ନାମିଦାମି କମ୍ପାନୀ ପ୍ରସ୍ତୁତ ବୋତଲରେ ଥିବା ୪୬ ଲିଟରରୁ ଅଧିକ ବିଦେଶୀ ମଦ ଜବତ କରାଯାଇଛି। ତଦନ୍ତକାରୀ ଅଧିକାରୀ ଏସ୍ଆଇ ରାଜ କିଶୋର ପାତ୍ର କେଶ୍ ନଂ.୩୯୫/୨୫ ଅନୁଯାୟୀ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ନୂଆପଡ଼ା ପ୍ରଚାର ମଇଦାନରେ ଛତ୍ରପୁର ବିଧାୟକ


ଭୋଟ ଭିକ୍ଷା କରୁଛନ୍ତି ଛତ୍ରପୁର ବିଧାୟକ।

ଗଞ୍ଜାମ,୨।୧୧ (ବିଦ୍ୟାଧର ସାହୁ)

ନୂଆପଡା ଉପନିର୍ବାଚନ ଆସନ୍ତା ୧୧ ତାରିଖରେ ହେବ। ସେଠାର ପ୍ରଚାର ମଇଦାନକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯାଇ ଦଳୀୟ ପ୍ରାର୍ଥୀ ଜୟ ଢ଼ୋଲକିଆଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ସେଠାରେ ଏକ ପଞ୍ଚାୟତରେ ଦଳୀୟ ବୈଠକରେ ଯୋଗ ଦେଇଥିଲେ। ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ସହ ମିଶି ଉକ୍ତ ନିର୍ବାଚନ ମଣ୍ଡଳୀ ଅଧୀନ ଛିଣ୍ଡିପାଣି, ବାଗୁଡା, ବିଜ୍ରିପଡ଼ାରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହି ଭୋଟରଙ୍କୁ ଭିକ୍ଷା କରିଥିବା ବିଧାୟକ ନାୟକଙ୍କ ଦପ୍ତରରୁ ସୂଚନା ମିଳିଛି। ବିଧାୟକଙ୍କ ସହ ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଯାଇଛନ୍ତି।

# ବାଘ ଗଣନା ସମ୍ପର୍କିତ ତାଲିମ ଶିବିର


ତାଲିମରେ ଉପସ୍ଥିତ ଥିବା ବିଭିନ୍ନ ଅଞ୍ଚଳର ବନରକ୍ଷୀ ଓ ବନପାଳମାନେ।

ବୁଗୁଡ଼ା,୨।୧୧ (କାଳିଚରଣ ଦାଶ)

ବୁଗୁଡାସ୍ଥିତ କଳିଙ୍ଗ ବୈଶ୍ୟ ଭବନ ପରିସରରେ ଭଞ୍ଜନଗର ଘୁମୁସର ଦକ୍ଷିଣ ବନଖଣ୍ଡ ଭଞ୍ଜନଗର ପକ୍ଷରୁ ବୁଗୁଡ଼ା ବନ ବିଭାଗ ସହଯୋଗରେ ଡିଭିଜନସ୍ତରୀୟ ବାଘ ଗଣନା ସମ୍ପର୍କିତ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏସିଏଫ୍ ପ୍ରଦୀପ ବେହେରାଙ୍କ ପୌରୋହିତ୍ୟରେ ହୋଇଥିବା ଶିବିରରେ ସୋରଡା ରେଞ୍ଜ ଭାରପ୍ରାପ୍ତ ଏସିଏଫ୍ ନିହାର ରଞ୍ଜନ ମଲ୍ଲିକ, ପୋଲସରା ରେଞ୍ଜର ଅନିଲ ପଣ୍ଡା, ବୁଗୁଡ଼ା ରେଞ୍ଜର ମାନସ ସାହୁ, ଆସିକା ରେଞ୍ଜର ପ୍ରମୋଦ ପଣ୍ଡା ଓ ବଡଗଡ ରେଞ୍ଜର ଅଞ୍ଜନ ନାୟକ ଏବଂ ଘୁମୁସର ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ବନାଞ୍ଚଳର ବନରକ୍ଷୀ, ବନପାଳ, ଫରେଷ୍ଟ ପ୍ରୋଟେକ୍ସନ ସ୍କ୍ୱାର୍ଡ, ଉପସ୍ଥିତ ଥିଲେ। ଶିବିରରେ ବୈଜ୍ଞାନିକ ପଦ୍ଧତିରେ ବ୍ୟାଘ ଏବଂ ଅନ୍ୟାନ୍ୟ ମାଂସାଶୀ ପ୍ରାଣୀଙ୍କ ଗଣନା ସମ୍ପର୍କରେ ଏସିଏଫ ବେହେରା ଆଲୋଚନା କରି ତାଲିମ ଦେଇଥିଲେ। ବନପାଳ କ୍ଷୀରୋଦ ଚନ୍ଦ୍ର ଗୌଡ ସହଯୋଗ କରିଥିଲେ।

# ଶୌଚାଳୟ ଥାଇ ବି ଅବ୍ୟବସ୍ଥା, ପର୍ଯ୍ୟଟକ ହଇରାଣ

ଦାରିଙ୍ଗବାଡ଼ି,୨।୧୧ (ଅରୁଣ ସାହୁ)



ଏବେ ପର୍ଯ୍ୟଟନ ଋତୁ ଆସିଯାଇଛି। ଦାରିଙ୍ଗବାଡ଼ିକୁ ଦୈନିକ ଶହଶହ ପର୍ଯ୍ୟଟକ ଆସୁଥିବା ବେଳେ ରବିବାର ଛୁଟିଦିନ ଥିବାରୁ ସକାଳୁ ଭିଡ଼ ଲାଗିଥିଲା। ତେବେ ପର୍ଯ୍ୟଟନସ୍ଥଳରେ ଆବଶ୍ୟକତାଠାରୁ ବହୁତ କମ୍ ଓ ଅଚଳ ଶୌଚାଳୟ ଯୋଗୁ ପର୍ଯ୍ୟଟକଙ୍କୁ ହଇରାଣ ହେବାକୁ ପଡ଼ିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ପଥପ୍ରାନ୍ତ ସେବାକେନ୍ଦ୍ର ପରିସରରେ ମହିଳା ଏବଂ ପୁରୁଷଙ୍କ ପାଇଁ ୬ଟି ଶୌଚାଳୟ ରହିଥିବା ବେଳେ ସେଥିମଧ୍ୟରୁ କିଛି ଅଚଳ ହୋଇପଡ଼ିଛି। ଫଳରେ ପର୍ଯ୍ୟଟକମାନେ ଘଣ୍ଟାଘଣ୍ଟା ଧରି ଲମ୍ବା ଧାଡ଼ିରେ ଅପେକ୍ଷା କରୁଛନ୍ତି। ସେହିପରି ଉକ୍ତ ପଥପ୍ରାନ୍ତ ସେବାକୁ ମିଶନ ଶକ୍ତି ମହିଳାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଶୌଚାଳୟକୁ ସଫେଇ କରିବା ପାଇଁ କୌଣସି କର୍ମଚାରୀ ନିୟୋଜିତ କରାଯାଇ ନ ଥିବାରୁ ସ୍ୱଚ୍ଛତା ରହୁନାହିଁ। ଏହାକୁ ନେଇ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପଥପ୍ରାନ୍ତ ସେବାକେନ୍ଦ୍ର ଗୁଡ଼ିକରେ ପଥଚାରୀଙ୍କୁ ମାଗଣା ସୁବିଧା ଯୋଗାଇବାକୁ ନିୟମ ଥିଲେ ମଧ୍ୟ ସେବା ମିଳୁ ନ ଥିବା ଭୁବନେଶ୍ୱର ପଟିଆ ଅଞ୍ଚଳରୁ ଆସିଥିବା ପର୍ଯ୍ୟଟକ ସମରେନ୍ଦ୍ର ସାହୁ କହିଛନ୍ତି। ଏହାସହ ଦାରିଙ୍ଗବାଡ଼ିରେ ରହିଥିବା ସମସ୍ତ ଶୌଚାଳୟକୁ ନିୟମିତ

**ଆସିଲା ପର୍ଯ୍ୟଟନ ଋତୁ**

ଖୋଲାଯିବା ସହ ମରାମତି କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏନେଇ ପଥପ୍ରାନ୍ତ ସେବାକେନ୍ଦ୍ରର ଦାୟିତ୍ୱ ନେଇଥିବା ମିଶନ ଶକ୍ତିର ସଦସ୍ୟା ରଶ୍ମିଦେବୀ ନାୟକ କହିଛନ୍ତି ଜିଲା ପର୍ଯ୍ୟଟନ ବିଭାଗ ଏହାର ଉନ୍ନତି କରିବ। କର୍ମଚାରୀ ନିୟୋଜିତ କରିପାରେ ବୋଲି ସେ କହିବା ସହ ପଥପ୍ରାନ୍ତ ସେବାକେନ୍ଦ୍ର ପରିସର ମଧ୍ୟରେ ଆଉ ଅଧିକା ଶୌଚାଳୟ ନିର୍ମାଣ କରାଯିବା ଜରୁରୀ। ସେହିପରି ଉକ୍ତ କେନ୍ଦ୍ର ପରିସରକୁ ଲକ୍ଷ୍ମୀବସଷ୍ଟାଣ୍ଡ ଭାବେ ବ୍ୟବହାର କରାଯାଉଛି। ଫଳରେ ପର୍ଯ୍ୟଟକ ନିଜ କାର୍‌ରେ ଆସିଲେ ସେମାନେ ପାର୍କ କରିପାରୁ ନ ଥିବା ଅଭିଯୋଗ ହେଉଛି। ଲକ୍ଷ୍ମୀବସଷ୍ଟାଣ୍ଡ ଅନ୍ୟସ୍ଥାନରେ କରାଯିବାକୁ ସେ ଜିଲା ପର୍ଯ୍ୟଟକ ବିଭାଗକୁ ଜଣାଇଥିବା କହିଛନ୍ତି।

# ଅନ୍‌ଲାଇନ୍ ଟ୍ରେଡିଂ ଶିକ୍ଷା ନାମରେ ଠକେଇ ଅଭିଯୋଗ

ବ୍ରହ୍ମପୁର,୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଉତ୍କଳ ଆଶ୍ରମ ରୋଡରେ ଥିବା ସି-ଟ୍ରିକ ନାମକ ସଂସ୍ଥା ଅନଲାଇନ ଟ୍ରେଡିଂ ଶିକ୍ଷା ନାମରେ ଠକେଇ କରୁଥିବା ଅଭିଯୋଗ ହୋଇଛି । ଏହି ସଂସ୍ଥାରେ ପ୍ରଶିକ୍ଷଣ ନେଉଥିବା ଯୁବକମାନେ କିଛି ମାସ ଭିତରେ ଲକ୍ଷାଧିକ ଟଙ୍କା ହରାଇ ସାରିଛନ୍ତି । ଠକେଇର ଶିକାର ହୋଇଥିବା ଯୁବକମାନେ ବୈଦ୍ୟନାଥପୁର ଥାନାରେ ସି-ଟ୍ରିକ ସଂସ୍ଥା ବିରୋଧରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି।

ଉତ୍କଳ ଆଶ୍ରମ ରୋଡରେ ଖୋଲିଥିବା ସି-ଟ୍ରିକ ସଂସ୍ଥା ଅନଲାଇନ ଟ୍ରେଡିଂ ପାଠ୍ୟକ୍ରମ ପ୍ରଦାନ କରୁଥିବା ଜାଣିବା ପରେ ସହରର ବହୁ ଯୁବକ ସେଠାରେ ନାମ ଲେଖାଇଥିଲେ। ଏହି ସଂସ୍ଥାକୁ ୩ ଜଣ ପରିଚାଳନା କରୁଥିବା ବେଳେ ସେମାନେ ନିଜକୁ ଅନଲାଇନ ଟ୍ରେଡିଂ ବ୍ୟବସାୟର ଏକ୍ସପର୍ଟ ବୋଲି ପରିଚୟ ଦେଉଥିଲେ। ତେଣୁ ସହର ସମେତ ଆଖପାଖ ଅଞ୍ଚଳର ବହୁ ଯୁବକ ଉକ୍ତ ସଂସ୍ଥାରେ ନାମଲେଖାଇ ଅନଲାଇନ ଶିକ୍ଷା ଗ୍ରହଣ କରିଥିଲେ । ପ୍ରତ୍ୟେକଙ୍କଠାରୁ ୨୫ରୁ ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଇଥିଲା । ଯୁବକମାନେ ନିୟମିତ ବ୍ୟବଧାନରେ ଯାଇ କ୍ଲାସ କରୁଥିଲେ । ସଂସ୍ଥାର ଅଧ୍ୟାପକ ଯୁବକଙ୍କୁ ଅନଲାଇନ ଟ୍ରେଡିଂ ବିଷୟରେ ଶିକ୍ଷା ଦେବା ସହ କେତେବେଳେ ଷ୍ଟକ କିଣିବେ ଓ କେତେବେଳ ବିକ୍ରି କରିବେ ସେ ଦିଗରେ ପରାମର୍ଶ ଦେଉଥିଲେ। ଏପରିକି କ୍ରିପ୍ଟୋ କରେନ୍ସି କିଣାବିକା ନେଇ ମଧ ପରାମର୍ଶ ଦିଆଯାଉଥିଲା । ସଂସ୍ଥାର ଅଧ୍ୟାପକ ଏବଂ ନିର୍ଦ୍ଦେଶକଙ୍କ କଥାରେ ପଡି ଏଠାରେ ଶିକ୍ଷା ଗ୍ରହଣ କରୁଥିବା ବହୁ ଯୁବକ ଲକ୍ଷ ଲକ୍ଷ ଟଙ୍କା ଅନଲାଇନ ଟ୍ରେଡିଂ କରିଥିଲେ । କେତେଜଣ ୧୦ରୁ ୨୦ ଲକ୍ଷ ଯାଏ ନିବେଶ ମଧ କରିଥିଲେ। ହେଲେ ଲାଭ ହେବା ବଦଳରେ ସେହି ଷ୍ଟକର ମୂଲ୍ୟ ହ୍ରାସ ଘଟିଥିଲା । ଫଳରେ କିଛି ଯୁବକ ଅନଲାଇନ ଟ୍ରେଡିଂ କରି ନିଜର ସଞ୍ଚିତ ଅର୍ଥ ହରାଇବା ସହ ଦେବାଳିଆ ହୋଇ ଯାଇଥିଲେ । ପୂର୍ବରୁ ବହୁ ଯୁବକ ଏଠାରେ ଟ୍ରେଡିଂ ଶିକ୍ଷା ନେଇ ସଂସ୍ଥାର କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ଲକ୍ଷାଧିକ ଟଙ୍କା ନିବେଶ କରି କ୍ଷତି ସହିଥିବା ଜଣାପଡିଥିଲା । ସଂସ୍ଥାର କାର୍ଯ୍ୟକଳାପ ଓ ପରାମର୍ଶକୁ ନେଇ ସନ୍ଦେହ ହେବାରୁ ଯୁବକମାନେ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଏହି ସଂସ୍ଥା ସେବି ଦ୍ୱାରା ପଞ୍ଜିକୃତ ହୋଇ ନ ଥିବା ଜଣାପଡିଥିଲା। ଏହାପରେ ଶିକ୍ଷା ଗ୍ରହଣ କରୁଥିବା କିଛି ଯୁବକ ଏକାଠି ହୋଇ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ପଚାରିବା ସହ ଟଙ୍କା ଫେରସ୍ତ ପାଇଁ କହିବାରୁ ସଂସ୍ଥାର କର୍ମଚାରୀ ଗାଳିକରି ଧକ୍କା ଦେଇ ବାହାର କରି ଦେଇଥିଲେ ବୋଲି ସେମାନେ ଏତଲାରେ ଦର୍ଶାଇଛନ୍ତି। ଏହାର ତଦନ୍ତ କରିବାକୁ ସଂସ୍ଥାରେ ଶିକ୍ଷା ଗ୍ରହଣ କରିଥିବା ଉତ୍ତମ ଚୌଧୁରୀ, ଅଜୟ କୁମାର, ଜିତେନ୍ଦ୍ର କୁମାର ପାଢୀ, ଆଦିଲ ମହମ୍ମଦ, ମୁନା ବେହେରା, ଆଲୋକ ନାୟକ, ଲଳିତ କୁମାର, ଦେବାଶିଷ ହଲଦର, ରମାକାନ୍ତ ତ୍ରିପାଠୀ, ଏସ ବେହେରା ପ୍ରମୁଖ ପୋଲିସ ନିକଟରେ ନିବେଦନ କରିଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ଆଇଏଡବ୍ଲୁଏସ୍‌ର ଚୁକ୍ତିପତ୍ର ସ୍ୱାକ୍ଷର


କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ଆଇଏଡବ୍ଲୁଏସ୍ (ଭାରତୀୟ ମହିଳା ଅଧ୍ୟୟନ ସଂଘ) ସହ କୁଳପତିଙ୍କ କାର୍ଯ୍ୟାଳୟରେ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ଆଇଏଡବ୍ଲୁଏସ୍‌ର ପୂର୍ବାଞ୍ଚଳ ସାଧାରଣ ସମ୍ପାଦିକା ମାୟା ଜୋହନ, ସଂଯୋଜିକା ଇନ୍ଦିରା ମୁଖୋପାଧ୍ୟାୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ସଚ୍ଚିଦାନନ୍ଦ ନାୟକ,ଆଇକ୍ୟୁଏସିର ଯୁଗ୍ମ ନିର୍ଦ୍ଦେଶକ ଲକ୍ଷ୍ମୀଧର ରାଉତ, ଫ୍ରୁଲଟି ପ୍ରଫେସର ଗୀତାଞ୍ଜଳି ଦାଶ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚୁକ୍ତି ଦ୍ୱାରା ଉଭୟ ପକ୍ଷର ଶିକ୍ଷାଦାନ, ଉନ୍ନତ ମାନର ଜ୍ଞାନ କୌଶଳ, ଅନ ଲାଇନ ଓ ଅଫ ଲାଇନରେ ଭାଗିଦାରୀ ରହିବେ। ସେମିନାର,ୱେବିନାର,ସମ୍ମିଳନୀ ମିଳିତରେ କରିଯାଇବ। ଲିଙ୍ଗ ଉପରେ ଗବେଷଣା ଓ କର୍ମଶାଳା ମିଳିତ ଭାବେ ଆୟୋଜନ କରିପାରିବେ, ଲିଙ୍ଗ ଅଧ୍ୟୟନ ଉପରେ ଗବେଷଣା ଆଦାନ ପ୍ରଦାନ, ଲାଇବ୍ରେରୀ ଓ ପରୀକ୍ଷା ଗାର ମିଳିତ ଭାବରେ ବ୍ୟବହାର କରିଯାଇବ। ଚୁକ୍ତିପତ୍ର ସ୍ୱାକ୍ଷର ଦ୍ୱାରା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଉନ୍ନତ ମାନର ଜ୍ଞାନ କୌଶଳ ଆହରଣ କରି ଭବିଷ୍ୟତ ଉଜ୍ଜଳ ଯୋଗାଇପାରିବ ଏବଂ ଏହି ଚୁକ୍ତି ୫ ବର୍ଷ ପାଇଁ ହୋଇଥିବା କୁଳପତି ପ୍ରଫେସର ଦାଶ ସୂଚନା ଦେଇଛନ୍ତି।

## ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

### ଠିକାଦାରଙ୍କ ଭୁଲ ଯୋଗୁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଶଙ୍କର

ଦିଗପହଣ୍ଡି,୨।୧୧(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ପାଟପୁର-ଦିଗପହଣ୍ଡି ୩୨୬ ନଂ ଜାତୀୟ ରାଜପଥର ସନ୍ଥ ନିରଙ୍କାରି ସତସଙ୍ଗ ଭବନ ନିକଟରେ ଘଟିଥିବା ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାନଖେମୁଣ୍ଡି ବ୍ଲକ ସାହାସପୁର ଗ୍ରାମ ନୂଆସାହିର ଶଙ୍କର ପାତ୍ର (୨୯)। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ସହ ଆଲୋଚନା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଖବରରୁ ଜଣାପଡ଼ିଛି, ବୁଧବାର ସନ୍ଧ୍ୟାରେ ଶଙ୍କରଙ୍କ ପେଟରେ ଯନ୍ତ୍ରଣା ହେବାରୁ ସେ ବାଇକ୍‌ରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଯାଉଥିଲେ। ରାସ୍ତା ପ୍ରଶସ୍ତୀକରଣ ଚାଲିଥିବା ବେଳେ ଠିକାଦାର ସତର୍କ ସୂଚନା ଫଳକ ଲଗାଇ ନ ଥିବାରୁ ଶଙ୍କର ଜାଣି ନ ପାରି ରାସ୍ତାର ଡ୍ୟାମ୍ପକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏଥିରେ ଶଙ୍କର ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଦିଗପହଣ୍ଡି ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଅବସ୍ଥାରେ ସୁଧାର ନ ଆସିବାରୁ ଶଙ୍କରଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ଶଙ୍କରଙ୍କ ମୃତ୍ୟୁ ଘଟିଛି। ରବିବାର ସନ୍ଧ୍ୟାରେ ମୃତଦେହ ଗାଁରେ ପହଞ୍ଚିବା ପରେ ଘଟଣାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ପାଟପୁର ଥାନାରେ ଆଇଆଇସି ଦୀପ୍ତି ରଞ୍ଜନ ବେହେରାଙ୍କ ସହ ଆଲୋଚନା କରିଥିଲେ। ସୋମବାର ଏନେଇ ସମ୍ପୃକ୍ତ ଠିକାଦାରଙ୍କ ସହ କଥା ହୋଇ କ୍ଷତିପୂରଣ ବ୍ୟବସ୍ଥା କରିବେ ବୋଲି ପୋଲିସଠାରୁ ପ୍ରତିଶ୍ରୁତି ପାଇ ଗ୍ରାମବାସୀ ଗାଁକୁ ଫେରି ଶଙ୍କରଙ୍କ ଅନ୍ତିମ ସଂସ୍କାର କରିଥିଲେ।


ପାଟପୁର ଥାନାରେ ଉତ୍ତେଜିତ ଗ୍ରାମବାସୀ ।

## ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀ।

ବ୍ରହ୍ମପୁର,୨।୧୧(ସ୍ମୃତି ରଞ୍ଜନ ମହାଲିକ)

ଭାରତ ବିକାଶ ପରିଷଦ ପୂର୍ବ ପ୍ରାନ୍ତ ବ୍ରହ୍ମପୁର ଶାଖା ପକ୍ଷରୁ ରବିବାର ନୀଳକଣ୍ଠ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାଗୃହରେ ପ୍ରାନ୍ତସ୍ତରୀୟ ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ପୂର୍ବ ପ୍ରାନ୍ତର ୧୨ଟି ଶାଖା ତରଫରୁ ଚୟନ ହୋଇଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୂର୍ବ ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟକ୍ଷ ସତ୍ୟବାଦୀ ଦାସ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଶାଖାର ସଭାପତି ଇଞ୍ଜିନିୟର ସୀମାଞ୍ଚଳ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଭାରତ ବିକାଶ ପରିଷଦ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଯୋଗ ଦେଇଥିଲେ। ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ନାରାୟଣ ପଣ୍ଡା ଅତିଥି ଥିଲେ । ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା ସମ୍ପର୍କରେ ଗତିବିଧି, ସଂଯୋଜକ ସଂସ୍କାର, ବିମଳ କାନ୍ତ ମହାନ୍ତି ପ୍ରତିଯୋଗୀମାଙ୍କୁ ସେ ସୂଚନା ଦେଇଥିଲେ। ପ୍ରାନ୍ତୀୟ ସେବା ସଂଯୋଜକ ରମେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ଦେଇଥିଲେ।ମହିଳା ସହଭାଗିତାର ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସୁପ୍ରୀତି ରଥ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ମହାସଚିବ ଖୁଣ୍ଟିଆ ଛାତ୍ରୀଛାତ୍ର ଭାରତର ମହାନ ସଂସ୍କୃତି ପରମ୍ପରା ବିଷୟରେ ଅଧ୍ୟୟନ କରିବା ସହିତ ସ୍ୱାମୀ ବିବେକାନନ୍ଦଙ୍କ ଦେଶପ୍ରେମରେ ଉଦବୁଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଏସ ମୋହନ ରାଓ ଓ ସୁଶାନ୍ତ ଦାସ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ରହ୍ମପୁର ଶାଖା ସଚିବ ଜି ଶିବରାମ ରେଡ୍ଡୀ ଧନ୍ୟବାଦ ଦେଇଥିଲେ। ଉମା ଶଙ୍କର ପାଣି,କାଶୀ ବିଶ୍ୱନାଥ ଚୌଧୁରୀ, ପ୍ରାଣଚାନ୍ଦ ପଣ୍ଡା,ପ୍ରକାଶ ଭଜନୀ,ରୁଦ୍ର ସିଂହଦେଓ, ଇଂ ରବୀନ୍ଦ୍ର କୁମାର ନାୟକ, ଇଂ ଭଗବାନ ବେହେରା, ବାଇଧର ଗୌଡ଼, ଇଂ ଜେ ସତ୍ୟ ନାରାୟଣ ସୁବୁଦ୍ଧି ଓ ତିରୁପତି ବାଲାଜି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମ ବ୍ଲକରେ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

ଗଞ୍ଜାମ,୨।୧୧(ଅକ୍ଷୟ ତରାଇ)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତରେ ଜଣେ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ଜାଣିବା ପରେ ସ୍ଥାନୀୟ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇଛି। ରବିବାର ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଅଞ୍ଚଳ ପରିଦର୍ଶନ କରିଛନ୍ତି। ଅଧ୍ୟକ୍ଷା ରୋଗୀ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରି ଡେଙ୍ଗୁ ପ୍ରତିରୋଧ ପାଇଁ ସଚେତନତା ସୃଷ୍ଟି କରିଥିଲେ। ଗାଁରେ ଥିବା ଆବର୍ଜନା ଓ ଦୂଷିତ ପାଣିର ନିଷ୍କାସନ ପାଇଁ ପରାମର୍ଶ ଦେଇଥିଲେ। ଏହାସହ ସଫେଇ ଅଭିଯାନ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଧ୍ୟକ୍ଷାଙ୍କ ସହ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପ୍ରଧାନ, ପାଳିବନ୍ଧ ସରପଞ୍ଚଙ୍କ ପ୍ରତିନିଧି ବିଦ୍ୟାଧର ପ୍ରଧାନ ଏବଂ ଭାଜପା ଯୁବ ନେତା ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ବାଲୁଙ୍କେଶ୍ୱର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ୨୦ ଜଣିଆ ମେଡିକାଲ ଟିମ୍ ଉକ୍ତ ଗ୍ରାମକୁ ପହଞ୍ଚି ତଦାରଖ କରିଛନ୍ତି। ଟିମ୍ ସଦସ୍ୟମାନେ ଗ୍ରାମବାସୀଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରୁଛନ୍ତି। ଆକ୍ରାନ୍ତଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦେଉଛନ୍ତି। ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସଚେତନତା ଓ ସଫେଇ ଅଭିଯାନ ଜାରି ରହିଛି।


ଅଧ୍ୟକ୍ଷା ଓ ମେଡିକାଲ ଟିମର ପରିଦର୍ଶନ।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୨।୧୧(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ଜିଆରପି ଥାନା ଅନ୍ତର୍ଗତ ରମ୍ଭା କନକା ନିକଟ ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି । ସେ ହେଲେ ରମ୍ଭା ନିକଟ କୋମଣ୍ଡର ଆର. ରମେଶ ରେଡ୍ଡୀ(୨୪)। କୌଣସି ଟ୍ରେନରୁ ଖସିପଡି ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରୁଛି। ନଂ.୯୬/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରିଛି। ରମେଶ ବିବାହିତ। ସେ ଭୁବନେଶ୍ୱରରେ ରହି କାମ କରୁଥିଲେ। ଶନିବାର ରାତିରେ ସେ ଟ୍ରେନ ଯୋଗେ ଘରକୁ ଫେରୁଥିବା ପରିବାର ଲୋକଙ୍କୁ କହିଥିଲେ । ହେଲେ ସକାଳ ଯାଏ ଘରକୁ ଫେରିନଥିଲେ ।

## ହିଲଟପ ସ୍ନାତକ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ

ମୋହନା,୨।୧୧(ମନ୍ମଥ ମିଶ୍ର): ମୋହନା ହିଲଟପ ସ୍ନାତକ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଶୁଭ୍ରକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଅଧ୍ୟାପକ ଜଗନ୍ନାଥ ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ପ୍ରଣବାନନ୍ଦ ପାଙ୍ଗୁସି ଓ ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରିଣୀ ଅଧ୍ୟାପିକା ରୀତାକୁମାରୀ ଶତପଥୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ସନ୍ତୋଷ ନନ୍ଦ ଧନ୍ୟବାଦ ଦେଇଥିଲେ।

## ଫୁଲବାଣୀ ଚାମ୍ପିୟନ, ଏମ୍‌କେସିଜି ମେଡିକାଲ ରନର୍ସ ଅପ୍

### ଆନ୍ତଃ କଲେଜ ଭଲିବଲ


ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

**ବ୍ରହ୍ମପୁର,୨।୧୧(ସୁବାସ ଚନ୍ଦ୍ର ପାଢ଼ୀ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ୨ ଦିନ ଧରି ମିନି ଷ୍ଟାଡିୟମ ଠାରେ ଚାଲିଥିବା ୫୪ ତମ ଆନ୍ତଃ ମହାବିଦ୍ୟାଳୟ ଭଲିବଲ ପୁରୁଷ ପ୍ରତିଯୋଗିତା ସରିଛି। ସରକାରୀ ସ୍ୱୟଂଶାସିତ କଲେଜ ଫୁଲବାଣୀ ଚାମ୍ପିୟନ ଓ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ରନର୍ସ ଅପ୍ ହୋଇଛି। ଫାଇନାଲ ମ୍ୟାଚ ଫୁଲବାଣୀ ଓ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ମଧ୍ୟରେ ହୋଇଥିଲା। ୩-୨ ସେଟରେ ଫୁଲବାଣୀ ବିଜୟ ହୋଇ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ପଟନାୟକ, ବରିଷ୍ଠ ପିଇଟି ପି.ଆନନ୍ଦ ରାଓ, ବ୍ରହ୍ମପୁର ଷ୍ଟାଡିୟମର ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ, କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା, ରାଜେଶ କୁମାର ମହାନ୍ତି, ରବି ଚରଣ ମିଶ୍ର, ଶିବାନନ୍ଦ ବର୍ମା ପ୍ରମୁଖ ଉପସ୍ଥିତ ରହି ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଅଫିସିଆଲ ଭାବେ ଶିବ ନାରାୟଣ ବେହେରା, ଗିରିଧାରୀ ମହାପାତ୍ର, ରଶ୍ମି ରଞ୍ଜନ ତ୍ରିପାଠୀ, ଶୈଳେନ୍ଦ୍ର କୁମାର,ଶିବ ପ୍ରସାଦ ବେହେରା, ସଚ୍ଚିଦାନନ୍ଦ ଦାଶ, ପି.ରମେଶ, ସୁରେଶ ଚନ୍ଦ୍ର ମଲ୍ଲିକ, ସୁନିତା ପାତ୍ର ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଏସ.କ୍ରୀଷ୍ଣା ରେଡି, ଜଗନ୍ନାଥ ଚୌଧୁରୀ, ଧନେଶ୍ୱର ଦାଶ ପରିଚାଳନାରେ ସହଯୋଗ କରିଥିଲେ ।

## ସମ୍ଭାଗ ସ୍ତରୀୟ ଶିକ୍ଷା ପରିଷଦ ବୈଠକ

ବ୍ରହ୍ମପୁର,୨।୧୧(ସ୍ମୃତି ରଞ୍ଜନ ମହାଲିକ): ଗଜପତିନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଜ୍ୟ ଶିକ୍ଷା ବିକାଶ ସମିତି ଯୋଜନା ଅନୁସାରେ ସମ୍ଭାଗ ସ୍ତରୀୟ ଶିକ୍ଷା ପରିଷଦ ବୈଠକ ଉଦଘାଟିତ ହୋଇଯାଇଛି। ବୈଠକରେ ଶିକ୍ଷା ବିକାଶ ସମିତି ଓଡ଼ିଶା ପ୍ରାନ୍ତ ପରୀକ୍ଷା ସଂଯୋଜକ ମନୋଜ କୁମାର ଦାଶ ମୁଖ୍ୟ ବକ୍ତା ରୂପେ ଉପସ୍ଥିତ ରହି ବିଭିନ୍ନ ପାଠ୍ୟ ବିଷୟରେ ଶୈକ୍ଷିକ ଯୋଜନା, ପରୀକ୍ଷା ପରିଚାଳନା ଓ ମୂଲ୍ୟାଙ୍କନ ସଂପର୍କରେ ଆଲୋକ ପାତ କରିଥିଲେ । ସଂଭାଗ ସଂପାଦକ ଦୀପକ କୁମାର ମହାରଣା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ମୁନୀ ଅତିଥି ପରିଚୟ ଦେଇଥିଲେ। ସଂଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ସଂପର୍କରେ ଓ ସ୍କୁଲ ସଭାପତି ସୂର୍ଯ୍ୟକାନ୍ତ ମହାନ୍ତି ଶିକ୍ଷାଦାନ ସମ୍ପର୍କରେ କହିଥିଲେ। ଗଞ୍ଜାମ ବିଭାଗ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଜିଲା ନିରୀକ୍ଷକ ପଦ୍ମନାଭ ସାମଲ, ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ଅରୁଣ କୁମାର ବାଗ, ଜିଲା ପ୍ରମୁଖ ଉପେନ୍ଦ୍ର କୁମାର ପଣ୍ଡା, ବିଦ୍ୟାଳୟର ଉପସଭାପତି ନରେଶ କୁମାର ପଟ୍ଟନାୟକ , ସଂପାଦକ ପ୍ରତାପ ଚନ୍ଦ୍ର ନାୟକ, ଯୁଗ୍ମ ସଂପାଦିକା ସାବିତ୍ରୀ ମହାପାତ୍ର, କୋଷାଧ୍ୟକ୍ଷ କବିରାଜ ସାହୁ ମଞ୍ଚାସିନ ଥିଲେ। ବୈଠକରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାର ୯ ସଂକୁଳରୁ ପ୍ରାୟ ୧୦୦ ଶିକ୍ଷୟିତ୍ରୀ ଓ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ସେବକ ସେବିକା ପରିଚାଳନାରେ ସହଯୋଗ କରିଥିଲେ।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
CENTRAL RURAL WORKS CIRCLE, BHUBANESWAR
Phone - 0674-2540742, Email - se_ccrw@yahoo.co.in
No.O-1234
No.4945/Date.28.10.2025
"e" Procurement Notice for Road Works

| | | |
|---|---|---|
| 1. | Name of the Work | : Road works under Periodical Renewal work of 5 years Completed PMGSY (POST DLP) roads for the year 2025-26 |
| 2. | Total No. of Packages | : 1 No. of Package |
| 3. | Estimated Cost of the Package | : Rs.58.83 lakhs |
| 4. | Class of Contractor | : |
| | a) Estimated cost more than Rs.20.00 lakhs up to Rs.3.00 Crores | : B Class (of Odisha PWD) or relevant class of other licensing authorities |
| 5. | Period of completion | : As mentioned in Column-8 of Annexure |
| 6. | Offered rates by bidder | : The offered rate by the contractor shall be excluding GST |
| 7. | Other details | : |

| Procurement Officer | Bid Identification No. | Availability of Tender on-line for bidding | | Seeking clarification of tender | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.34 of 2025 | 01.11.2025 at 11.00 A.M. | 17.11.2025 up to 5.00 P.M. | 14.11.2025 Up to 5.00 P.M. | 18.11.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
Sd./- Chief Construction Engineer
Central Rural Works Circle, Bhubaneswar
OIPR-25082/11/0017/2526



OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
E_Mail ID: serwcbaripada@gmail.com, Ph. No.-06792-261343/261344, Gangraj, Baripada
Office Order No.4950/Dt.29.10.2025//
1st Corrigendum to National Competitive Bidding e_procurement Notice
No.4738/Road work Dt.15.10.2025 (NCB No.-394)
No.O-1268 : Due to unavoidable circumstances the important dates of tendering process for road works are being changed as follows.

| Sl No. | Item | Time Schedule as per Original NCB | Time Schedule as per Corrigendum Notice |
|---|---|---|---|
| 1 | Availability of tender On-line for bidding | 30.10.2025 at 11.00 A.M. to 18.11.2025 up to 05.00 P.M. | 15.11.2025 at 11.00 A.M. to 04.12.2025 up to 05.00 P.M. |
| 2 | Date & Time of Seeking Tender Clarification if any | 17.11.2025 up to 05.00 P.M. | 03.12.2025 up to 05.00 P.M. |
| 3 | Date & Time of Opening of Technical Bid | 19.11.2025 at 11.00 A.M. | 05.12.2025 at 11.00 A.M. |
| 4 | Date & Time of Opening of Financial Bid | Will be intimated later | Will be intimated later |

All other terms and conditions remain unchanged.
Sd./- Er. A.K. Naik
Chief Construction Engineer
R.W. CIRCLE, BARIPADA
OIPR-25130/11/0061/2526



ZILLA SWASTHY SAMITI, GAJAPATI
(Department of Health & FW, Govt. of Odisha)
Advt. No. 8321/DPMU/NHM/2025 Dt. 18.10.25
NOTICE
No. E-: Applications are invited from in-house contractual employee of NHM working in the same post under OSH&FW Society in other districts desiring to be posted in Gajapati district.
**Fresh Candidates need not to apply**.
The interested candidates may log on the website **www.gajapati.odisha.gov.in** for details (Vacancies, terms & conditions and application form etc. Eligible candidates are requested to apply in the prescribed application form with NOC and certificate for last uninterrupted service in the same post under the society and with all relevant documents to Chief District Medical & Public Health Officer, At/P.O.: Paralakhemundi, Gajapati - 761200 by Regd./Speed Post on or before 31.10.2025 by 05.00 P.M. The undersigned is not responsible for any postal delay. Application received after due date will be rejected. Vacancies under this advertisement are provisional and subject to change. Time to time notification regarding status of selection process will be web hoisted in the district website. The authority reserves the right of accepting/rejecting any application and modify/cancel the advertisement without assigning any reason thereof.
OIPR: Sd./- CDM & PHO-cum-DMD, Gajapati



GOVERNMENT OF ODISHA No.O-1137
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
Phone : 06842-253708, E-mail : rw_phulbani@yahoo.co.in
No. 4380 RWDP, Dated the 23.10.2025
Government of Odisha e-Procurement Notice
Bid Identification No. Online Tender/07/SERWD PHULBANI/2025-26
1. Name of the work : Road Work (03 Nos.)
2. Estimated cost : Rs.79.83 Lakhs & 52.10 Lakhs
3. Period of completion : Three Calendar Months
4. Date & Time of availability of Bid documents in the Portal : From 01.11.2025, 10.00 A.M. to 11.11.2025 upto 05.00 P.M.
5. Last Date / Time for receipt of Bids in the Portal : 11.11.2025 upto 5.00 P.M.
6. Name and address of the Officer Inviting Bid : Superintending Engineer, Rural Works Division, Phulbani
Further details can be seen from the e-procurement portal website www.tendersodisha.gov.in
Sd./- Superintending Engineer
Rural Works Division
Phulbani
OIPR-25077/11/0028/2526



GOVT. OF ODISHA
DEPARTMENT OF WATER RESOURCES
O/o THE SUPERINTENDING ENGINEER,
PRACHI DIVISION, BHUBANESWAR - 12
E-mail : prachi.division@yahoo.co.in, eeprachidivision@gmail.com
No. 7661 Dt. 27.10.2025
e-PROCUREMENT NOTICE NO. - SEPRD - 14/2025-26
No.A-799 : Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01. | Nature of work | Civil works (Canal/V.R Bridge/River embankment) |
| 02. | No. of Works | 33 (Thirty Three) Nos. |
| 03. | Bid Identification No. | SEPRD - 14/2025-26 |
| 04. | Estimated Cost (in Rupees) | Rs.8.00 Lakhs to Rs.50.00 Lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of availability of bid documents in the Portal | From 01.11.2025 (10.00 A.M.) to 11.11.2025 (5.30 P.M.) |
| 09. | Date and time of Opening of Tender Documents & online bids | 12.11.2025 at 10.30 P.M. |
| 10. | Date of Lottery (In case of situation arises) | 20.11.2025 at 3.30 P.M. |
| 11. | Name and Address of the Officer Inviting Bid | Superintending Engineer, Prachi Division, Bhubaneswar-12, E-mail : prachi.division@yahoo.co.in, eeprachidivision@gmail.com |

Further details (corrigendum, addendum, cancellation) can be seen from the State Govt. Portal www.tendersorissa.gov.in.
Sd./-Superintending Engineer
Prachi Division, Bhubaneswar
OIPR-32096/11/0012/2526



GOVERNMENT OF ODISHA
OFFICE OF SUPERINTENDING ENGINEER
MINOR IRRIGATION DIVSION, JEYPORE
E-mail ID : mijeypore@yahoo.co.in
NOTICE INVITING TENDER
E-Procurement Notice
Bid Identification No. MIDJEY - 07/2025-26
Letter No.1808 Dt.25.10.2025
No.A-789 : The Superintending Engineer, Minor Irrigation Division, Jeypore on behalf of Governor of Odisha invites **Percentage rate** bids in Single/Double Cover system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in.
1. Name of the work : Construction of Check Dam Under MATY, CAPEX Lining, ERM, MIPSP
2. Total Number of work : 07 (Seven) Nos.
3. Estimated cost : Approximately Rs.8.36 to 75.59 lakhs.
4. Period of completion : 02 (Two), 04 (Four) and 05 (Five) Calendar Months
5. Class of Contractor : "D", "B" and "C" Class Contractor
6. Date and time of availability of bid documents in the portal : From 10.00 A.M. of 06.11.2025 to 5.30 P.M. of 18.11.2025
7. Last date/time for receipt of bids in the portal : 5.30 P.M. on 18.11.2025
8. Date of opening of bid : At 11.00 A.M. on 19.11.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Jeypore
11. Further details can be seen from the Government of Odisha Website : www.tendersorissa.gov.in
Sd./- Superintending Engineer
M.I. Division, Jeypore
OIPR-32374/11/0017/2526



GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MAYURBHANJ
Tel. No. (06792) 260788, e-Mail ID: mi.mayurbhanj@yahoo.co.in
"e" Procurement Notice
No. 3760 Dated: 27.10.2025
Identification No. S.E.M.I.D. MBJ. No. 13/MID, MBJ/2025-26
No. A-850: The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.
1. Name of works : Civil construction works as mentioned in the website
2. Total No. of Works : 5 Nos.
3. Tender Amount : 56.67 Lakh to 99.65 Lakh (Detail list of works Annexed)
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of Bid document in the portal : 30.10.2025 at 10.00 A.M. to 13.11.2025 upto 5.00 P.M.
7. Last date/time for receipt of Bids in the portal : 13.11.2025 upto 5.00 P.M.
8. Date/Time of Opening of Technical Bid : 14.11.2025 at 11.00 A.M.
9. Name and address of the Officer Inviting the Bid : Superintending Engineer, M.I. Division, Mayurbhanj
10. Mode of Payment of Bid Cost : Online
11. Further details can be seen from the "e" Procurement portal **"https://tendersorissa.gov.in"**.
Sd./- Superintending Engineer
Minor Irrigation Division, Mayurbhanj
OIPR-32041/11/0019/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାତ ଦେଶରେ ଶରତଙ୍କ 'ରୁଚି'



'ରୁଚି'ର ପ୍ରତିଷ୍ଠାତା ଡ. ଶରତ କୁମାର ସାହୁ ଘରେ ଘରେ ପରିଚିତ ଜଣେ ଓଡ଼ିଆ ଶିଳ୍ପୋଦ୍ୟୋଗୀ। କଟକ ରାଣୀହାଟ ହିନ୍ଦ୍ ସିନେମା ହଲ୍ ନିକଟରେ ତାଙ୍କ ବାପାଙ୍କର ଏକ ଛୋଟ ହୋଟେଲ ଥିଲା। ଏକ ଚାଳିଆ ଘରେ ଥିବା ସେହି ହୋଟେଲରେ ପରଷା ଯାଉଥିଲା ସ୍ୱାଦିଷ୍ଟ ମଟନ ଚାମ୍ପ୍ । ବାପାଙ୍କୁ ହୋଟେଲରେ ସାହାଯ୍ୟ କରୁକରୁ ବ୍ୟବସାୟ ଜଗତରେ ପ୍ରବେଶ କରିବାର ଆଗ୍ରହ ବଢ଼ିଲା। ସେହି ଆଗ୍ରହ ପରବର୍ତ୍ତୀ ସମୟରେ ଝୁଙ୍କ୍ ପାଲଟିଗଲା। ପ୍ରତିଦିନ ସନ୍ଧ୍ୟାରେ ବିକ୍ରି ସରିବା ପରେ ବାପାଙ୍କ ସହ ଲାଭ ଟଙ୍କା ଗଣୁଥିଲେ ଶରତ। ୧୯୭୪ରେ କଟକ ପୌରସଂସ୍ଥା ପକ୍ଷରୁ ବାପାଙ୍କ ହୋଟେଲଟିକୁ ଭାଙ୍ଗି ଦିଆଗଲା। ପରେ ବାପା ଆଉ ଏକ ସ୍ଥାନରେ ଏକ ଛୋଟ ଦୋକାନ କଲେ। ବାପାଙ୍କ ଦୋକାନ ଆଉ ଏକ ସ୍ଥାନ ପାଇଲା ପରେ ଶରତ କଲିକତା ଯାଇ ଏକ ମସଲା କାରଖାନାରେ କାମ ଆରମ୍ଭ କରିଥିଲେ। ବେତନ କମ୍ ଥିଲେ ସୁଦ୍ଧା କାରଖାନାର ଯନ୍ତ୍ରପାତି, କଞ୍ଚାମାଲ, ଆମଦାନୀ, ମସଲା ପ୍ରସ୍ତୁତି ଓ ପ୍ୟାକେଜିଂ ସହ ବିକ୍ରିବଟା ଏବଂ ପରିଚାଳନା କରିବାରେ ମନ ଦେଇ ଅଭିଜ୍ଞତା ସାଉଁଟିଲେ। ପରେ ଓଡ଼ିଶା ଫେରି ୧୯୭୬ ମସିହାରେ ମାତ୍ର ୫,୦୦୦ଟଙ୍କାର ନିଜର ବ୍ୟବସାୟ ଆରମ୍ଭ କରିଥିଲେ । ପବିତ୍ର ଶ୍ରୀଗୁଣ୍ଡିଚା ଦିନ କଟକର ମଧୁପାଟଣା ଶିଳ୍ପାଞ୍ଚଳରେ ଓମ୍ ଅୟେଲ୍ ଆଣ୍ଡ ଫ୍ଲୋର୍ ମିଲ୍ସ ଲିମିଟେଡ୍ (ରୁଚି ଉଦ୍ୟୋଗ) ପ୍ରତିଷ୍ଠା କରିଥିଲେ। କିଛି ଦିନ ପରେ ସେ ଏହି କଳରୁ ମସଲା ଓ ସିମେଇଁ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ । ବାପାଙ୍କ ହୋଟେଲର ସ୍ୱାଦିଷ୍ଟ ଭୋଜନକୁ ଗ୍ରାହକମାନେ ରୁଚିକର ଭୋଜନ ବୋଲି କହୁଥିଲେ। ସାଙ୍ଗମାନଙ୍କ ପରାମର୍ଶରେ ସେ ଏହି ଅଟା କଳ ସ୍ଥାପନ କରିଥିଲେ। ଅଟାର କିଛି ସ୍ୱାତନ୍ତ୍ର୍ୟ ରହିବା ପାଇଁ ଉକ୍ତ ଚକି ଅଟାକୁ 'ରୁଚି ଅଟା' ଭାବରେ ନାମିତ କରାଯାଇଥିଲା। 'ରୁଚି' ବ୍ରାଣ୍ଡ ଭାବେ ୪୯ ବର୍ଷର ଏହି ଅନୁଷ୍ଠାନ ବର୍ତ୍ତମାନ ୭ ଦେଶରେ ୧୮ହଜାରରୁ ଅଧିକ ଆଉଟ୍‌ଲେଟ ଖୋଲିଥିବାବେଳେ ୩ ମିଲିୟନ୍ ସନ୍ତୁଷ୍ଟ ଗ୍ରାହକଙ୍କ ପାଖରେ ପହଞ୍ଚିପାରିଛି।

## ପ୍ରାରମ୍ଭିକ ଜୀବନ

ବାପା ବନମାଳୀ ସାହୁ ଓ ମାଆ ମଇନାଦେବୀଙ୍କ କୋଳରେ ୧୯୫୦ମସିହା ଜୁଲାଇ ୨୨ରେ ଜନ୍ମଗ୍ରହଣ କରିଥିଲେ ଶରତ । କଟକରେ ଜନ୍ମ ଓ ସେଇଠୁ ପାଠପଢ଼ା ଆରମ୍ଭ। ହାଇସ୍କୁଲ ଶିକ୍ଷା ପରେ ସେ ଖ୍ରୀଷ୍ଟ କଲେଜରେ ନାମ ଲେଖାଇଥିଲେ। ଭାଇ ଚେନ୍ନାଇରେ ଉଚ୍ଚଶିକ୍ଷା ପାଇଁ ଯାଇଥିଲେ ମଧ୍ୟ ଶରତ କଟକରେ ରହି ବାପାଙ୍କୁ ବ୍ୟବସାୟରେ ସାହାଯ୍ୟ କରିବାକୁ ସ୍ଥିର କରିଥିଲେ। ପରବର୍ତ୍ତୀ ସମୟରେ ସେ ଓଡ଼ିଶା କ୍ଷୁଦ୍ର ଉଦ୍ୟୋଗ କର୍ପୋରେଶନ ଲିମିଟେଡ୍(ଓଏସ୍ଆଇସି) ପକ୍ଷରୁ ଦିଆଯାଉଥିବା ତାଲିମ ଗ୍ରହଣ କରିଥିଲେ। ସେତେବେଳେ ତାଙ୍କୁ ୭୫୦ ଟଙ୍କା ଛାତ୍ରବୃତ୍ତି ମିଳୁଥିଲା।

## ପ୍ରେରଣା ଦେଇଥିଲା ମା'ଙ୍କ ଶିଳବଟା ମସଲା

ଶରତ ଅନେକ ସମୟରେ କହିଥାଆନ୍ତି, ହୋଟେଲ ଥିଲାବେଳୁ ମା' ଶିଳରେ ବିଭିନ୍ନ ପ୍ରକାରର ସାମଗ୍ରୀକୁ ବାଟି ମସଲା ପ୍ରସ୍ତୁତ କରୁଥିବାର ଦେଖିଥିଲି। ସେସବୁ ପ୍ରସ୍ତୁତି ବେଳେ ଅତ୍ୟଧିକ ପରିଶ୍ରମ କରିବାକୁ ପଡୁଥିଲା। ମା'ଙ୍କର ଅକ୍ଳାନ୍ତ ପରିଶ୍ରମକୁ ଅନୁଭବ କରି ଅଟା ସହ ସେହି ଚକିରେ ହଳଦୀ, ଲଙ୍କା, ଜିରା, ଧନିଆ ଆଦି ଗୁଣ୍ଡ କରି ଗ୍ରାହକଙ୍କ ନିକଟରେ ପହଞ୍ଚାଇବାର ପ୍ରୟାସ ଆରମ୍ଭ ହୋଇଥିଲା।




## ଶିଳ୍ପୋଦ୍ୟୋଗୀଙ୍କ ସହ ଗଢ଼ିଥିଲେ ଓସ୍‌ମେ

ଶିଳ୍ପର ବିକାଶ ପାଇଁ ସେ ଶିଳ୍ପୋଦ୍ୟୋଗୀ ବନ୍ଧୁମାନଙ୍କ ସହିତ ମିଶି ଓସ୍‌ମେ ଅନୁଷ୍ଠାନ ଗଢ଼ିବା ସହିତ ବିଭିନ୍ନ ଅନୁଷ୍ଠାନର ଶିଳ୍ପ ଉପଦେଷ୍ଟା ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ସମୟରେ ଜର୍ମାନୀ, ଇଟାଲୀ, ଫ୍ରାନ୍ସ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ସୁଇଜରଲ୍ୟାଣ୍ଡ, ଆମେରିକା, କାନାଡ଼ା, ସିଙ୍ଗାପୁର, ଦକ୍ଷିଣକୋରିଆ, ଓମାନ ସମେତ ୩୦ରୁ ଊର୍ଦ୍ଧ୍ୱ ଦେଶରେ ଆୟୋଜିତ ଅନେକ ଆନ୍ତର୍ଜାତିକ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ୧୯୯୯ରେ ଇଟାଲୀ ଓ ଦକ୍ଷିଣକୋରିଆ ସହଯୋଗରେ ଓଡ଼ିଶାର ପ୍ରଥମ ପାସ୍ତା ଉଦ୍ୟୋଗ ପ୍ରତିଷ୍ଠା କରିଥିଲେ।

## ବିଜୁବାବୁ ପଠାଇଥିଲେ ଦକ୍ଷିଣ ଆଫ୍ରିକା

୧୯୭୮ ମସିହାରେ ଶରତ ବାବୁଙ୍କୁ ଏକ କର୍ମଶାଳାରେ ଯୋଗଦେବା ପାଇଁ ବିଜୁ ବାବୁ ଦକ୍ଷିଣ ଆଫ୍ରିକା ପଠାଇଥିଲେ। ସେଠାରୁ ସେ ଫୁଡ୍ ପ୍ରୋସେସିଂ ବାବଦରେ କଳାକୌଶଳ ଶିକ୍ଷାଗ୍ରହଣ କରି ନିଜ ବ୍ୟବସାୟରେ ଲଗେଇଲେ ଓ ବହୁ ସଫଳତା ହାସଲ କରିଥିଲେ। ପ୍ରଥମେ ଖପୁରିଆରେ ୪୦୦ ବର୍ଗଫୁଟ୍ ପରିମିତ ଭଡ଼ା ଘରେ କାମ ଆରମ୍ଭ ହୋଇଥିଲା। ସେହି ଧାରା ଏବେ ମଧ୍ୟ ଅବ୍ୟାହତ ରହିଛି ଓ ଏପରିକି ଇଟାଲୀ ଏବଂ ଦକ୍ଷିଣ କୋରିଆରୁ କଳାକୌଶଳ ଆସି କଟକ ଖପୁରିଆସ୍ଥିତ ତାଙ୍କ କାରଖାନାରେ ପାସ୍ତା ତିଆରିରେ ବ୍ୟବହାର କରାଯାଉଛି । ରୁଚି ମସଲା ଏବେ ରାଜ୍ୟ ଓ ଦେଶ ମଧ୍ୟରେ ଆବଦ୍ଧ ନ ରହି ବିଦେଶକୁ ମଧ୍ୟ ରପ୍ତାନି ହେଉଛି। ଅତ୍ୟାଧୁନିକ ପ୍ୟାକେଜିଂ ମେଶିନ ଆଣିବା ଫଳରେ ରୁଚି ମସଲା ସଫଳତା ସାଉଁଟିବାରେ ଲାଗିଛି।

### କବାଡ଼ି ପ୍ରତି ଥିଲା ଅହେତୁକ ରୁଚି

ଶରତ ପିଲାଦିନେ ଜଣେ କବାଡ଼ି ଓ ଭଲିବଲ୍ ଖେଳାଳି ଥିଲେ। ୧୯୬୮ରୁ ୧୯୭୨ ପର୍ଯ୍ୟନ୍ତ ସେ ଓଡ଼ିଶା କବାଡ଼ି ଦଳର ଅଧିନାୟକ ମଧ୍ୟ ରହିଥିଲେ। ୧୯୭୩ରେ ସେ ଓଡ଼ିଶା କବାଡ଼ି ସଂଘରେ ମଧ୍ୟ କାର୍ଯ୍ୟ କରିଛନ୍ତି । ତାଙ୍କ ଜୀବନୀକୁ ନେଇ ଶରତ ଶତମ ନାମରେ ଏକ ପୁସ୍ତକ ଲେଖାଯାଇଛି ।



ଧରିତ୍ରୀ ପକ୍ଷରୁ ୨୦୨୧ରେ ଡ. ଶରତ କୁମାର ସାହୁଙ୍କୁ 'ବିଜିନେସ୍ ଏମିନେନ୍ସ ଆୱାର୍ଡ' ପ୍ରଦାନ।

## ଅନେକ ସମ୍ମାନର ଅଧିକାରୀ

ଜଣେ ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଭାବେ ବିପୁଳ କର୍ମନିଯୁକ୍ତି ସୃଷ୍ଟି କରିପାରିଥିବା ଡ. ଶରତ କୁମାର ସାହୁଙ୍କୁ ୧୯୯୯ ମସିହାରେ ଓଡ଼ିଶା ସରକାର 'ସ୍ୱାଭିମାନ ସମ୍ମାନ'ରେ ଭୂଷିତ କରିଥିଲେ। ୨୦୦୦ରେ ସେ ବିଜୁ ପଟ୍ଟନାୟକ ମେମୋରିଆଲ ସମ୍ମାନ ପାଇଥିବାବେଳେ ୨୦୦୧, ୨୦୦୩, ୨୦୦୪ ଏବଂ ୨୦୦୮ରେ ଶ୍ରେଷ୍ଠ ଶିଳ୍ପୋଦ୍ୟୋଗୀ ସମ୍ମାନରେ ମଣ୍ଡିତ ହୋଇଥିଲେ। ୨୦୦୮ରେ ତାଙ୍କୁ ଓଡ଼ିଶା ଲିଡରଶିପ ଆୱାର୍ଡ(ଟାଇମ୍ସ ଅଫ ଇଣ୍ଡିଆ), ୨୦୧୩ରେ ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ଆୱାଡ, ୨୦୧୪ରେ ପ୍ରୟାସ ସମ୍ମାନ ଏବଂ ୨୦୨୧ରେ ଧରିତ୍ରୀ ପକ୍ଷରୁ ତାଙ୍କୁ 'ବିଜିନେସ୍ ଏମିନେନ୍ସ ଆୱାର୍ଡ' ମିଳିଥିଲା। ଅନ୍ୟପଟେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପ୍ରତିଭାଶାଳୀ ବ୍ୟକ୍ତିତ୍ୱଙ୍କୁ ତାଙ୍କ ଅନୁଷ୍ଠାନ ତରଫରୁ ମଧ୍ୟ ପ୍ରତିବର୍ଷ 'ରୁଚି ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥାଏ।

# ବିଜିୟୁ ପକ୍ଷରୁ ସପ୍ଲାଏ ଚେନ୍ କନ୍‌କ୍ଲେଭ

ଭୁବନେଶ୍ୱର,୨।୧୧(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ଓପିଏସ୍‌ସିଏଚ୍‌ଇସିକେ ଦ୍ୱାରା 'ଡିଜିଟାଲ ସପ୍ଲାଏ ଚେନ୍ : କନେକ୍ଟିଂ ଏଫିସେନ୍ସି ୱିଥ୍ ଆଜିଲିଟୀ'' ସମ୍ପର୍କୀତ ସପ୍ଲାଏ ଚେନ୍ କନ୍‌କ୍ଲେଭ ଅନୁଷ୍ଠିତ ହୋଇଯାଇଛି। ବିର୍ଲା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପି. ନାୟକ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଡ. କ୍ରୀଷ୍ଣା ରାଓ, ଆଲେକ୍ସ ଥୋମାସ୍, ସତ୍ୟବ୍ରତ ରାଉତ ଏବଂ ପ୍ରଫେସର ରାମକୃଷ୍ଣ ପାଢୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ମଣିଦତ୍ତ ରାୟତ୍ ବିଷୟ ବସ୍ତୁର ପରିଚୟ ଦେଇ ବିଶ୍ୱ ବ୍ୟବସାୟିକ ପରିଚାଳନାରେ ସପ୍ଲାଏ ଚେନ୍ କିପରି ଦକ୍ଷତା ଓ ପ୍ରତିଯୋଗିତାକୁ ବୃଦ୍ଧି କରିପାରୁଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜିୟୁ ରେଜିଷ୍ଟ୍ରାର ଡ. ପ୍ରଫେସର ବି.କେ ଦାସ ଆଧୁନିକ ବ୍ୟବସାୟିକ ପରିବେଶରେ ସପ୍ଲାଏ ଚେନ୍‌ର ବୃଦ୍ଧି ପାଉଥିବା ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଡ. ମଣିଦତ୍ତ ରାୟ, ଡ. ପିୟୁସ ଗୁପ୍ତା ଓ ଡ. ମାନସ କୁମାର ପାଲଙ୍କ ତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଏହି କନ୍‌କ୍ଲେଭରେ ଡିଜିଟାଲ ସପ୍ଲାଏ ଚେନ୍‌ର ପରିବର୍ତ୍ତନଶୀଳ ଦିଗଗୁଡିକ ଉପରେ ଗୁରୁତତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା ଯାହା ଶିକ୍ଷା ଓ ଶିଳ୍ପ ଜଗତ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନା କରିପାରିଥିଲା।

# ଟିପିସିଓଡିଏଲର ୨ ମିଟର ଟେଷ୍ଟିଂ ଲ୍ୟାବକୁ ଏନ୍‌ଏବିଏଲ୍ ମାନ୍ୟତା

ଭୁବନେଶ୍ୱର,୨।୧୧

ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ)ର ଭୁବନେଶ୍ୱର ଏବଂ କଟକରେ ଥିବା ଏହାର ମିଟର ଟେଷ୍ଟିଂ ଲାବୋରେଟୋରୀଗୁଡ଼ିକ ନ୍ୟାଶନାଲ ଏକ୍ରେଡେସନ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବ୍ରେସନ ଲାବୋରେଟୋରି (ଏନଏବିଏଲ) ତରଫରୁ ପୁନଃମାନ୍ୟତା ମିଳିଛି। ଭୁବନେଶ୍ୱର ମିଟର ଟେଷ୍ଟିଂ ଲ୍ୟାବ ଏନଏବିଏଲ ଇଣ୍ଡିଆର ପୂର୍ବତନ ନିର୍ଦ୍ଦେଶକ ଏବଂ ୟୁଜିଭିସିଏଲ (ଉତ୍ତର ଗୁଜରାଟ ଭିଜ କମ୍ପାନୀ ଲିମିଟେଡ) ର ବୈଷୟିକ ମୂଲ୍ୟାଙ୍କକଙ୍କ ଦ୍ୱାରା ଦୁଇ ଦିନିଆ ଅଡିଟ କରାଯାଇଥିଲା। ସେହିପରି, କଟକ ଲାବୋରେଟୋରୀର ମୂଲ୍ୟାଙ୍କନ ମଧ୍ୟ ଏନଏବିଏଲ ର ବରିଷ୍ଠ ଅଡିଟରଙ୍କ ଦ୍ୱାରା କରାଯାଇଥିଲା। ଉଭୟ ମୂଲ୍ୟାଙ୍କନରେ ଲାବୋରେଟୋରୀର ଗୁଣବତ୍ତା ପ୍ରଣାଳୀ, ଡକ୍ୟୁମେଣ୍ଟେସନ, ବୈଷୟିକ ଦକ୍ଷତା ଏବଂ ଏନର୍ଜି ମିଟରର ପରୀକ୍ଷଣ କ୍ଷମତାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ଏହି ମୂଲ୍ୟାଙ୍କନ ମାଧ୍ୟମରେ, ଉଭୟ ପରୀକ୍ଷାଗାରଗୁଡ଼ିକ ଆଇଏସଓ/ଆଇସି ୧୭୦୨୫ ସମେତ ଆନ୍ତର୍ଜାତୀୟ ମାନଦଣ୍ଡର ପାଳନକୁ ସଫଳତାର ସହିତ ପ୍ରଦର୍ଶନ କରିଛନ୍ତି, ଯାହା ନିଶ୍ଚିତ କରିଥାଏ ଯେ ସେମାନେ ସଠିକ, ନିର୍ଭରଯୋଗ୍ୟ ଏବଂ ପ୍ରାମାଣିକ ପରୀକ୍ଷା ଫଳାଫଳ ପ୍ରଦାନ କରିବାରେ ସକ୍ଷମ। ଭୁବନେଶ୍ୱର ଏବଂ କଟକ ଲାବୋରେଟୋରୀ ପାଇଁ ଏନଏବିଏଲ ମାନ୍ୟତା ଚାରି ବର୍ଷ ପାଇଁ ଅର୍ଥାତ୍ ୨୦୨୯ ପର୍ଯ୍ୟନ୍ତ ବୈଧ। ଏହି ସମୟ ମଧ୍ୟରେ, ଉଭୟ ପରୀକ୍ଷାଗାର ଆନ୍ତର୍ଜାତୀୟ ମାନଦଣ୍ଡର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସାମୟିକ ଅଡିଟ ଏବଂ ମୂଲ୍ୟାଙ୍କନ ଜାରି ରଖିବେ। ଟିପିସିଓଡିଏଲର ସିଇଓ ଅରଭିନ୍ଦ ସିଂହ କହିଛନ୍ତି ଯେ, ଏହି ମାଇଲଖୁଣ୍ଟ ଆମ ଟିମର ଉତ୍ସର୍ଗତା ଏବଂ ବୃତ୍ତିଗତ ଉତ୍କର୍ଷତାକୁ ପ୍ରତିଫଳିତ କରୁଛି । ଉଭୟ ପରୀକ୍ଷାଗାର ପାଇଁ ଏନଏବିଏଲ ମାନ୍ୟତାର ନବୀକରଣ ଟିପିସିଓଡିଏଲର ବୈଷୟିକ ଉତ୍କର୍ଷତା ଓ ଏହାର କାର୍ଯ୍ୟକ୍ଷମ ପ୍ରଣାଳୀରେ ନିରନ୍ତର ଉନ୍ନତିକୁ ଦର୍ଶାଉଛି।

# ପତଞ୍ଜଳି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହ



ଭୁବନେଶ୍ୱର,୨।୧୧(ଅନୁରାଧା ମହାରଣା)

ପତଞ୍ଜଳି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୧୪୨୪ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ଓ ୫୪ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଛନ୍ତି। ୬୪% ସ୍ୱର୍ଣ୍ଣ ପଦକ ଝିଅମାନେ ହାସଲ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଝିଅମାନେ ବିକଶିତ ଭାରତର ଆଧାର ହେବେ ; ତପସ୍ୟା, ସରଳତା ଓ କର୍ତ୍ତବ୍ୟନିଷ୍ଠାକୁ ଜୀବନର ଆଧାର କରନ୍ତୁ। ରାଜ୍ୟପାଳ ଗୁରମୀତ ସିଂହ ଯୋଗ ଓ ଆୟୁର୍ବେଦରେ ବିଶ୍ୱବିଦ୍ୟାଳୟର ଅଭୂତପୂର୍ବ ଯୋଗଦାନକୁ ପ୍ରଶଂସା କରିଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ କହିଛନ୍ତି, ଉତ୍ତମ ଉତ୍ତରାଖଣ୍ଡ ଗଢ଼ିବାରେ ଏହି ବିଦ୍ୟାର୍ଥୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସ୍ୱାମୀ ରାମଦେବ କହିଛନ୍ତି, ଏଠାରେ ପ୍ରତ୍ୟେକ ଛାତ୍ର 'ଜବ ସିକର ଅର୍ଥାତ୍ ଚାକିରୀ ଆଶାୟୀ' ନୁହନ୍ତି, ବରଂ 'ଜବ କ୍ରିଏଟର ଅର୍ଥାତ୍ ନିଯୁକ୍ତିଦାତା'। ବିଶ୍ୱବିଦ୍ୟାଳୟକୁ ବିଶ୍ୱର ଶ୍ରେଷ୍ଠତମ ଶ୍ରେଣୀକୁ ନେବା ଲକ୍ଷ୍ୟ ରହିଥିବା ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି। ନାକ ଠାରୁ ଏ+ ଗ୍ରେଡ (୩.୪୮) ପାଇଛି।

# ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ସଚେତନତା ପଦଯାତ୍ରା ଆୟୋଜିତ




ଭୁବନେଶ୍ୱର,୧।୧୧(ଅନୁରାଧା ମହାରଣା)

ସତର୍କତା ସଚେତନତା ସପ୍ତାହ ୨୦୨୫- ସତର୍କତା ଆମର ସହଭାଗୀ ଦାୟିତ୍ୱ ଅବସରରେ ଭୁବନେଶ୍ୱରସ୍ଥିତ ବ୍ୟାଙ୍କ ଅଫ ବରୋଦା ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦାୟିତ୍ୱ ଓ ସଚେତନତା ସୃଷ୍ଟି କରିବା। ମହାପ୍ରବନ୍ଧକ ଏବଂ ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟଙ୍କ ଉପସ୍ଥିତିରେ ଏହି ପଦଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପ ମହାପ୍ରବନ୍ଧକ(ସି ଆଣ୍ଡ ଏ) ଭିଏମ୍‌ଏନ୍‌ଏସ୍ ସାଇବାବୁ, ଉପମହାପ୍ରବନ୍ଧକ(ବିଡି) ଶିବପଦ ନାୟକ, ଜେଡ୍‌ଆଇଏଡି ମୁଖ୍ୟ ଜଗଜୀବନ ମହାପାତ୍ର, ଭୁବନେଶ୍ୱର କ୍ଷେତ୍ରୀୟ ମୁଖ୍ୟ ଓ ଉପମହାପ୍ରବନ୍ଧକ ସତ୍ୟରଞ୍ଜନ ମହାପାତ୍ର, ଭୁବନେଶ୍ୱର ଅଞ୍ଚଳ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଯୋଗ ଦେଇଥିଲେ।


## Classified Everyday
0674-2580101, 9692975378




REAL ESTATE

SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି- 8327785834. D- 06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05



Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D- 76944



The massage felt totally professional & comfortable at all times- 7978109255. D-205

## AFFIDAVIT

By virtue of an affidavit sworn before Notary Public, Rayagada, affidavit No.- 15930, dated- 01.11.2025, I, TAUDU HIMIRIKA, AT- KAPADANGA,P.O.- GAJIGAON, P.S.- SESKHAL,DIST.- RAYAGADA, ODISHA- 765002 declare that I have changed the name of my daughter from HIMIRIKA NARJA to NARJOMANI HIMIRIKA. Henceforth, she shall be known as NARJOMANI HIMIRIKA for all purposes.
TAUDU HIMIRIKA
D-2466

By virtue of an affidavit sworn before Executive Magistrate, Jajpur, dated- 30.10.2024, I, Kaikeyee Sahu, Resident of At- Indaroi, P.O.- Erabanka, P.S.- Jajpur Sadar, Dist.- Jajpur, Odisha, PIN- 755017 declare that I have changed my name from Pokaya Sahu to Kaikeyee Sahu. Henceforth, I shall be known as Kaikeyee Sahu for all purposes.
Kaikeyee Sahu
D-2467

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କେମାମଣି ଦେଇ
ନେମରା (ନିମ୍ନ କ୍ଷେତ୍ର), ଶ୍ରୀ ବଳଦେବଜୀଉ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧।୧।୧୯୩୧
ତିରୋଧାନ: ୨୪।୧୦।୨୫
(କାର୍ତ୍ତିକ ଶୁକ୍ଳ ତୃତୀୟା)
ବୋଉ, ତୁ ମୋ କୋଳରେ ଶୋଇ ଜଗନ୍ନାଥ.. ଜଗନ୍ନାଥ କହୁ କହୁ ଯେ, ଚିର ନିଦ୍ରିତା ହୋଇଯିବୁ ଭାବି ପାରୁନି। ତୋ ଅବର୍ତ୍ତମାନରେ ତୋ ଆଧ୍ୟାତ୍ମିକ ଚିନ୍ତାଧାରା, ନିଷ୍କପଟ ସ୍ନେହ, ମମତା, ପ୍ରେମଭାବ, କର୍ମ ପ୍ରବଣତା, ସହନଶୀଳତା ଓ ସାମୂହିକ ପ୍ରତିବଦ୍ଧତା ସ୍ମୃତିରେ ଅମଳିନ ରହିବ। ତୋ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗନ୍ନାଥଙ୍କୁ ଅଶ୍ରୁଳ ନିବେଦନ କରୁଛୁ।
ଶୋକାକୁଳ: ଅମିୟ,ମଞ୍ଜୁ, ରୁଚିର, ରମେଶ, ପ୍ରମୋଦ, ରଞ୍ଜୁ, ଟିମି, ଅଟୀ, କୁଟନ, ଅନୁରାଗ, ପପୁ, ସୋନି, ଶିତୁଲ, ପାର୍ଥ, ଆଲୋକ,ଶରତ, ଶିଶିର,ଜଗ, ହେମନ୍ତ ଓ ପ୍ରଦୀପ।
ଧ-୨୪୬୮

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସୌରଜଗତରେ ଅଜଣା ପରିବ୍ରାଜକ


ଦେବାଶିଷ ମହାନ୍ତି

''ଏଠାରେ ପ୍ରଶ୍ନ ଉଠେ ଯେ ଏହା ଅନ୍ୟ ମହାଜାଗତିକ ବସ୍ତୁମାନଙ୍କଠାରୁ କିପରି ସ୍ୱତନ୍ତ୍ର, ଯେଉଁଥିପାଇଁ ଏହା ବୈଜ୍ଞାନିକମାନଙ୍କ ମନରେ ଏତେ ଉତ୍କଣ୍ଠା ସୃଷ୍ଟି କରିଛି। ୩ଇ/ଆଟଲାସ ଅବିଶ୍ୱସନୀୟ ଭାବରେ ଦ୍ରୁତ ଗତିରେ ଗତି କରୁଛି , ଏତେ ଦ୍ରୁତ ଯେ ସୂର୍ଯ୍ୟର ଗୁରୁତ୍ୱାକର୍ଷଣ ମଧ ଏହାକୁ ଧରି ରଖିପାରିବ ନାହିଁ। ଏହା ପାଖକୁ ଆସିବା ସହିତ, ସୂର୍ଯ୍ୟକିରଣ ଏହାର ପୃଷ୍ଠକୁ ଉଷ୍ମ କରିଥାଏ, ଯାହାଫଳରେ ବରଫ ଏବଂ ଧୂଳି ବାଷ୍ପୀଭୂତ ହୋଇ ଏକ ଉଜ୍ଜ୍ୱଳ ଆଭା ମଣ୍ଡଳ ସୃଷ୍ଟି କରିଥାଏ, ଯାହାକୁ 'କୋମା' କୁହାଯାଏ।''

ଥରେ କଲେଜରୁ ଫେରି ଘରେ ବିଶ୍ରାମ ନେଉଥାଏ। ଏହି ସମୟରେ ପତ୍ନୀ ଲୋପାମୁଦ୍ରା ଫେସ୍‌ବୁକରେ ରିଲ୍ସ ଦେଖୁ ଦେଖୁ ହଠାତ ବିସ୍ମିତ ହୋଇପଡ଼ିଲେ ଓ ତାଙ୍କ ଚକ୍ଷୁ ଡୋଳା ବିସ୍ତାରିତ ହୋଇଗଲା। ସେ ଉତ୍ସାହିତ ହୋଇ ପଚାରିଲେ, ''ତୁମେ ଏ ଖବର ଦେଖିଲଣି ? ଖବର କହୁଛି ଯେ ଏକ ଏଲିଏନ ସ୍ପେସଶିପ ଆମ ସୌରମଣ୍ଡଳରେ ପ୍ରବେଶ କରିଛି! ସେମାନେ ଏହାକୁ '୩ଇ/ଆଟଲାସ' କହୁଛନ୍ତି। ଏହା ପ୍ରକୃତରେ କ'ଣ ?'' ମୁଁ ନ ହସି ରହିପାରିଲି ନାହିଁ। ଏହା ଏକ ଏଲିଏନ ସ୍ପେସଶିପ ନୁହେଁ, ମୁଁ ଉତ୍ତର ଦେଲି। 'କିନ୍ତୁ ହଁ – ଆମ ସୌରମଣ୍ଡଳରେ ପ୍ରକୃତରେ କିଛି ଆଶ୍ଚର୍ଯ୍ୟଜନକ ବସ୍ତୁ ପ୍ରବେଶ କରିଛି। ଏହା ଏ ସୌରଜଗତର ନୁହେଁ, ସେଥିପାଇଁ ତାହା ବୈଜ୍ଞାନିକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏହା ସମସ୍ତଙ୍କ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ବୋଲି ସେ ବିସ୍ମିତ ହୋଇ ପଚାରିଲେ। ତେବେ ଏହା ସାମାଜିକ ଗଣମାଧ୍ୟମରେ ପ୍ରଚାର ହେଉଥିବା, ଆମ ଉପରେ ଗୁପ୍ତଚର କରିବା ପାଇଁ ଆସିଥିବା ଏଲିଏନ ସ୍ପେସଶିପ ନୁହେଁ?'

ମୁଁ ସାମାନ୍ୟ ହସିକି କହିଲି, 'ନାଁ', ତୁମେ ଯେପରି ଭାବୁଛ ସେପରି ଏଲିଏନ ମହାକାଶ ଯାନ ନୁହେଁ। କିନ୍ତୁ ଏହା ଅନ୍ୟ ଏକ ତାରାମଣ୍ଡଳର ପରିଦର୍ଶକ – ଜଣେ ଅନ୍ତଃନକ୍ଷତ୍ରୀୟ ଯାତ୍ରୀ। ଏହାକୁ ଏକ ମହାଜାଗତିକ ବାର୍ତ୍ତାବାହକ ଭାବରେ ଭାବିବା ଯିଏ ଆମେ କେବେ ଦେଖିନଥିବା ଦୁନିଆରୁ ଅଜଣା ବାର୍ତ୍ତା ଆଣିଛି।' ଏହାଶୁଣି ଲୋପା ଉତ୍କଣ୍ଠାପୂର୍ଣ୍ଣ ନୟନରେ ମୋ ଆଡ଼କୁ ଅନାଇଲେ। ତାଙ୍କ ଉତ୍କଣ୍ଠା ଦେଖି, ଆମ ସମୟର ସବୁଠାରୁ ରୋମାଞ୍ଚକର ଆବିଷ୍କାର ମଧ୍ୟରୁ ଗୋଟିଏ



ବିଷୟରେ ମୋର ବ୍ୟାଖ୍ୟା ଆରମ୍ଭ କଲି। ୩ଇ/ଆଟଲାସ ଏକ ରହସ୍ୟମୟ ବସ୍ତୁ, ଯାହାର ଆଗମନ ଜ୍ୟୋତିର୍ବିଜ୍ଞାନୀ, ବୈଜ୍ଞାନିକ ଏବଂ ସାଧାରଣ ଜନତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଚିଲିରେ ଆଟଲାସ ସର୍ଭେ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଚଳିତ ବର୍ଷ ଜୁଲାଇ ୧ରେ ଆବିଷ୍କୃତ '୩ଇ/ଆଟଲାସ' ହେଉଛି ଆମର ସୌରମଣ୍ଡଳ ଦେଇ ଗତି କରୁଥିବା ତୃତୀୟ ଆନ୍ତଃନାକ୍ଷତ୍ରିକ ବସ୍ତୁ। ଏହାର ଏପରି ନାମକରଣ ହେବାର ଯଥାର୍ଥତା ହେଲା '୩ଆଇ' ର ଅର୍ଥ 'ତୃତୀୟ ଆନ୍ତଃନାକ୍ଷତ୍ରିକ,' (3rd interstellar) ଏବଂ 'ଆଟଲାସ' ହେଉଛି ଏହାକୁ ଖୋଜିଥିବା ଟେଲିସ୍କୋପର ନାମ। ଆମେ ଆକାଶରେ ଦେଖୁଥିବା ଅଧିକାଂଶ ବସ୍ତୁ – ଗ୍ରହ, ଧୂମକେତୁ, ଗ୍ରହାଣୁ , ଆମ ସୌରଜଗତ ପରିବାରର ଅଂଶ। ଏମାନେ କୋଟି କୋଟି ବର୍ଷ ଧରି ବିଶ୍ୱସ୍ତ ଭାବରେ ଆମର ସୂର୍ଯ୍ୟଙ୍କୁ ପରିକ୍ରମା କରୁଛନ୍ତି। କିନ୍ତୁ ୩ଇ/ଆଟଲାସ ଏମାନଙ୍କଠାରୁ ଭିନ୍ନ। ଏହା ସୂର୍ଯ୍ୟ ଚାରିପାଖରେ ପରିକ୍ରମା କରେ ନାହିଁ। ଏହା ଏକ ହାଇପରବୋଲିକ୍ ପଥ ଅନୁସରଣ କରି ଭ୍ରମଣ କରୁଛି। ତା'ର ଭ୍ରମଣ ପଥରେ ଆମ ସୌରଜଗତ ପଡ଼ିବାରୁ କିଛି ସମୟ ପାଇଁ ଏକ ଅଜଣା ସଂକ୍ଷିପ୍ତ ପରିଦର୍ଶକ ଭାବରେ ଆମ ସୌରଜଗତକୁ ବୁଲି ଆସିଛି। ତା'ର ଭ୍ରମଣ ସାରି ପୁଣି ବ୍ରହ୍ମାଣ୍ଡର ଅନନ୍ତ ଅନ୍ଧକାରକୁ ଫେରିଯିବ। ଏହାର ଆଗମନ ହେଉଛି ଏକ ବୋତଲରେ ଲୁକ୍କାୟିତ, ଦୂର ଦୂରାନ୍ତରର ଅନ୍ୟ ଗ୍ରହ ପ୍ରଣାଳୀ ବିଷୟରେ ସୂଚନା ବହନ କରିଥିବା ଏକ ବାର୍ତ୍ତା ପରି, ଯାହା ମହାଜାଗତିକ ସମୁଦ୍ର ଦେଇ ଭାସି ଯାଉଛି।

ଏଠାରେ ପ୍ରଶ୍ନ ଉଠେ ଯେ ଏହା ଅନ୍ୟ ମହାଜାଗତିକ ବସ୍ତୁମାନଙ୍କଠାରୁ କିପରି ସ୍ୱତନ୍ତ୍ର, ଯେଉଁଥିପାଇଁ ଏହା ବୈଜ୍ଞାନିକମାନଙ୍କ ମନରେ ଏତେ ଉତ୍କଣ୍ଠା ସୃଷ୍ଟି କରିଛି। ୩ଇ/ଆଟଲାସ ଅବିଶ୍ୱସନୀୟ ଭାବରେ ଦ୍ରୁତ ଗତିରେ ଗତି କରୁଛି, ଏତେ ଦ୍ରୁତ ଯେ ସୂର୍ଯ୍ୟର ଗୁରୁତ୍ୱାକର୍ଷଣ ମଧ ଏହାକୁ ଧରି ରଖିପାରିବ ନାହିଁ। ଏହା ପାଖକୁ ଆସିବା ସହିତ ସୂର୍ଯ୍ୟକିରଣ ଏହାର ପୃଷ୍ଠକୁ ଉଷ୍ମ କରିଥାଏ, ଯାହା ଫଳରେ ବରଫ ଏବଂ ଧୂଳି ବାଷ୍ପୀଭୂତ ହୋଇ ଏକ ଉଜ୍ଜ୍ୱଳ ଆଭା ମଣ୍ଡଳ ସୃଷ୍ଟି କରିଥାଏ ଯାହାକୁ 'କୋମା' କୁହାଯାଏ। ଯେତେବେଳେ ଚଳିତ ବର୍ଷ ଜୁଲାଇରେ ପ୍ରଥମେ ଏହା ଦେଖାଦେଇଥିଲା, ସେତେବେଳେ ଏହାର କୋମାର ରଙ୍ଗ ରକ୍ତିମ ଲାଲ ଥିଲା। ଏହାର ବାହ୍ୟ ପୃଷ୍ଠରେ ସୂର୍ଯ୍ୟକିରଣର ପ୍ରତିଫଳନ ଯୋଗୁ ସମ୍ଭବତଃ ଏହି ରଙ୍ଗ ଦେଖାଯାଉଥିଲା। ସେପ୍ଟେମ୍ବର ମାସ ବେଳକୁ ଲାଲ ରଙ୍ଗ ବଦଳରେ ଏହାର ପୃଷ୍ଠରୁ ସବୁଜ ରଶ୍ମୀ ନିର୍ଗତ ହେଲା। ବୈଜ୍ଞାନିକ ମାନଙ୍କ ମତରେ ଲକ୍ଷ ଲକ୍ଷ ବର୍ଷ ଧରି ଏହା ପୃଷ୍ଠରେ ଗଚ୍ଛିତ ଥିବା ଜୈବିକ ଅଣୁ ସୂର୍ଯ୍ୟ ରଶ୍ମୀ ସଂସ୍ପର୍ଶରେ ଆସିବା ଯୋଗୁ ବିଘଟନ ଘଟି ସୃଷ୍ଟି କରୁଥିବା ସାୟାନାଇଡ ଓ ଦୁଇ ପରମାଣୁ ବିଶିଷ୍ଟ ଅଙ୍ଗାରକ ଅଣୁ ଏହି ସବୁଜ ରଙ୍ଗ ଉତ୍ପନ୍ନ କରୁଛନ୍ତି। ଜେମ୍ସ ୱେବ ଦୂରବୀକ୍ଷଣ ଯନ୍ତ୍ର (JWST) ବ୍ୟବହାର କରି, ବୈଜ୍ଞାନିକମାନେ କିଛି ଆଶ୍ଚର୍ଯ୍ୟଜନକ ଜିନିଷ ପାଇଥିଲେ। ଏହାର କୋମା ଅସାଧାରଣ ଭାବରେ କାର୍ବନ ଡାଇଅକ୍ସାଇଡରେ ସମୃଦ୍ଧ ଏବଂ ସାଧାରଣ ଧୂମକେତୁ ତୁଳନାରେ ଏଥିରେ କମ ପାଣି ଅଛି। ଏହି ପାର୍ଥକ୍ୟ ସୂଚାଇ ଦିଏ ଯେ ଏହା ଏକ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ସୌରମଣ୍ଡଳରେ ହୁଏତ ଆମ ଠାରୁ ବିପରୀତ ପରିସ୍ଥିତିରେ ଅନ୍ୟ ଏକ ତାରା ଚାରିପାଖରେ ଗଠିତ ହୋଇଅଛି। କଥା ଏତିକିରେ ସରିନାହିଁ, ଯେତେ ଯେତେ ସେ ପାଖକୁ ଆସୁଛି, ସେତେ ବିସ୍ମୟକର ତଥ୍ୟ ସାମ୍ନାକୁ ଆସୁଛି। ତେଣୁ ତା'ର କାହାଣୀ ଆହୁରି ରୋମାଞ୍ଚକର ଓ ଅନିଶ୍ଚିତ ହେଇଯାଉଛି। ଏହି କ୍ରମରେ ଏପରି ଏକ ଆବିଷ୍କାର ଆସିଲା ଯାହା ବୈଜ୍ଞାନିକ ଜଗତକୁ ଚହଲ ପକାଇଲା। ସାମ୍ପ୍ରତିକ ଜେମ୍ସ ୱେବ ଦୂରବୀକ୍ଷଣ ଯନ୍ତ୍ର ତଥ୍ୟ ସୂଚାଇଲା ଯେ ୩ଇ/ଆଟଲାସ ଆଲୋକର ବେଗ ଅପେକ୍ଷା ଦ୍ରୁତ ଗତିରେ ଗତି କରୁଥିବା ପରି ମନେ ହେଉଛି! ଏକଥା ଶୁଣି ଲୋପାଙ୍କ ପାଟିରୁ ତତକ୍ଷଣାତ୍ ବାହାରି ଆସିଲା 'ଅସମ୍ଭବ!' ସେ ମୋତେ କହିଲେ, ଆଇନଷ୍ଟାଇନଙ୍କ ଆପେକ୍ଷିକ ତତ୍ତ୍ୱକୁ କ'ଣ ଭୁଲିଗଲ ? ଏହି ତତ୍ତ୍ୱ ଅନୁସାରେ କୌଣସି ବସ୍ତୁ ଆଲୋକ ଅପେକ୍ଷା ଦ୍ରୁତଗତିରେ ଯାଇପାରିବ ନାହିଁ ? ମୁଁ କହିଲି, ହଁ, ସେଥିପାଇଁ ବୈଜ୍ଞାନିକମାନେ ସତର୍କ ଅଛନ୍ତି। ଏହି ଅବିଶ୍ୱସନୀୟ ପର୍ଯ୍ୟବେକ୍ଷଣର ଅର୍ଥ ନୁହେଁ ଯେ ୩ଇ/ଆଟଲାସ ପ୍ରକୃତରେ ମହାଜାଗତିକ ଗତି ସୀମା ଭଙ୍ଗ କରୁଛି। ଏହା ଦ୍ରୁତ ଗତିରେ ଗତିଶୀଳ ଧୂଳି ଏବଂ ଗ୍ୟାସ ସହିତ ଆଲୋକର ପ୍ରତିକ୍ରିୟା ଯୋଗୁ ଦୃଷ୍ଟି ଭ୍ରମ ସୃଷ୍ଟି ପାଇଁ ହୋଇପାରେ କିମ୍ବା ଦୂରବୀକ୍ଷଣ ଯନ୍ତ୍ରର ସେନ୍ସରଗୁଡ଼ିକ ଗଣନାରେ କୌଣସି ତ୍ରୁଟି ଯୋଗୁ ମଧ ହୋଇପାରେ। ତଥାପି ଏହି ଆବିଷ୍କାର ପଦାର୍ଥ ବିଜ୍ଞାନର ଆମର ବୁଝାମଣାକୁ ଚ୍ୟାଲେଞ୍ଜ କରିଛି ଏବଂ ଅତିଶୟ କଠିନ ପରିସ୍ଥିତିରେ ପଦାର୍ଥର ଆଚରଣ ବିଷୟରେ ଅନେକ ନୂତନ ପ୍ରଶ୍ନ ସୃଷ୍ଟି କରିଛି। କୌଣସି ଅଦୃଶ୍ୟ ଶକ୍ତି ଏହାର ଗତିକୁ ନିୟନ୍ତ୍ରଣ କରୁଛି କି? ଆମେ ଜାଣିଥିବା ଭୌତିକ ବିଜ୍ଞାନର ନିୟମ ବାହାରେ ବି ଆହୁରି ଅନେକ କିଛି ଅଛି ଯାହାକୁ ଏହା ପ୍ରକାଶ କରିଛି, ଯାହା ଆମେ ଏବେ ଯାଏ ଜାଣି ନାହେଁ! (କ୍ରମଶଃ..)

–ବରିଷ୍ଠ ପ୍ରାଧ୍ୟାପକ ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ, ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୮୬୧୩୯୧୧୯୦

## ସହଜରେ ନିରୂପଣ ହେବ ଫୁସ୍‌ଫୁସ୍ କ୍ୟାନ୍‌ସର



କଥାରେ ଅଛି–'କ୍ୟାନ୍‌ସର ନୋ ଆନ୍‌ସର'। ହେଲେ ଚିକିତ୍ସା ବିଜ୍ଞାନ ଦିନକୁ ଦିନ ଯେଉଁଭଳି ଉନ୍ନତି କରୁଛି ତାକୁ ଆଧାର କରି ଏବେ କ୍ୟାନ୍‌ସର ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାକୁ ପ୍ରାରମ୍ଭରୁ ଚିହ୍ନଟ କରାଯାଇପାରୁଛି ଏବଂ କେତେକେ ଏଥିରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ ମଧ କରିପାରୁଛନ୍ତି। କିନ୍ତୁ ଏହାକୁ ଚିହ୍ନଟ କରିବାରେ ଯଦି ବିଳମ୍ବ ହେଲା ତେବେ ତାହା ସମସ୍ୟାକୁ ଆହୁରି ବଢ଼େଇ ଦେଇଥାଏ। ଏପରିକି କ୍ୟାନ୍‌ସର ଅକାଳ ମୃତ୍ୟୁର କାରଣ ସାଜିଥାଏ। ତେବେ ନିକଟରେ ସ୍ୱିଡେନ୍ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏପରି ଏକ ସଫ୍ଟୱେର ଉଦ୍ଭାବନ କରିଛନ୍ତି ଯାହାଦ୍ୱାରା ଫୁସ୍‌ଫୁସ୍ କ୍ୟାନ୍‌ସରକୁ ସହଜରେ ଚିହ୍ନଟ କରିହେବ। ଏହାକୁ ପ୍ରାଥମିକ ସ୍ତରରେ ପରୀକ୍ଷା କରାଯାଇ ସେଥିରୁ ସଫଳତା ମିଳିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେବେ 'କ୍ୟୁରେ ଏଆଇ' ନାମକ ଏହି ସଫ୍ଟୱେର କିପରି ଆହୁରି ଉନ୍ନତମାନର ହେବ ସେ ନେଇ ଚେଷ୍ଟା ଜାରି ରହିଛି।


## ବ୍ରେକ୍‌ଫାଷ୍ଟରେ ଅନିୟମିତତା ହେଲେ...



ସକାଳର ପ୍ରଥମ ଖାଦ୍ୟ ହେଉଛି ବ୍ରେକ୍‌ଫାଷ୍ଟ। ଏହାକୁ ନିୟମିତ ଖାଇବା ଦରକାର। ତଟକା ଫଳମୂଳ, ଜୁସ୍, ସାଲାଡ ଆଦିକୁ ଏଥିରେ ସାମିଲ କରନ୍ତୁ। କିନ୍ତୁ ଯଦି ଏଥିରେ ଅନିୟମିତତା ଦେଖାଯାଏ ତେବେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ବିଶେଷଭାବରେ ଏହି ସମସ୍ୟା ଲାଗି ରହିଲେ ତାହା ଭବଷ୍ୟତରେ ରକ୍ତଚାପ ବା ବ୍ଲଡପ୍ରେସର ସୃଷ୍ଟି କରିବାର ଆଶଙ୍କା ରହିଛି। ବ୍ରେକଫାଷ୍ଟ ବିଷୟରେ ଅଧିକ ତଥ୍ୟ ଜାଣିବାକୁ ହୋଇଥିବା ଏକ ସର୍ଭେରେ ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିବାକୁ ପାଇଥିଲେ। ବ୍ରେକ୍‌ଫାଷ୍ଟରେ ଅନିୟମିତତା ଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନଙ୍କର ରକ୍ତଚାପ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ରକ୍ତଚାପର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ନିୟମିତ ବ୍ରେକ୍‌ଫାଷ୍ଟ ଖାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଦୃଷ୍ଟିଶକ୍ତି ବଢ଼ାଏ ଗାଜର

ଆମେ ଖାଉଥିବା ବିଭିନ୍ନ ପନିପରିବାରେ ଅନେକ ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ସବୁଜ ପନିପରିବାରେ ଭିଟାମିନ୍ ପ୍ରଚୁର ପରିମାଣରେ ଅଛି। ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ସ, ଫାଇବର୍ ଓ ଆଣ୍ଟି ଅକ୍ସିଡ଼ାଣ୍ଟ ଉପାଦାନ ଭରିହୋଇ ରହିଛି। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଅସ୍ଥି ଓ ମଜ୍ଜାକୁ ଶକ୍ତ କରିଥାଏ। ଗାଜରର ଆଉ ଏକ ଉପକାରୀ ଗୁଣ ରହିଛି। ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଥିବା କାରୋଟିନ୍ ନାମକ



ଏକ ଉପାଦାନ ଥିବାରୁ ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପଯୋଗୀ। ଏହା ସୂର୍ଯ୍ୟକିରଣଠାରୁ ଆଖିକୁ ରକ୍ଷା କରିଥାଏ। ଅନ୍ୟପକ୍ଷରେ ଏଥିରେ ଭିଟାମିନ୍ 'ସି' ଭରି ରହିଛି। ନିୟମିତ ଗାଜର ଖାଇଲେ ସେଥିରେ ଥିବା ଆଣ୍ଟି ଅକ୍ସିଡ଼ାଣ୍ଟ ଗୁଣ ଡାଇବେଟିସ ଏପରିକି କ୍ୟାନ୍‌ସର ଆଶଙ୍କା କେତେକାଂଶରେ ଦୂର କରିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି। ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳନ ରଖିବା ଏହା ସାହାଯ୍ୟ କରିବା ସହ ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖେ। ଗାଜର ମଧ ହାର୍ଟ ପାଇଁ ଉପକାରୀ। ଏହା ମଧ ଶରୀରର ଓଜନକୁ ସନ୍ତୁଳିତ ରଖେ। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ। ଏହାଦ୍ୱାରା ଦାନ୍ତମୂଳ ଜନିତ ସମସ୍ୟା କେତେକାଂଶରେ ଦୂର ହୋଇଥାଏ। କେଶମୂଳକୁ ମଧ ଏହା ଦୃଢ଼ ରଖିବାରେ ସାହାଯ୍ୟ କରେ।

## ମେଦବହୁଳତା କମାଏ ସନ୍ତୁଳିତ ଜୀବନଶୈଳୀ



ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ମେଦବହୁଳତା ଅନ୍ୟତମ। ବିଶେଷଭାବରେ ଅସନ୍ତୁଳିତ ଖାଦ୍ୟପେୟ ବ୍ୟତୀତ ଆଉ କେତେକ କାରଣ ଏଥିପାଇଁ ଦାୟୀ। ତେବେ ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ଗୋଟିଏ ଜିନିଷ ପ୍ରତି ଧ୍ୟାନ ଦେଇପାରନ୍ତି। ତାହା ହେଲା ସନ୍ତୁଳିତ ଜୀବନଶୈଳୀ। 'ମେଦବହୁଳତା ଏବଂ ସନ୍ତୁଳିତ ଜୀବନଶୈଳୀ' ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। ଏହି ସମୟରେ ସେମାନେ ମେଦବହୁଳତା ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ସେମାନଙ୍କର ଜୀବନଶୈଳୀକୁ ସନ୍ତୁଳିତ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ଏହାର ପ୍ରଭାବ ସେମାନଙ୍କର ମେଦ ବହୁଳତା ଉପରେ କିପରି ପଡୁଛି ତାହାକୁ ନିରୀକ୍ଷଣ କରାଯାଇଥିଲା। ପରିଶେଷରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତଙ୍କର ଓଜନ କେତେକାଂଶରେ ନିୟନ୍ତ୍ରଣକୁ ଆସିଥିଲା ବୋଲି ରିପୋର୍ଟରୁ ଜଣାପଡିଛି। ଏହାସହ ଖାଦ୍ୟପେୟ ଏବଂ ବ୍ୟାୟାମ ଉପରେ ଧ୍ୟାନ ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଜାଣି ରଖନ୍ତୁ



➔ନିଜ ଶରୀରରେ କୋଲେଷ୍ଟରଲ ପରିମାଣ ଯେପରି ସବୁବେଳେ ସନ୍ତୁଳିତ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏଥିପାଇଁ ବିଶେଷଭାବରେ ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଏବଂ ଫାଷ୍ଟଫୁଡ୍ ଯେତେ କମ୍ ଖାଇବେ ସେତେ ଭଲ।

➔ନିୟମିତ ସମୟ ବ୍ୟବଧାନରେ ନିଜ ଘରେ ରଖିଥିବା ଫାଷ୍ଟ–ଏଡ୍ ବକ୍ସ ଚେକ୍ କରି ନିଅନ୍ତୁ। ଘରେ ଯଦି କୌଣସି ମେଡିସିନ୍ ରଖିଛନ୍ତି ତେବେ ତାହାର ଏକ୍ସପାଏରି ତାରିଖ ବିଷୟରେ ଅବଗତ ହୁଅନ୍ତୁ।

➔ନିଜେ ସୁସ୍ଥ ରହିବା ଅନେକାଂଶରେ ନିଜ ଉପରେ ହିଁ ନିର୍ଭର କରିଥାଏ। ତେଣୁ ଏଥିନେଇ ନିଜ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ।

➔ବାହାର ଖାଦ୍ୟ ବିଶେଷ ଭାବରେ ଷ୍ଟ୍ରିଟ୍ ଫୁଡ୍ ସବୁବେଳେ ଖାଇବାର ଯଦି ଅଭ୍ୟାସ ଅଛି ତେବେ ଏହାକୁ ନିୟନ୍ତ୍ରଣକୁ ଆଣନ୍ତୁ।

➔ଯଦି ଡାକ୍ତରଙ୍କ ସହ ନିଜର କୌଣସି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରୁଛନ୍ତି ତେବେ ସେ ପଚାରୁଥିବା ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ଦିଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➢ନିଶାଦ୍ରବ୍ୟ ସେବନ ଏକ ଅଭ୍ୟାସରେ ପରିଣତ ହୋଇଯାଇଛି କି? ଯଦି ହଁ, ତେବେ ଏହାକୁ ତୁରନ୍ତ ବର୍ଜନ କରନ୍ତୁ। ଏଭଳି ଅଭ୍ୟାସ ମନକୁ ସାମୟିକ ଆନନ୍ଦ ଦେଇଥାଏ, ହେଲେ ପରୋକ୍ଷରେ ହୃଦ୍‌ଜନିତ ସମସ୍ୟା ଏପରି କି କ୍ୟାନ୍‌ସରର କାରଣ ମଧ ସାଜିଥାଏ।

➢ଯଦି ବ୍ୟାୟାମ କରୁଛନ୍ତି ତେବେ ଠିକ୍ ପରେ ପରେ ପାଣି କିମ୍ବା କୋଲ୍ଡ ଡ୍ରିଙ୍କସ ପିଅନ୍ତୁ ନାହିଁ। କିଛି ସମୟରେ ପାଣି ପିଅନ୍ତୁ।



➢ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ କିଛି ପରିମାଣର ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

➢ବୟସ ୫୦ ଟପିଥିଲେ ପ୍ରଥମେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ଶରୀର ସମ୍ପୂର୍ଣ୍ଣ ରୋଟିନ୍ ଚେକ୍‌ଅପ କରାଇ ନିଅନ୍ତୁ। କାରଣ ବୟସ ବଢ଼ିବା ସହ କେତେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି।

➢କୌଣସି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଯଦି ନିଜର ସବିଶେଷ ଜ୍ଞାନ ନାହିଁ ତେବେ ଅନ୍ୟମାନଙ୍କୁ ଏ ବିଷୟରେ ଉପଦେଶ ଦେବା ଠିକ୍ ନୁହେଁ।

➢ରାତିରେ ଶୋଇବା ପୂର୍ବରୁ ଭଲ ଭାବରେ ଗୋଡ଼, ହାତ ଏବଂ ମୁହଁ ଭଲ ଭାବରେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

➢ଶରୀରରେ ଜଳୀୟ ଅଂଶ ଯେପରି ପ୍ରଭାବିତ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଦିନକୁ ଅତିକମ୍‌ରେ ୨–୩ ଲିଟର ପାଣି ପିଇବା ଆବଶ୍ୟକ।

ନୋବେଲ ପୁରସ୍କାର-୨୦୨୫ (ରସାୟନ ବିଜ୍ଞାନ)

## ମେଟାଲ ଅର୍ଗାନିକ୍ ଫ୍ରେମ୍‌ୱାର୍କ


(ଶେଷ ଭାଗ)

### ସୁଷୁମୁ କିଟାଗାୱା

ସୁଷୁମୁ କିଟାଗାୱା ୧୯୫୧ ମସିହା ଜୁଲାଇ ୪ ତାରିଖରେ ଜାପାନର କ୍ୱିଟୋଠାରେ ଜନ୍ମଗ୍ରହଣ କରିଥିଲେ। ସେ କ୍ୱିଟୋ ବିଶ୍ୱବିଦ୍ୟାଳୟରୁ ରସାୟନବିଜ୍ଞାନରେ ଡକ୍ଟରେଟ (୧୯୭୯) ପ୍ରାପ୍ତ ହେଲା ପରେ କିଣ୍ଡାଇ ବିଶ୍ୱବିଦ୍ୟାଳୟ ଏବଂ ଟୋକିଓ ମେଟ୍ରୋପଲିଟାନ୍ କିଣ୍ଡାଇ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ତତ୍ପରେ ସେ କ୍ୱିଟୋ ବିଶ୍ୱବିଦ୍ୟାଳୟରେ ଯୋଗଦେଲେ (୧୯୯୮) ଏବଂ ବର୍ତ୍ତମାନ ସେଠାରେ 'ଡିଷ୍ଟିନ୍‌ଗୁଇସ୍‌ଡ ପ୍ରଫେସର' ପଦରେ ଅଧିଷ୍ଠିତ। ରସାୟନ ବିଜ୍ଞାନକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଲାଗି କିଟାଗାୱାଙ୍କୁ ମିଳିଛି ଚଳିତ ବର୍ଷର ନୋବେଲ ବ୍ୟତୀତ ଆହୁରି ଅନେକ ପୁରସ୍କାର ଓ ସମ୍ମାନ। ସେଗୁଡିକ ମଧ୍ୟରେ ରହିଛି–ଜାପାନ ସରକାରଙ୍କ 'ମେଡାଲ ଉଇଥ ପରପଲ ରିବନ୍, ହମ୍‌ବୋଲ୍‌ଟ ରିସର୍ଚ୍ଚ ପ୍ରାଇଜ ଏବଂ ଲେଓ ଇସାକେ ପ୍ରାଇଜ। ୨୦୧୩ ମସିହାରେ ସେ ରୟାଲ ସୋସାଇଟିର 'ଫେଲୋ' ରୂପେ ନିର୍ବାଚିତ ହୋଇଥିଲେ।

### ରିଚାର୍ଡ ରୋବସନ୍

ରିଚାର୍ଡ ରୋବସନ ୧୯୩୭ ମସିହା ଜୁନ୍ ୪ ତାରିଖରେ ଇଂଲଣ୍ଡର ଗ୍ଲୁସବର୍ଣ୍ଣଠାରେ ଜନ୍ମଗ୍ରହଣ କରିଥିଲେ। ୧୯୬୨ ମସିହାରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଏବଂ ପରେ କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି ଓ ଷ୍ଟନଫୋର୍ଡ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଗବେଷଣା କରିବା ପରେ ମେଲବୋର୍ଣ୍ଣ ବିଶ୍ୱବିଦ୍ୟାଳୟରେ ୧୯୬୬ରେ ଯୋଗ ଦେଇଥିଲେ। ସେଠାରେ ସେ ଏବେ 'ଏମିରେଟସ ପ୍ରଫେସର' ରୂପେ କାର୍ଯ୍ୟରତ। ଏହା ପୂର୍ବରୁ 'ବ୍ୟୁରୋ ଆୱାର୍ଡ' (୧୯୯୫) ଆଦି ପୁରସ୍କାର ଲାଭ କରିସାରିଥିଲେ। ତା'ସହ ଆମେରିକାନ୍ ଏକାଡେମୀ ଅଫ ସାଇନସେସ (୨୦୦୦) ଏବଂ ରୟାଲ ସୋସାଇଟିର 'ଫେଲୋ' ରୂପେ ନିର୍ବାଚିତ ହୋଇଥିଲେ।



### ଓମାର ୱାଘି

ଓମାର ୱାଘି ୧୯୬୫ ମସିହା ଫେବୃୟାରୀ ୪ ତାରିଖରେ ଜୋର୍ଡାନର ଓମାନ୍‌ଠାରେ ଏକ ଶରଣାର୍ଥୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ୧୫ ବର୍ଷ ବୟସରେ ଆମେରିକା ଚାଲିଯାଇଥିଲେ ଏବଂ ସେଠାରେ ତାଙ୍କର ଶିକ୍ଷା ଆରମ୍ଭ କରିଥିଲେ। ତାଙ୍କୁ ୧୯୯୦ ମସିହାରେ ଇଲିନଏସ୍ ଅର୍ବାନ–କ୍ୟାପେନ୍ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଡିଗ୍ରୀ ମିଳିଲା ପରେ ସେ ଆରିଜୋନା ଷ୍ଟେଟ ବିଶ୍ୱବିଦ୍ୟାଳୟ (୧୯୯୨–୧୯୯୮) ଏବଂ ମିଚିଗାନ ବିଶ୍ୱବିଦ୍ୟାଳୟରେ (୧୯୯୯–୨୦୦୦) ଅଧ୍ୟାପନା କରିଥିଲେ। ତତ୍ପରେ ସେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ, ବେରକେଲେରେ ଯୋଗଦେଲେ ଏବଂ ସେଠାରେ ଏବେ ମଧ ପ୍ରଫେସର ରୂପେ କାର୍ଯ୍ୟରତ। ଚଳିତ ବର୍ଷର ନୋବେଲ ପୁରସ୍କାର ପାଇଁ ମନୋନୀତ ହେବା ପୂର୍ବରୁ ସେ ରସାୟନ ବିଜ୍ଞାନରେ ଉଲ୍‌ଫ ପୁରସ୍କାର (୨୦୧୮), ସାକୋନି ମେଡାଲ (୨୦୦୪) ଏବଂ ଭିନ୍ ଫିଉଚର ପୁରସ୍କାର (୨୦୨୨) ପାଇସାରିଥିଲେ।

ଏହି ତ୍ରୟ ବୈଜ୍ଞାନିକଙ୍କ ଗବେଷଣା ବିଷୟରେ ନୋବେଲ ପୁରସ୍କାର କମିଟିର ଅଧ୍ୟକ୍ଷ ହିନେର ଲିଙ୍କେ କହନ୍ତି, ''ଏମ୍‌ଓଏଫ୍‌ରେ ରହିଛି ଏକ ବିଶାଳ ତଥା ବିସ୍ମୟକର ଭବିଷ୍ୟତ। ବିଭିନ୍ନ କ୍ଷେତ୍ରରେ ଏହାର ପ୍ରୟୋଗ ମାନବଜାତିର ବିଭିନ୍ନ କଲ୍ୟାଣକର କାର୍ଯ୍ୟରେ ନିୟୋଜିତ ହୋଇପାରିବ।''

–ପ୍ର. ରମେଶ ଚନ୍ଦ୍ର ପରିଡ଼ା
ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦




# ତୃତୀୟ ଟି୨୦ ଜିତିଲା ଭାରତ



ଉଇକେଟ ନେବାପରେ ଅର୍ଶଦୀପ ସିଂ (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ହୋବାର୍ଟ,୨।୧୧**

ଅର୍ଶଦୀପ ସିଂଙ୍କ ପ୍ରଭାବୀ ବୋଲିଂ ଓ ବ୍ୟାଟରଙ୍କ ମିଳିତ ପ୍ରଦର୍ଶନରେ ଏଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଟି୨୦ କ୍ରିକେଟ୍ ମ୍ୟାଚ୍‌କୁ ଭାରତୀୟ ଦଳ ୫ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ୧-୧ରେ ବରାବର ସ୍ଥିତିରେ ପହଞ୍ଚିଛି। ହୋବାର୍ଟ ଗ୍ରାଉଣ୍ଡରେ ଏହା ଘରୋଇ ଅଷ୍ଟ୍ରେଲିଆ ଦଳର ପ୍ରଥମ ପରାଜୟ। ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆସନ୍ତା ୬ ତାରିଖରେ ଗୋଲ୍ଡ କୋଷ୍ଟଠାରେ ଖେଳାଯିବ।

ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ୩ ଓଭର ମଧ୍ୟରେ ଅର୍ଶଦୀପ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ (୬) ଓ ଜୋଶ ଇଙ୍ଗଲିସ(୧)ଙ୍କୁ ଆଉଟ୍ କରି ସୂର୍ଯ୍ୟଙ୍କ ନିଷ୍ପତ୍ତିକୁ ଠିକ୍ ସାବ୍ୟସ୍ତ କରିଥିଲେ। ଅଧିନାୟକ ମିଚେଲ ମାର୍ଶ (୧୧) ଓ ଟିମ ଡେଭିଡ୍ ତୃତୀୟ ଉଇକେଟରେ ଦ୍ରୁତ ୫୯ ରନ ଯୋଡ଼ିଥିଲେ। ନବମ ଓଭରରେ ବରୁଣ ଚକ୍ରବର୍ତ୍ତୀ ଲଗାତର ଦୁଇ ବଲରେ ମାର୍ଶ ଓ ମିଚେଲ ଓୱେନ (୦)ଙ୍କୁ ପାଭିଲିଅନ ପଠାଇଥିଲେ। ବିସ୍ଫୋରକ ବ୍ୟାଟିଂ କରୁଥିବା ଡେଭିଡ୍‌ଙ୍କୁ ଶିବମ ଦୁବେ ବାଉଣ୍ଡ୍ରି ଲାଇନରେ ତିଳକ ବର୍ମାଙ୍କ ହାତରେ କ୍ୟାଚ୍‌ଆଉଟ୍ କରାଇଥିଲେ। ଡେଭିଡ୍ ୩୮ ବଲରେ ୭୪ (୮ ଚୌକା ଓ ୫ ଛକା) ରନ କରିଥିଲେ। ଶେଷ ଆଡ଼କୁ ଷ୍ଟୋଇନିସ ଓ ମାଥ୍ୟୁ ଶର୍ଟ ଷଷ୍ଠ ଉଇକେଟରେ ୬୪ ରନ ଯୋଡ଼ି ଦଳକୁ ଏକ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଷ୍ଟୋଇନିସ ୩୯ ବଲରେ ୬୪ (୮ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ଶର୍ଟ ୨୬ (୨ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୮୬ ରନ କରିପାରିଥିଲା। ଭାରତ ପାଇଁ ଅର୍ଶଦୀପ ୩, ଚକ୍ରବର୍ତ୍ତୀ ୨ ଓ ଦୁବେ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଭାରତକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ ଅଭିଷେକ ଶର୍ମା ଓ ଶୁବମନ ଗିଲ। ଅଭିଷେକ ୧୬ ବଲରେ ୨୫ (୨ ଲେଖାଏ ଚୌକା ଓ ଛକା) ଓ ଗିଲ ୧୫ ରନ କରି ଆଉଟ୍ ହୋଇଥିଲେ। ଅଧିନାୟକ ସୂର୍ଯ୍ୟକୁମାର ୧୧ ବଲରେ ୨୪ (୧ ଚୌକା ଓ ୨ ଛକା), ତିଳକ ବର୍ମା ୨୯ (୧ ଲେଖାଏ ଚୌକା ଓ ଛକା) ଓ ଅକ୍ଷର ପଟେଲ ୧୭ (୧ ଚୌକା) ରନ କରି ପାଭିଲିଅନ ଫେରିଥିଲେ। ୱାଶିଂଟନ ସୁନ୍ଦର ୨୩ ବଲରେ ୪୯ (୩ ଚୌକା ଓ ୪ ଛକା) ଓ ଜୀତେଶ ଶର୍ମା ୨୨ (୩ ଚୌକା) ରନ କରି ମ୍ୟାଚ୍ ଫିନିଶ୍ କରିଥିଲେ। ଭାରତ ୧୮.୩ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଅଷ୍ଟ୍ରେଲିଆ ପାଇଁ ନାଥନ ଏଲିସ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୨୦ ଓଭରରେ ୧୮୬/୬ (ଟିମ ଡେଭିଡ୍-୭୪, ମାର୍କସ ଷ୍ଟୋଇନିସ-୬୪, ମାଥ୍ୟୁ ଶର୍ଟ-୨୬*, ଅର୍ଶଦୀପ ସିଂ-୩/୩୫, ବରୁଣ ଚକ୍ରବର୍ତ୍ତୀ-୨/୩୩)। ଭାରତ: ୧୮.୩ ଓଭରରେ ୧୮୮/୫ (ୱାଶିଂଟନ ସୁନ୍ଦର-୪୯*, ତିଳକ ବର୍ମା-୨୯, ଅଭିଷେକ ଶର୍ମା-୨୫, ନାଥନ ଏଲିସ-୩/୩୬)।

## ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲ ସ୍କୋର ବୋର୍ଡ

**ଭାରତ ଇନିଂସ**
ସ୍ମୃତି ମନ୍ଧାନା-କ-ସିନାଲୋ ଜାଫା-ବୋ-୪୫
ଶେଫାଳି ବର୍ମା-କ-ସୁନ୍ ଲୁସ-ବୋ-ଆୟା ବଙ୍ଗା ଖାକା-୮୭
ଜେମିମା ରୋଡ୍ରିଗ୍ସ-କ-ଲାଉରା ଓଭାର୍ଡଟ-ବୋ-ଆୟାବୋଙ୍ଗା ଖାକା -୨୪
ହରମନପ୍ରୀତ କୌର-ବୋ-ନନ୍‌କୁଲୁଲେକୋ ମଲାବା-୨୦
ଦୀପ୍ତି ଶର୍ମା-ରନଆଉଟ-୫୮
ଅମନଜୋତ କୌର-କଟ୍ ଆଣ୍ଡ ବୋଲ୍ଡ-ନାଡିନ୍ ଡି'କ୍ଲର୍କ-୧୨
ରିଚା ଘୋଷ-କ-ଆନେରିଡେର୍କସନ-ବୋ-ଆୟାବୋଙ୍ଗା-୩୪
ରାଧା ଯାଦବ-ନଟ୍ ଆଉଟ୍-୩
**ଅତିରିକ୍ତ:**୧୫
**ମୋଟ :** (୫୦ ଓଭର/୭ ଉଇକେଟ) ୨୯୮।
ଉଇକେଟ ପତନ: ୧/୧୦୪, ୨/୧୬୬, ୩/୧୭୧, ୪/୨୨୩, ୫/୨୪୫, ୬/୨୯୨, ୭/୨୯୮।
**ବୋଲିଂ (ଦକ୍ଷିଣ ଆଫ୍ରିକା)**
ମାରିଜାନେ କାପ୍ ୧୦-୧-୫୯-୦
ଆୟାବୋଙ୍ଗା ଖାକା ୯-୦-୫୮-୩
ନନ୍‌କୁଲୁଲେକୋ ମଲାବା ୧୦-୦-୪୭-୧
ନାଡିନ୍ ଡି'କ୍ଲର୍କ ୯-୦-୫୨-୧
ସୁନ୍ ଲୁସ୍ ୫-୦-୩୪-୦
କ୍ଲୋ ଟ୍ରାୟନ୍ ୭-୦-୪୬-୧

## ଦ. ଆଫ୍ରିକା ରାଷ୍ଟ୍ରପତି ଭୁଲ୍ ଜର୍ସି ପିନ୍ଧିଲେ


**ନଭି ମୁମ୍ବାଇ,୨।୧୧**

ଭାରତ ବିପକ୍ଷରେ ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲ ଖେଳାଯିବା ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳକୁ ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ରପତି ସିରିଲ ରାମାଫୋସା ଦେଇଥିବା ଭିଡିଓ ବାର୍ତ୍ତାରେ ଏକ ବଡ଼ ଧରଣର ଭୁଲ୍ ନଜର ଆସିଥିଲା। ଉକ୍ତ ଭିଡିଓରେ ଖେଳାଳିଙ୍କୁ ରାଷ୍ଟ୍ରପତି ଉତ୍ସାହିତ କରୁଥିବା ବେଳେ ସେ କ୍ରିକେଟ ପରିବର୍ତ୍ତେ ଫୁଟବଲ ଦଳର ଜର୍ସି ପିନ୍ଧିଥିଲେ।

### କୌରଙ୍କ ଅଲୋଡ଼ା ରେକର୍ଡ

ଭାରତୀୟ ମହିଳା ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କ ଦୁର୍ଭାଗ୍ୟପୂର୍ଣ୍ଣ ଟସ୍ ହାରିବା ରେକର୍ଡ ବିଶ୍ୱକପ୍ ଫାଇନାଲରେ ମଧ୍ୟ ଜାରି ରହିଥିଲା। ଏହାକୁ ମିଶାଇ ଟୁର୍ନାମେଣ୍ଟରେ ସେ ୯ ମ୍ୟାଚ୍‌ରେ ଅଷ୍ଟମ ଥର ପାଇଁ ଟସ୍ ଜିତିବାରେ ବିଫଳ ହୋଇଥିଲେ।

## ବିବାହ ବନ୍ଧନରେ ରାଣୀ ରାମପାଲ



ପଙ୍କଜ ସରୋହାଙ୍କ ସହ ରାଣୀ ରାମପାଲ।

**ନୂଆଦିଲ୍ଲୀ, ୨।୧୧**

ଭାରତୀୟ ହକି ଆଇକନ ତଥା ପୂର୍ବତନ ଅଧିନାୟିକା ରାଣୀ ରାମ୍‌ପାଲଙ୍କ ବିବାହ ଏଠାରେ ରବିବାର ସମ୍ପନ୍ନ ହୋଇଛି। ସେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପଙ୍କଜ ସରୋହାଙ୍କୁ ବିବାହ କରିଛନ୍ତି। ବିବାହ ଉତ୍ସବରେ ଉଭୟଙ୍କ ପରିବାର ଏବଂ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ରାଣୀ ରାମପାଲ ହେଉଛନ୍ତି ଭାରତର ଜଣେ ଅନ୍ୟତମ ଜଣାଶୁଣା ସେଲିବ୍ରିଟି ଆଥଲେଟ। ତାଙ୍କ ଅଧିନାୟକତ୍ୱରେ ଭାରତୀୟ ମହିଳା ହକି ଦଳ ବିଶ୍ୱ ସ୍ତରରେ ଅନେକ ମାଇଲଖୁଣ୍ଟ ହାସଲ କରିଛି। ବିବାହ ପାଇଁ ନବବିବାହିତ ଦମ୍ପତିଙ୍କୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

# ପ୍ରମୋଦଙ୍କୁ ସ୍ୱର୍ଣ୍ଣ, ବ୍ରୋଞ୍ଜ ପଦକ

### ଇଣ୍ଡୋନେସିଆ ପାରା ବ୍ୟାଡ୍‌ମିଣ୍ଟନ



ପଦକ ସହ ଦୀପ ରଞ୍ଜନ ବିଷୋୟୀ ଓ ପ୍ରମୋଦ ଭଗତ।

**ଭୁବନେଶ୍ୱର, ୨।୧୧ (ତପନ ସ୍ୱାଇଁ)**

ଇଣ୍ଡୋନେସିଆର ସୋଲୋଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶାର ତାରକା ଖେଳାଳି ପ୍ରମୋଦ ଭଗତ ଡବଲ୍ସରେ ସ୍ୱର୍ଣ୍ଣ ଓ ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୁରୁଷ ଡବଲ୍ସରେ ଦୀପ୍ ରଞ୍ଜନ ବିଷୋୟୀଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ପୁରୁଷ ଡବଲ୍ସ ଫାଇନାଲରେ ସୁକାନ୍ତ କଦମ ଓ ପ୍ରମୋଦଙ୍କ ଯୋଡ଼ି ଇଣ୍ଡୋନେସିଆର ଡି. ଦ୍ୱିୟୋକୋ ଓ ଏଫ୍. ସେତିୱାନଙ୍କୁ ପରାସ୍ତ କରିଛନ୍ତି। ସେହିପରି ପ୍ରମୋଦ ଓ ମନୀଷା ରାମଦାସ ଯୋଡ଼ି ମିକ୍ସଡ ଡବଲ୍ସ ସେମିଫାଇନାଲରେ ଇଣ୍ଡୋନେସିଆର ଏଫ୍.ସେତିୱାନ ଓ କେ.ସାଦିୟାଙ୍କଠାରୁ ପରାଜିତ ହୋଇ ବ୍ରୋଞ୍ଜରେ ସନ୍ତୁଷ୍ଟ ହୋଇଛନ୍ତି। ପୁରୁଷ ଡବଲ୍ସ ସେମିଫାଇନାଲରେ ଦୀପରଞ୍ଜନ ବିଷୋୟୀ ଓ ମନୋଜ ସରକାରଙ୍କ ଯୋଡ଼ି ଇଣ୍ଡୋନେସିଆର ଡି. ଦ୍ୱିୟୋକୋ ଏବଂ ଏଫ୍ ସେତିୱାନଙ୍କଠାରୁ ହାରିଛନ୍ତି।

## ଟି୨୦ରୁ କେନ୍ ୱିଲିୟମସନଙ୍କ ଅବସର

**ଅକ୍‌ଲାଣ୍ଡ, ୨।୧୧ (ପି.ଟି.)**

ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ୫ ମ୍ୟାଚ ବିଶିଷ୍ଟ ସିରିଜ ପୂର୍ବରୁ ନ୍ୟୁଜିଲାଣ୍ଡର ଷ୍ଟାର ବ୍ୟାଟର ତଥା ପୂର୍ବତନ ଅଧିନାୟକ କେନ୍ ୱିଲିୟମସନ ରବିବାର ଅନ୍ତର୍ଜାତୀୟ ଟି୨୦ରୁ ଅବସର ଘୋଷଣା କରିଛନ୍ତି। ୱିଲିୟମସନ ତାଙ୍କ କ୍ୟାରିୟରରେ ନ୍ୟୁଜିଲାଣ୍ଡ ତରଫରୁ ୯୩ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ନିକଟରେ ସେ ୨୦୨୬ ସିଜନ ପାଇଁ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ରଣନୈତିକ ଉପଦେଷ୍ଟା ଭାବେ ନିଯୁକ୍ତି ପାଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପାଇଁ ନ୍ୟୁଜିଲାଣ୍ଡ ଦଳରେ ୩୫ବର୍ଷୀୟ ୱିଲିୟମସନଙ୍କୁ ସ୍ଥାନ ନ ମିଳିବା ପରେ ସେ ତାଙ୍କ ଅବସର ଘୋଷଣା କରିଛନ୍ତି।

# ଫଲୋଅନ ଆଶଙ୍କାରେ ଓଡ଼ିଶା

### ରଣଜୀ ଟ୍ରଫି, ରଶିଦଙ୍କ ଶତକ



ଶଟ୍ ଖେଳିବା ଅବସରରେ ଶେକ୍ ରଶିଦ (ଫଟୋ: ରାଜକିଶୋର ମହାନ୍ତି)।

**ଭୁବନେଶ୍ୱର, ୨।୧୧ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଶେକ୍ ରଶିଦଙ୍କ ଅପରାଜିତ ଶତକ ସହାୟତାରେ ଆନ୍ଧ୍ରପ୍ରଦେଶ ଘରୋଇ ଓଡ଼ିଶା ବିପକ୍ଷରେ ବୃହତ୍ ସ୍କୋର କରିଛି। ୪୭୫/୭ରେ ଆନ୍ଧ୍ର ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ଅନ୍ୟପକ୍ଷରେ ଓଡ଼ିଶା ପାରମ୍ପରିକଭାବେ ଚଳିତ ସିଜନରେ ନୈରାଶ୍ୟଜନକ ବ୍ୟାଟିଂ ଜାରିରଖି ୮୦ ରନ ମଧ୍ୟରେ ୪ ଉଇକେଟ ହରାଇ ଫଲୋଅନ ଆଶଙ୍କାରେ ପଡ଼ିଛି। ସ୍ୱସ୍ତିକ ସାମଲ ଖାତା ଖୋଲିପାରି ନଥିବାବେଳେ ଗୌରବ ଚୌଧୁରୀ ୪୮, ବାଦଲ ବିଶ୍ୱାଳ ୧ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୬ ରନକରି ଆଉଟ ହୋଇଛନ୍ତି। ଫଲୋଅନ ଏଡ଼ାଇବାକୁ ହେଲେ ଓଡ଼ିଶାକୁ ପ୍ରଥମ ଇନିଂସରେ ୩୨୫ରୁ ଊର୍ଦ୍ଧ୍ୱ ରନ କରିବାକୁ ହେବ। ଆନ୍ଧ୍ରର କାଭୁରି ସାଇତେଜା ଓ ସୌରଭ କୁମାର ୨ଟି ଲେଖାଏ ଉଇକେଟ ନେଇଛନ୍ତି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୨୨/୩ରୁ ଖେଳ ଆରମ୍ଭ କରିଥିବା ଆନ୍ଧ୍ର ପ୍ରଦେଶ ଦ୍ୱିତୀୟ ଦିବସରେ ମଧ୍ୟ ଦୃଢ଼ ବ୍ୟାଟିଂ ପ୍ରଦର୍ଶନ କରିଥିଲା। କରନ ସିନ୍ଦେ ଯଦିଓ ୩୨ ରନକରି ଆଉଟ ହୋଇଥିଲେ ଶେକ୍ ରଶିଦ କିନ୍ତୁ ଚମତ୍କାର ବ୍ୟାଟିଂ କରି ୧୪୦ ରନରେ ଅପରାଜିତ ରହିବା ସହ ଆନ୍ଧ୍ରକୁ ଏକ ବଡ଼ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ୭ ଓ ୮ ନମ୍ବର ବ୍ୟାଟର କେ.ଭି. ଶଶିକାନ୍ତ ଓ ସୌରଭ କୁମାର ଯଥାକ୍ରମେ ୪୬ ଓ ୬୯ ରନର ଯୋଗଦାନ ଦେଇଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସମ୍ବିତ ବରାଳ ଓ ଗୋବିନ୍ଦ ପୋଦ୍ଦାର ୨ଟି ଲେଖାଏ ଏବଂ ରାଜେଶ ମହାନ୍ତି, ତରାନୀ ସା ଓ ବାଦଲ ବିଶ୍ୱାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆନ୍ଧ୍ର ପ୍ରଦେଶ ପ୍ରଥମ ଇନିଂସ: ୪୭୫/୭/ଘୋଷଣା (ଶେକ୍ ରଶିଦ-୧୪୦*, ଶ୍ରୀକର ଭରତ-୯୩, ଅଭିଷେକ ରେଡ୍ଡୀ-୭୬, ସୌରଭ କୁମାର-୬୯, ସମ୍ବିତ ବରାଳ-୨/୮୫, ରାଜେଶ ମହାନ୍ତି-୧/୧୧୮, ତରନୀ ସା-୧/୫୩, ବାଦଲ ବିଶ୍ୱାଳ-୧/୧୧୩)। ଓଡ଼ିଶା ପ୍ରଥମ ଇନିଂସ: ୮୦/୪ (ଗୌରବ ଚୌଧୁରୀ-୪୮, ସନ୍ଦୀପ ପଟ୍ଟନାୟକ-୨୪*, କାଭୁରି ସାଇତେଜା-୨/୧୬, ସୌରଭ କୁମାର-୨/୨୦)।

# ୨୦୭ ପଦକ ସହ ଓଡ଼ିଶା ପ୍ରଥମ

### ଇଷ୍ଟଇଣ୍ଡିଆ କରାଟେ ଉଦ୍‌ଯାପିତ




ଇଷ୍ଟଇଣ୍ଡିଆ କରାଟେ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା ଓ ଅଫିସିଆଲମାନେ।

**ଭୁବନେଶ୍ୱର, ୨।୧୧ (ତପନ ସ୍ୱାଇଁ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ୫ମ ଇଷ୍ଟଇଣ୍ଡିଆ କରାଟେ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଆଣ୍ଡାମାନ ନିକୋବରରୁ ପାଖାପାଖି୭୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଓଡ଼ିଶା କରାଟେକାମାନେ ପ୍ରଭାବୀ ପ୍ରଦର୍ଶନ କରି ୭୪ ସ୍ୱର୍ଣ୍ଣ, ୫୭ ରୌପ୍ୟ ଓ ୭୬ ବ୍ରୋଞ୍ଜ ସହ ମୋଟ ୨୦୭ ପଦକ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛି। ପଶ୍ଚିମବଙ୍ଗ ୪୩ ସ୍ୱର୍ଣ୍ଣ, ୫୫ ରୌପ୍ୟ ଓ ୮୬ ବ୍ରୋଞ୍ଜ ସହ ଦ୍ୱିତୀୟ ଏବଂ ବିହାର ୧୩ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୪ ବ୍ରୋଞ୍ଜ ପଦକ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ତଥା ବରିଷ୍ଠ ଭାଜପା ନେତା ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ପୂର୍ବାଞ୍ଚଳ କରାଟେ ସଂଘର ସଭାପତି ହାନଶୀ ପ୍ରେମଜିତ ସେନ, ଓଡ଼ିଶା ରାଜ୍ୟ କରାଟେ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଗୌରୀ ମହାନ୍ତି, ଯୁଗ୍ମ ସମ୍ପାଦକ କାଳିପ୍ରସାଦ ନନ୍ଦ, ପ୍ରତିଷ୍ଠାତା ସଦସ୍ୟ ପ୍ରକାଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ବିଶ୍ୱକପ୍‌ରେ ମନ୍ଧାନାଙ୍କ ରେକର୍ଡ

**ନଭି ମୁମ୍ବାଇ, ୨।୧୧:** ଭାରତୀୟ ଓପନର ସ୍ମୃତି ମନ୍ଧାନା ମହିଳା ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ଭାରତୀୟ ବ୍ୟାଟର ଭାବେ ସର୍ବାଧିକ ରନ୍ କରିବାର ରେକର୍ଡ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ବିଶ୍ୱକପ୍ ଫାଇନାଲରେ ୪୫ ରନ ସହ ଏହି ବିଶ୍ୱକପ୍‌ରେ ସେ ୯ ମ୍ୟାଚ୍‌ରେ ୫୪.୨୫ ଆଭରେଜ ଓ ୯୯.୦୮ ଷ୍ଟ୍ରାଇକ୍‌ରେଟରେ ୪୩୪ ରନ କରିଛନ୍ତି।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ